ଜାନୁଆରୀ ୨୦୧୯
ମୂଲ୍ୟ : ୨୫ ଟଙ୍କା

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# ପ୍ରାଚୀ

Vol.-4, January 2019, Issue No. X
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**


## ଏଇ ସଂଖ୍ୟାରେ...


| କ୍ର.ନଂ. | ଲେଖକ/ଲେଖିକା | | ବିଷୟ | ପୃଷ୍ଠାଙ୍କ |
|---|---|---|---|---|
| ୧. | ହେମଲତା ସିଂହ | : | ଦୁଃଖର ସଂସାର ସୁଖର ଘର | ୭ |
| ୨. | ଲିଙ୍ଗରାଜ ନାଏକ | : | ପ୍ରଗତି ପଥେ ପ୍ରେମ | ୮ |
| ୩. | ଚମରା ଧରୁଆ | : | କାଳୀପୂଜାର ମହାତ୍ମ୍ୟ | ୧୩ |
| ୪. | ଅଭିମନ୍ୟୁ ମିଶ୍ର | : | ଅନ୍ଧ ପ୍ରଜାଙ୍କୁ ଦର୍ପଣ ରାଜା | ୧୬ |
| ୫. | ବୈଜୟନ୍ତୀ ଗିରି | : | ଅଳସ ଅପରାହ୍ଣ | ୧୯ |
| ୬. | ପୀତାମ୍ବର ନାଏକ | : | ଅଜା, ପୂରା ଫେଲ୍ | ୨୨ |
| ୭. | ବସନ୍ତ କୁମାର ଉତ୍ତରକବାଟ | : | ତିନୋଟି ମିନି ଗଳ୍ପ | ୨୩ |
| ୮. | ଡ. ନୃସିଂହ ଚରଣ ସାହୁ | : | ସମୁଦ୍ର, ପ୍ରୀତି ଓ ପ୍ରତିମା | ୨୫ |
| ୯. | ଦାମୋଦର ବେହେରା | : | ରେଜେଇ | ୨୭ |
| ୧୦. | ବିଦ୍ୟୁତ୍‌ପ୍ରଭା କର (ସ୍ୱାଇଁ) | : | ନିସ୍ତବ୍ଧ କାକଳି | ୨୮ |
| ୧୧. | ବନମାଳୀ ରଥ | : | ମିଛ କବଳରେ ସତ | ୩୨ |
| ୧୨. | ଉମାଶଙ୍କର ମିଶ୍ର | : | ଅହେତୁକ | ୩୩ |
| ୧୩. | ବଂଶୀଧର ଷଡ଼ଙ୍ଗୀ | : | ଏହା କ'ଣ ସତ୍ୟ... | ୩୬ |
| ୧୪. | ରଞ୍ଜନ କୁମାର ସାହୁ | : | ପଚାଶ ଟଙ୍କା | ୩୮ |
| ୧୫ | ଗୋପୀନାଥ ମିଶ୍ର | : | ସ୍ୱପ୍ନ ନାୟକ | ୩୯ |
| ୧୬. | ଡଃ. ବିଜୟ ଚନ୍ଦ୍ର ମହାରଣା | : | ଶ୍ରଦ୍ଧାର ସହ ସେବା | ୪୩ |
| ୧୭. | ଜୟଶ୍ରୀ ଦାସ | : | ଆଲୋକ | ୪୪ |
| ୧୮. | କବିତା ନନ୍ଦ | : | ତିମିର, ତୃଷ୍ଣା | ୪୬ |
| ୧୯. | ଉପେନ୍ଦ୍ର କୁମାର ବସ୍ତିଆ | : | ଜୀଅନ୍ତା ଶବର ବିଜ୍ଞାପନ | ୪୮ |

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ......................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ.......................................

ବ୍ୟାଙ୍କ୍......................................... ସ୍ଥାନ.....................................................

ତାରିଖ........................................ ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଦୁଃଖର ସଂସାର ସୁଖର ଘର

■ ହେମଲତା ସିଂହ

ବିଦେଇପୁର ଗ୍ରାମରେ ଜଣେ ଗରିବ ଲୋକଟି ରହୁଥିଲା, ତା'ର ନାମ ବିଶୁ ଏବଂ ତା'ର ସ୍ତ୍ରୀ ଓ ଦୁଇ ପୁଅ । ସେ ବଡ଼ ଦୁଃଖକଷ୍ଟରେ ମୂଲ ପାତି ଲାଗି ଚଳୁଥାଏ । ତାର ଦୁଇ ପୁଅ ଗାଁ ମୁଣ୍ଡ ବରଗଛ ପାଖ ସ୍କୁଲରେ ପଢୁଥାଆନ୍ତି । ଛୋଟ ପିଲା ଗୋଟିଏ ତୃତୀୟରେ ଓ ବଡ଼ଟି ପଞ୍ଚମରେ ପଢ଼େ । ବିଶୁ ଯେଉଁ ଦୁଇ ପଇସା ଆଣେ ସେଥିରେ ତାର ଗୁଜୁରାଣ ଚଳେ ନାହିଁ । ଦିନେ ଖାଇଲେ ଦୁଇ ଓଳି ଓପାସ । ଦିନେ ବିଶୁ କାମକୁ ଯାଇଥିଲା, ସେଠାରେ ତାକୁ ଜ୍ୱର ହେଲା । ସେ କାମରୁ ଫେରିଆସି ଘରେ ତାର ଘରଣୀକୁ କହିଲା, ମୁଁ କାମ କରିପାରିଲି ନାହିଁ, ଫେରିଆସିଲି ମୋତେ ଜର । ଏମିତିକି ସ୍ତ୍ରୀ ପାଖରେ ମଧ କାଣି କଉଡ଼ିଟି ନ ଥାଏ ଔଷଧ ଟିକେ ଆଣିବା ପାଇଁ । ସେହିପରି ଘରେ ପଡ଼ି ଥରୁଥାଏ ବିଶୁ । ତିନିଦିନ ହେଲାଣି ଛୁଆ ଦୁଇଟି ବି ଆଉ ସ୍କୁଲକୁ ଯାଉ ନ ଥାଆନ୍ତି । ମନମାରି ବସୁଥାନ୍ତି । ଘରେ ବି କିଛି ଖାଇବାକୁ ନାହିଁ ତା'ର ସ୍ତ୍ରୀ ଶାନ୍ତି ଛୁଆଙ୍କୁ ଧରି ବିଶୁ ପାଖରେ ବସିଥାଏ । ତା' ଆରଦିନ ରାତି ପାହି ସକାଳ ହେଲା, ବିଶୁ ବଡ଼ ପୁଅଟିକୁ ୧୨ ବର୍ଷ ହୋଇଥାଏ । ତା'ର ନାଁ ରମେଶ ଏବଂ ସାନ ପୁଅ ନା ଉମେଶ । ସାନ ପୁଅଟି ଭାରି ଚଗଲା । ବଡ଼ ପୁଅ ମାଆକୁ କହିଲା, ମାଆ ବାପାଙ୍କର ତିନିଦିନ ହେବ ଦେହ ଭଲ ହେଉନାହିଁ । ଆମେ କ'ଣ ଖାଇବା ଏବଂ ଔଷଧ କିପରି ଆଣିବା । ଔଷଧ ସିନା ଖାଇଲେ ବାପା ଭଲ ହେବେ । ବାପା ସିନା ଭଲ ହେଲେ ଆମକୁ ଖଟି ଆଣି ଖାଇବାକୁ ଯୋଗାଇଦେବେ । ନାହିଁ ମାଆ ମୁଁ ଆଉ ପାଠ ପଢ଼ିବି ନାହିଁ, ସାନ ଭାଇ ପଢୁ, ମୁଁ କାଲିଠାରୁ କାମ କରିବାକୁ ଯିବି । ଶାନ୍ତି ପୁଅକୁ ଧରି କାନ୍ଦିବାକୁ ଲାଗିଲା ଏବଂ ବୁଝାଇ କହିଲା, ବାପରେ ତୁ କ'ଣ କାମ କରିପାରିବୁ । ରମେଶ କହିଲା ହଁ ମାଆ, ବାପା ସିନା ବଡ଼ ବଡ଼ ପଥର ଟେକୁଥିଲେ ମୁଁ ତ ଛୋଟ ଇଟାଟି ଧରି ଉଠାଇପାରିବି । ଏହା କହି ଅଣ୍ଟାରେ ଗାମୁଛା ବାନ୍ଧି ରମେଶ କାମକୁ ବାହାରିଲା ଏବଂ ରାଜମିସ୍ତ୍ରୀ ସହିତ କାମ କଲା । ସେଥିରୁ ଯେଉଁ ପଇସା ଆଣିଲା, ବାପା ପାଇଁ ଔଷଧ ଆଣିଲା ଏବଂ କିଛିଦିନ ଦିନରେ କାମ କରେ, ରାତିରେ ପାଠ ପଢ଼େ । ପଢ଼ା ସେ ଛାଡ଼ିଲା ନାହିଁ, କି କାମ ବି ଛାଡ଼ିଲା ନାହିଁ । ସାନଭାଇକୁ ସ୍କୁଲକୁ ପଠାଇଲା ଏବଂ କେବେ କାମ କରେ ତ କେବେ ସ୍କୁଲକୁ ଯାଏ । ତା'ର ବାପା ଭଲ ହେଲାପରେ ରମେଶକୁ କହିଲା, ମୁଁ ତ ଭଲ ହୋଇଗଲିଣି, ତୁ ଏଥର ସ୍କୁଲକୁ ଯାଆ । କିନ୍ତୁ ରମେଶ କହିଲା, ବାପା ଯୋଡ଼ାକୁ ଘୋଡ଼ା ପାରେନା । ଦେହରେ ବଳ ଥିଲେ ବୁଦ୍ଧି ଆପେ ଆସିବ । ତୁମେ ଚିନ୍ତା କରନା, ତୁମେ କାମକୁ ଯା, ମୁଁ କିନ୍ତୁ ସ୍କୁଲକୁ ଯିବି । ରାତିରେ ପାଉଁରୁଟି ଭାଟିକୁ ଯାଇ ସେଥିରେ ଯେଉଁ ଦି' ପଇସା ଆଣିବି ଭାଇ ଆଉ ମୁଁ ପାଠ ପଢ଼ିବୁ ଏବଂ ତୁମେ ଦି'ପଇସା ଆଣିଲେ ଖୁସିରେ ଚଳିବା । ସାନଭାଇ କ୍ରମେ ବଡ଼ ହେଲା । ବଡ଼ ଭାଇଟି ବଡ଼ ହୋଇ ସେଇ ଗାଁ ସ୍କୁଲରେ ମାଷ୍ଟରଟି ହେଲା । ସାନଭାଇ ପାଠ ପଢ଼ି ଡାକ୍ତରଟି ହୋଇ କଟକ ସହରରେ ରହିଲା । କିଛିଦିନ ପରେ ବିଶୁ ଓ ଶାନ୍ତି ଦୁଇ ଭାଇକୁ ବିବାହ କରି ସୁଖଶାନ୍ତିରେ ରହିଲେ । କିନ୍ତୁ କେତେ ଦୁଃଖ କଷ୍ଟରେ ପିଲା ଦୁଇଟିକୁ ମଣିଷ କରି ଗଢ଼ି ପାରିଥିଲେ । ଏବେ ଦୁଇ ଭାଇ ମାଷ୍ଟର ଓ ଡାକ୍ତର ହୋଇ ଏବଂ ବାହାସାହା ହୋଇ ଖୁବ୍ ଆନନ୍ଦରେ ଅଛନ୍ତି । ମିଳିମିଶି ଦୁଇ ଭାଇ ସୁଖରେ ସଂସାର ଗଢ଼ି ପାରିଛନ୍ତି । ଦୁଃଖ କଲେ ସୁଖ ତୁମ ପଛରେ ଥିବ । ପିଲାଏ ତୁମେ ରମେଶ ଓ ଉମେଶଠାରୁ ଏହି ଭଲ ଗୁଣ ଶିଖ । ତୁମେ ଯଦି ଏହି ଭଲ ଗୁଣ ରମେଶ ଏବଂ ଉମେଶଠାରୁ ଶିଖିପାରିଲ, ତେବେ ତୁମେ ଭଲ ପିଲା ହୋଇପାରିବ ।

*ପତରାଜପୁର, ବାଲିଚନ୍ଦ୍ରପୁର, ଯାଜପୁର*

# ପ୍ରଗତି ପଥେ ପ୍ରେମ

■ ଲିଙ୍ଗରାଜ ନାଏକ

ନରହରିପୁର ଗାଁ । କେଉ ପୁରୁଣାକାଳରୁ ଏଠାରେ ପ୍ରତିଷ୍ଠିତ । ଏବେ ଗାଁ'ର ଲୋକସଂଖ୍ୟା ପନ୍ଦର ଶହରୁ କମ୍ ନୁହନ୍ତି । ଲୋକେ ଅଧିକାଂଶ ଚାଷୀବାସୀ, ମୂଳ ମଜୁରିଆ । ଜିଲ୍ଲାର ସୀମାନ୍ତରେ ଥିବାରୁ ଏଠାରେ ବେଶି କିଛି ଉନ୍ନତି ହେବାର ଦେଖାଯାଇନାହିଁ । ଜୀବନ ଜୀବିକା ପାଇଁ ଲୋକେ ଚାଷ ଆଉ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଚାକିରିଆ କହିଲେ, ଦୁଇ ଚାରିଜଣ ଶିକ୍ଷକ ଆଉ କିରାଣୀ । ଆଜିକୁ ପନ୍ଦର ବର୍ଷ ହେବ ଏଇଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟିଏ ପ୍ରତିଷ୍ଠା ହୋଇଛି । ଉଚ୍ଚ ବିଦ୍ୟାଳୟ ପଢ଼ିବାକୁ ଗଲେ ସାତ କିଲୋମିଟର ଚାଲି ଚାଲି କିମ୍ବା ସାଇକେଲରେ ଯିବାକୁ ପଡ଼େ । ଗାଁ'କୁ ଯିବାକୁ ହେଲେ କଚ୍ଚା ରାସ୍ତା ଦେଇ ଯିବାକୁ ହୁଏ । ଏହାର ପ୍ରଧାନ ପ୍ରତିବନ୍ଧକ ମଝିରେ ନାଳଟିଏ । ବର୍ଷାଦିନେ ନାଳ ପୁରିଗଲେ ଯିବାଆସିବା ବନ୍ଦ । କାଠିକର ପାଠ । ଲୋକେ ଘେରବନ୍ଦୀ ହୋଇ ରହନ୍ତି ।

ଏହି ଗାଁ'ର ବାସିନ୍ଦା ପ୍ରକାଶ । ଉଚ୍ଚଶିକ୍ଷିତ କହିଲେ ସେହି ଜଣକ । ଦୁଇ ବର୍ଷ ହେଲା, ବି.ଏସ୍.ସି. ପାସ୍ କରି ଘରେ ରହିଛି । ବୃତ୍ତି ପରେ ବୃତ୍ତି ପାଇ, ମାମୁଘରେ ରହି ପାଠ ପଢ଼ିଛି । ଆଜିକାଲି ଚାକିରି ମିଳିବା ତ ଦୁଷ୍କର କଥା । ଅନେକଥର ଇଣ୍ଟରଭ୍ୟୁର ସମ୍ମୁଖୀନ ହୋଇଛି । କିନ୍ତୁ ମୋଟାରକମର ପଇସା ଖର୍ଚ୍ଚ ନ କଲେ ମିଳୁଛି କେଉଁଠି ? ବାପା ରଘୁମଣିର ସମ୍ବଳ ନ ଥିବାରୁ ଖର୍ଚ୍ଚ କରିପାରୁନାହାନ୍ତି । ପାଞ୍ଚ ଏକର ଚାଷଜମିରୁ ଯାହା ମିଳେ କଷ୍ଟେମଷ୍ଟେ ଚଳିଯା'ନ୍ତି । ପ୍ରକାଶ କ୍ଷେତକୁ ଯାଇ ବାପା, ମା'ଙ୍କୁ ଚାଷ କାମରେ ସାହାଯ୍ୟ କରେ । ମନେମନେ ଭାବେ ତା'ର ଜୀବନଟା କ'ଣ ଏପରି କଟିଯିବ । କାରଖାନାକୁ ଗଲେ ତ ତିନି ହଜାରରୁ ଚାରି ହଜାର ମିଳିବ । ସେଥିରେ ପୁଣି ବାରଘଣ୍ଟା ହାଡ଼ଭଙ୍ଗା ପରିଶ୍ରମ । ନା ସ୍ୱାଧୀନ ଭାବରେ କିଛି ଗୋଟେ କରିବାକୁ ହେବ ।

ଶୀତଦିନ । ଧାନକଟା ହୋଇ ଅମଳ ହୋଇସାରିଲାଣି । ଏଣିକି ଲୋକେ ବିନା କାମଧାମରେ ସମୟ ଅତିବାହିତ କରୁଛନ୍ତି । ଦିନେ ସେ ସମସ୍ତଙ୍କୁ ଡାକି ଗୋଟାଏ ସଭା କଲା । ଆମ୍ଭେମାନେ ଯଦି କିଛି ଉଦ୍‌ଯୋଗ ନ କରିବା, ତା'ହେଲେ ଚାହିଁ ଚାହିଁ ଗଲା ବରଷେ ନୀତି ସିନା ହେବ, ସରକାରଙ୍କୁ ଚାହିଁବସିଲେ ଦିନ ସରିଯିବ । ଚାଲ, ଆମ ଗାଁ'ର ଝରିଆ ନାଳରେ ଗୋଟିଏ ମାଟିବନ୍ଧ ପକାଇ ପନିପରିବା ଚାଷ କରିବା । ବହୁଲୋକ ତା'ର କଥାକୁ ସମର୍ଥନ କଲେ; କିନ୍ତୁ କେତେକ ନାନା ଅସୁବିଧାର ଆଳ ଦେଖାଇ ନାମଞ୍ଜୁର କଲେ । ସେ ଯାହାହେଉ, ଶେଷରେ ବନ୍ଧ ପକାଇବା କାମ ଆରମ୍ଭ ହେଲା । ପାଞ୍ଚଦିନ ପରେ ପାଣି ଭରପୁର । ଜଳସେଚନ କରାଯାଇ ରାମ ପଧାନଙ୍କ ଟ୍ରାକ୍‌ଟରରେ ଚାଷ ଆରମ୍ଭ ହେଲା । ଭେଣ୍ଡି, କଖାରୁ, ଲାଉ, ଗୁଆଁର, ବାଇଗଣ, ବିଲାତି ବାଇଗଣ ଯାହାର ଯେମିତି ଇଚ୍ଛା ଚାଷ କରାଗଲା । ଗୋରୁଗାଈଙ୍କୁ ଆକଟ କରାଗଲା । ଚାରିପାଖରେ ଜଗୁଆଳି ରହିଲେ ଫଗୁଣ ମାସ ଶେଷସରିକି ବିକାବିକି ଆରମ୍ଭ ହେଲା । ଏତେବେଳେ ପନିପରିବା ଭାଉ ଟିକିଏ ବଢ଼େ । ତେଣୁ ସମସ୍ତେ ଭଲ ଦି'ପଇସା ରୋଜଗାର କଲେ । ଚାଷ ଆରମ୍ଭ ହେଲାକ୍ଷଣି ପ୍ରକାଶ ଉଠାଜଳସେଚନକୁ ଯାଇ ପମ୍ପ ଓ ନଳ ବ୍ୟବସ୍ଥା କରି ଆଣିଥାଏ । ତେଣୁ ପାଣି ମଡ଼ାଇବାର କୌଣସି ଅସୁବିଧା ରହିଲା ନାହିଁ । ଜ୍ୟେଷ୍ଠମାସ ବେଳକୁ ସମସ୍ତଙ୍କ ହାତରେ ପଇସା । ପାସ୍‌ବୁକ୍ ଖୋଲି ଜମା ରଖିପାରିଲେ ।

ତା'ର ପରବର୍ଷ ଲାଗିପଡ଼ି ଗୋଟିଏ ଆଡ଼ିବନ୍ଧ ସରକାରଙ୍କ ତରଫରୁ ନିର୍ମାଣ ହେଲା । ଆଉକିଛି ଅସୁବିଧା ରହିଲା ନାହିଁ । ସବୁଆଡ଼େ ଶାଗୁଆ । ଦିନ ମଜୁରିଆମାନେ ଆଉ ବାହାରକୁ ନ ଯାଇ କ୍ଷେତରେ କାମ କଲେ । କାହାରି ଘରେ ଚୂଲି ନ ଜଳୁଛି ଆଉ ସେପରି ଅସୁବିଧା ନାହିଁ । ଗାଁ'କୁ ଅଫିସରପାତିଙ୍କ ଯିବା ଆସିବା ଲାଗିଲା । ସେମାନେ ଅସୁବିଧାର ସମ୍ମୁଖୀନ ହୋଇ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଦେଲେ । ତା' ସାଙ୍ଗକୁ ରାସ୍ତା ନିର୍ମାଣ ମଧ୍ୟ ହେଲା । ଲୋକେ କହିଲେ, ଯାହାହେଉ ପ୍ରକାଶ ଆମ ଗାଁ'କୁ ଉଜାଳା କରିଦେଲା । କଥାରେ ଅଛି, 'ବୁଦ୍ଧି ଥିଲେ ଉପାୟ ଆପେ ଆପେ ଆସେ ।'

ସ୍ଥାନୀୟ ବି.ଡି.ଓ.ଙ୍କୁ କହି ପ୍ରକାଶ ଏବେ ଏକ କ୍ଲବ୍‌ଘର ନିର୍ମାଣ କଲାଣି । ତା'ର ସଭାପତି ପ୍ରକାଶ । ପ୍ରତି ପନ୍ଦର ଦିନରେ ଥରେ ସଭା ବସେ । ଭଲମନ୍ଦ ବିଚାର ହୁଏ । ପ୍ରଗତି ପାଇଁ ନୂତନ ଯୋଜନା କଥା ଆଲୋଚନା ହୁଏ । ଏବେ ଗ୍ରାମର ସ୍ତ୍ରୀ ଲୋକମାନେ ମଧ୍ୟ ଯୋଗଦେଲେଣି । ମୁଖିଆ ରାମଚନ୍ଦ୍ରଙ୍କ ଝିଅ

ସେମାନଙ୍କର ଲିଡର୍ । କଲ୍ୟାଣୀର ତତ୍ତ୍ୱାବଧାନରେ ଏବେ ବଡ଼ି, ପାମ୍ପଡ଼, ମସଲା, ସିଲେଇ ଟ୍ରେନିଂ ଚାଲିଛି । ସମୟ କାହିଁ ଘରେ ବସି ପରର ଛିଦ୍ର କଥା ବଖାଣିବେ । ଗ୍ରାମର ଏକ ଗୋଚର ଜମିରେ ଏବେ ଦୁଇଶହ ଫଳଗଛ, ଅନେକ ଔଷଧୀୟ ଗଛ ତଥା ବାଉଁଶ ଲଗାଯାଇଛି । ସମସ୍ତେ ମିଳିମିଶି ତା'ର ଯତ୍ନ ନିଅନ୍ତି । କଲମୀ ଗଛଗୁଡ଼ିକ ଫଳ ଧରିବା ଅବସ୍ଥାକୁ ଆସିଗଲାଣି ।

ଗାଁ'ର ସଫାସୁତୁରା ପ୍ରତି ଆଠଦିନରେ ଥରେ କରାଯାଏ । ତେଣୁ ମ୍ୟାଲେରିଆ, ଜ୍ୱର, କାଶ, ସର୍ଦ୍ଦି ଇତ୍ୟାଦି ହେଉନାହିଁ । କିଛି ହେଲେ ଆଶାଦିଦି କଲ୍ୟାଣୀ ଘର ଘର ଯାଇ ଦେଇଆସୁଛନ୍ତି । ସମସ୍ତଙ୍କ ମିଳିତ ଉଦ୍ୟମରେ ବର୍ତ୍ତମାନ ମଦୁଆ, ଚୋର, ଗୁଣ୍ଡାଗର୍ଦ୍ଦି ପ୍ରାୟ ଲୋପ ପାଇଗଲାଣି । ନଟକୁଟିଆ, କପଟିଆ ଲୋକେ ଯୋକ ମୁହଁରେ ଲୁଣ ଦେଲାଭଳିଆ ଚୁପ୍ ହୋଇରହିଲେଣି । ଗାଁ'ରେ କିଛି ଗଣ୍ଡଗୋଳ ହେଲେ ଆପୋଷ ମିଳାମିଶା ସୂତ୍ରରେ ସମାଧାନ ହୋଇଯାଏ । ଯିଏ କଥା ମାନେ ନାହିଁ, ପ୍ରାୟ ଏକଘରିଆ ହୋଇ ରହିଯାଏ । ଏବେ ଗାଁ'ରେ ନାନା ଉତ୍ସବ, ପର୍ବପର୍ବାଣି କରି ଖୁସି ମନାଉଛନ୍ତି । ତା' ଦେଖି ପଧାନ ବୁଢ଼ା କହେ, ଯାହାହେଉ ପ୍ରକାଶର ଉଦ୍ୟମରେ ଗାଁ'ଟା ଏବେ ହସିଉଠୁଛି । ଯେଉଁମାନେ ତାକୁ ଅଟ୍ଟହାସ କରୁଥିଲେ ସେମାନେ ତା' ସହିତ ସାମିଲ ହୋଇ କାମ କରୁଛନ୍ତି । ଏ ବର୍ଷ ଗାଁ'ରେ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ପାଖଆଖ ଗାଁ'ରୁ ପଚାଶ ଜଣ ପିଲା ନାମ ଲେଖେଇଲେଣି । ପ୍ରକାଶ ସେଇଠି ପ୍ରଧାନ ଶିକ୍ଷକ । ରୀତିମତ ଭାବରେ ଭଲ ଶିକ୍ଷାଦାନ ଚାଲିଛି । ତା' ଦେଖି ଉଚ୍ଚ କର୍ତ୍ତୃପକ୍ଷମାନେ ତାହାକୁ ସରକାରୀ ବିଦ୍ୟାଳୟରେ ପରିଣତ କରିବା ପାଇଁ ସୁପାରିଶ କରିଦେଲେଣି । ଗାଁ'ର କଂକ୍ରିଟ୍ ରାସ୍ତା ସବୁବେଳେ ସଫାସୁତୁରା । ସକାଳୁ ସକାଳୁ ସମସ୍ତେ ନିଜ ଘର ସାମନାକୁ ଝାଡୁମାରି ସଫା କରିଦିଅନ୍ତି । ତେଣୁ ସେହି ପଞ୍ଚାୟତ ସମିତିରେ ଆଦର୍ଶ ଗ୍ରାମ ରୂପେ ମନୋନୀତ ହୋଇସାରିଛି । ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ।

X X

X

ଆଜି ଗାଁ'ରେ ଗୋଟାଏ ଉତ୍ସବର ଦିନ । ସାଧାରଣତନ୍ତ୍ର ଦିବସ । ସକାଳ ପ୍ରହର ଆବାଳବୃଦ୍ଧବନିତା ତ୍ରିରଙ୍ଗା ପତାକା ଉଡ଼ାଇ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି । ଚାରିଟା ସମୟରେ ଜିଲ୍ଲା କଲେକ୍ଟର ଗାଁ ପରିଦର୍ଶନ କରିବେ । ତେଣୁ ତଳିଆ କର୍ମଚାରୀ, ବିଡ଼ିଓ, ତହସିଲଦାର, ପୋଲିସ୍ ସମସ୍ତେ ଆଗରୁ ଆସି ଉପସ୍ଥିତ ହେବେ । ତେଣୁ କାର୍ଯ୍ୟକ୍ରମ ଚାଲିଛି ବଡ଼ ଧୂମ୍‌ଧାମରେ । ପ୍ରକାଶ ଏବଂ କଲ୍ୟାଣୀ କିଛି ସ୍ୱାଗତ ସରଞ୍ଜାମ ଧରି ଚାଲିଛନ୍ତି । ଯାଉ ଯାଉ ଏମାନେ ମହାଦେଈଆଈ ସମ୍ମୁଖରେ ପଡ଼ିଗଲେ ।

ବୁଢ଼ୀ କହିଲା, ''ଏ ରାଧାକୃଷ୍ଣ ଯୋଡ଼ି ଜୁଆଳି କୁଆଡ଼େ ଯାଉଛ ଯେ ? କଲ୍ୟାଣୀ କହିଲା– ଏ ଆଈ ଏମିତି କଅଣ କହୁଛୁ ବା । ତୋ ମୁହଁରେ କ'ଣ ବାଡ଼ବତା ନାହିଁ ।

ମୁଁ କ'ଣ ମିଛ କହିଲି କି ଲୋ– ଲୋକେ ଯାହା କହୁଛନ୍ତି ସେଇୟା କହିଲି । ଏ ନରହରିପୁର ଗାଁ ହେଲା ଗୋପ । ଆଉ ତୁମେ ହେଲ ଏ ଗୋପପୁରର ରାଧାକୃଷ୍ଣ ।

ଆଉ ତୁ ହେଉଛୁ ଜଟିଆ ବୁଢ଼ୀ । ଖତେଇ ହୋଇ କହିଲା କଲ୍ୟାଣୀ । ହଁ, ଲୋ ହେଲା । ମୁଁ କ'ଣ ମନା କରୁଛି । ତୁମ ଦୁହିଁଙ୍କୁ ଦେଖିଲେ ମୋ ଛାତିଟା କୁଣ୍ଢେମୋଟ ହୋଇଯାଏ ।

ଅଲାଜୁକିଟା, ଆ ଯିବା ଆ ।

ପ୍ରକାଶ କହିଲା ଆ, ଆଈ ଯିବା । ସେଇଠି କେତେ କଥା ଶୁଣିବୁ । ହଁ, ତମ ବୁଢ଼ା ବୁଢ଼ୀଙ୍କ ବାର୍ଦ୍ଧକ୍ୟ ଭତ୍ତା କରିବା ବୁଝିଲୁ ।

ଭଲ ହେବରେ ନାତି । ବୁଢ଼ା ତ ଆଉ ଖଟିପାରୁନାହାନ୍ତି । ସେତେକ ହେଲେ ତେଲ ଲୁଣ ସଂସାରଟା କଷ୍ଟେ ମଷ୍ଟେ ଚଳିଯିବ ।

କଲ୍ୟାଣୀ କହିଲା, ''ତୋତେ କେତେ ବର୍ଷ ହେଲା କି ଆଈ । ତିନିକୋଡ଼ି ସାତ କି କେତେ ।

ତା'ହେଲେ ତ ନିଶ୍ଚୟ ମିଳିବ ।

ଆଉ ଅଜାର ?

ମୋ'ଠାରୁ ଦେଢ଼ବର୍ଷର ବଡ଼ ।

ହେଲା ହେଲା ଚାଲଯିବା ।

ତୁମେ ତ ସଜବାଜ ହୋଇ ଯାତରା ଦେଖିଯାଉଛ । ମୁଁ କ'ଣ ଏମିତି ଯିବି । ଭୁଆଷୁଣୀ ହୋଇ ଆସିବୁ ଯା, ଲୋକେ ତୋତେ ଦେଖିବେ, ମୋତେ ଆଉ କିଏ ଦେଖିବ ମ, ହାଡ଼ ଚମ ଡୁଡୁ ଡୁଡୁ । କୁହା କଖାରୁ ତୋତେ କିଏ ପଚାରୁ । ତୋର ଏ ନାଲି ଟୁକୁ ଟୁକୁ ଗୋଲାପୀ ଗାଲକୁ ଦେଖିଲେ ଭ୍ରମରମାନେ ଦଉଡ଼ି ଆସିବେ । କିରେ ପ୍ରକାଶ, ମୁଁ କ'ଣ ମିଛ କହୁଛି ।

ସତ ଆଈ ସତ । ଗୋଟାପଣେ ପାଚିଲା ଆମ୍ବ ।

ତୁମେ ନା ପ୍ରକାଶ ଭାଇ ଅଭିମାନ କରି କହିଲା, କଲ୍ୟାଣୀ । ଯା, ମୁଁ ଆଉ ତମ ସାଥିରେ ଯିବିନାହିଁ । ଖଣ୍ଡେ ଦୂରକୁ ଚାଲିଗଲା ସେ ।

ଆଲୋ ଏ, ରାଗିଗଲୁ କି କଲ୍ୟାଣୀ । ଚୁମ୍ବକ ଅଛି ଲୋ

ଟାଣିଆଣି ପକାଇ ଦେବ । ରୁହ, ରୁହ ତୁମ ଦୁଇଜଣଙ୍କର ହାତଗଣ୍ଠି ମୁଁ ଯଦି ନ ପକାଇଛି–

ଥାଉ ଆଈ ଥାଉ । ବର୍ତ୍ତମାନ ଯେ କେତେ କାମ । ଏଇଟା ଥଟ୍ଟା ତାମସାର ବେଳ ନୁହେଁ । ସେ ଯଦି ପ୍ରକୃତରେ ରାଗଯିବ ତେବେ ମୋର ଅଡୁଆ ଦେଖେ କିଏ ? ତମେ ଆସ ମୁଁ ଯାଉଛି ।

ମହାଦେଈ ଦଉଡ଼ି ଯାଇ କଲ୍ୟାଣୀର ହାତଧରି କହିଲା, 'ମୋତେ କ୍ଷମା କରିବୁ ଲୋ କଲ୍ୟାଣୀ । ଆଈ ନାତୁଣୀ କଥା ଭୁଲି ଯା । ଚାଲ ଯିବା ଚାଲ । ସତରେ କ'ଣ ତୁ ପ୍ରକାଶକୁ ଭଲପାଉନୁ ।'

କଲ୍ୟାଣୀ କହିଲା, ''ଆଲୋ ପ୍ରକାଶ ଭାଇ କ'ଣ ଭାବିବେ । ତାଙ୍କର ମନ ଅଛି କି ନାହିଁ କେ ଜାଣେ ।''

ଆଲୋ ଅଛି ମ । ମୁଁ ଯାହା ଅନୁମାନ କରୁଛି, ତୁମେ ହେଉଛ ବଡ଼ ଘର । ଗାଁ'ର ମୁଖିଆ । ତେଣୁ ସେ ଲାଜ ସରମରେ କିଛି କହୁନାହିଁ ।

ହଁ ଭାଗ୍ୟରେ ଯାହା ଥିବ ।

ମୁଁ ତୋର ବାପାଙ୍କୁ ଏ କଥା କହିବି ।

ନା ଆଈ ତାଙ୍କର ଯଦି ଇଚ୍ଛା ଥିବ, ସେ ବଳେ କହିବେ ନାହିଁ । ଆମେ ଆଗତୁରା କାହିଁକି ଯଚେଇ ହେବା । ଚାଲ ମିଟିଂ ବେଳ ହେଲାଣି । ସେ ଏକାକୀ କେତେ ହନ୍ତସନ୍ତ ହେଉଥିବେ ।

କଲେକ୍ଟର ସାହେବ ଆସିଲେ । ବାଜାଗାଜା ସହିତ ଫୁଲମାଳ ଦେଇ ସ୍ୱାଗତ କରାଗଲା । ସମସ୍ତେ ନିଜ ନିଜ ଆସନରେ ବସିଗଲା ପରେ ସ୍ୱାଗତ ସଙ୍ଗୀତ ଶୁଣାଗଲା । ସଭାରେ ରାମଚନ୍ଦ୍ର ପ୍ରଧାନ ସଭାପତି । ସଭାକାର୍ଯ୍ୟ ଆରମ୍ଭ । ସମସ୍ତ ଅତିଥିବୃନ୍ଦ ଜଣେ ପରେ ଜଣେ ତାଙ୍କର ସଂକ୍ଷିପ୍ତ ଭାଷଣ କହିଗଲେ । ସମସ୍ତଙ୍କ ମୁହଁରେ କଲ୍ୟାଣୀ ଆଉ ପ୍ରକାଶର ପ୍ରଶଂସା ।

କଲେକ୍ଟର ମହାଶୟ ତାଙ୍କର ଭାଷଣ ଆରମ୍ଭ କରି କହିଲେ, ''ଆମ ଦେଶର ସମସ୍ତ ଶିକ୍ଷିତ ଯୁବକ-ଯୁବତୀମାନେ ଏହିପରି ଆଗେଇ ଆସିଲେ ସୁନାର ଭାରତ ପୁଣି ଫେରିଆସିବ । ଶିକ୍ଷିତମାନେ କେବଳ ଚାକିରି ପଛରେ ଗୋଡ଼ାଇଲେ ସମସ୍ତଙ୍କୁ ଚାକିରି ମିଳିବା ସମ୍ଭବ ନୁହେଁ । ନିଜର ବୁଦ୍ଧି, ଜ୍ଞାନ ଓ ବିବେକକୁ ଖଟାଇ ଏପରି ଆଗେଇ ଆସିଲେ ନିଶ୍ଚୟ ସଫଳତା ମିଳିବ । ପ୍ରକାଶ ଓ କଲ୍ୟାଣୀ ଏହାର ଜ୍ୱଳନ୍ତ ଉଦାହରଣ । (କରତାଳି) ଆମ ଦେଶ ହେଉଛି କୃଷିପ୍ରଧାନ ଦେଶ । ପ୍ରାୟ ଶତକଡ଼ା ସତୁରି ଭାଗ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି । ଏମାନେ ଆମ ଦେଶର ୧ ୨ ୫ କୋଟି ଲୋକଙ୍କୁ ଅନ୍ନ ଯୋଗାଉଛନ୍ତି । ସର୍ବାଗ୍ରେ ସେମାନେ ଧନ୍ୟବାଦାର୍ହ ପାତ୍ର । ସୈନ୍ୟମାନେ ଯେପରି ଆମ ଦେଶକୁ ଜଗିରହି ରକ୍ଷା କରନ୍ତି, ସେପରି କୃଷକମାନେ ସମସ୍ତଙ୍କୁ ଖାଦ୍ୟ ଯୋଗାଇ ପୁଷ୍ଟ ଓ ବଳଶାଳୀ କରନ୍ତି । ଭାଗବତରେ କୁହାଯାଇଛି, ''ଅନ୍ନ ବିହୁନେ ଆୟୁଷ ହାନି, ଯୋଗ ସାଧିବ କାହା ଘେନି ।'' ଦେହରେ ଶକ୍ତି ଥିଲେ ସିନା ଆମେ ସବୁକିଛି କରିପାରିବା । ଦୁର୍ବଳ ଶକ୍ତିହୀନ ବ୍ୟକ୍ତି କୌଣସି କାମକୁ ଆଗଭର ହୋଇପାରେ ନାହିଁ । ମା' ଯେପରି ଆମକୁ ପୋଷେ ପାଳେ ଓ ବଡ଼ କରେ, ଏହି କୃଷକ ଭାଇମାନେ ଆମକୁ ପୋଷୁଛନ୍ତି । ଯେଉଁଦିନ କୃଷିକୁ ଅଗ୍ରାଧିକାର ଦିଆଯିବ, ସେଦିନ ଏ ଦେଶ ତରକି କରିବ । ଏହାର ଉଦାହରଣ ଏ ହରିପୁର ଗାଁ । (ତାଳି) ତେଣୁ ସରକାର ଏଥିରେ ପ୍ରୀତ ହୋଇ ଏହି ଗ୍ରାମକୁ ଆଦର୍ଶ ଗ୍ରାମ ହିସାବରେ ଦଶ ଲକ୍ଷ ଟଙ୍କା ପୁରସ୍କୃତ କରିଛନ୍ତି । ତାହାର ଚେକ୍ ମୁଁ ଶ୍ରୀମାନ୍ ପ୍ରକାଶବାବୁଙ୍କ ହାତରେ ସମର୍ପଣ କରୁଛି । (କରତାଳି) ସେ ଯାହା ଉଚିତ୍ ମନେକରିବେ ସରକାରଙ୍କ ଅନୁମୋଦନ କ୍ରମେ ଖର୍ଚ୍ଚ କରିପାରିବେ । ଭବିଷ୍ୟତରେ ଆହୁରି ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନ ଦିଆଯିବ । ପରିଶେଷରେ ପ୍ରକାଶବାବୁ, ଭଉଣୀ କଲ୍ୟାଣୀ ତଥା ଗ୍ରାମବାସୀମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇ ମୋର ବକ୍ତବ୍ୟ ଶେଷ କରୁଛି । ଧନ୍ୟବାଦ । ତା'ପରେ ସମସ୍ତେ ହରିବୋଲ ହୁଳହୁଳି ଦେଇ ବିଦାୟ ଦେଲେ ।

ପ୍ରକାଶ, କଲ୍ୟାଣୀ ଓ ଅନ୍ୟମାନେ ଦିଆ ଥୁଆ କରି ଜିନିଷପତ୍ର ସଜାଡ଼ିବା ବେଳକୁ ସନ୍ଧ୍ୟା । ଘର ବାହୁଡ଼ା ବେଳ । ନାନା କଳ୍ପନା କରି କରି ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳୁଛି । ବାଟରେ ଆସୁ ଆସୁ ପ୍ରକାଶ କହିଲା, ''କଲ୍ୟାଣୀ ତୁ ସତରେ କ'ଣ ଏ ଗାଁ ଛାଡ଼ି ଚାଲିଯିବୁ ।''

କିଏ କହିଲା, ମୁଁ ତ ସବୁଦିନ ପାଇଁ ଏ ଗାଁ'ରେ ରହିବି ।

କ'ଣ ଏମିତି ଅବିହାଡ଼ି ହୋଇ । ତୁ ଯଦି କହିବୁ ତୋ ପାଇଁ ମୁଁ ବରପାତ୍ର ଯୋଗାଡ଼ କରିଦେବି । ଆଚ୍ଛା କୁହ, ତୋର କିପରି ବରପାତ୍ର ଦରକାର ।

ତୁମ ପରି ।

ମୋ ପରି, ମୋ ପରି ଲୋକ ତ ଏ ଦୁନିଆଁରେ କେହି ନ ଥିବେ । ତୁମେ ତ ଅଛ, ଲାଜେଇ ଦଉଡ଼ି ପଳାଇଲା କଲ୍ୟାଣୀ ।

ମହାଦେଈବୁଢ଼ୀ ଧୀରେ ଧୀରେ ଆଗେ ଆଗେ ଯାଉଥାଏ । ସେ ଧଇଁସଇଁ ହୋଇ ତା' ହାତକୁ ଧରିନେଲା ।

ହଇଲୋ ଏ କ'ଣ ହେଲା କି ଲୋ । ବାଘ ହାବୁଡ଼ିଲା ଭଳିଆ ଭୟରେ ପଳାଉଛୁ ।

କିଛି ନାଇଁ  ଆଈ ! ଏମିତି ତୋ ସାଙ୍ଗରେ ଯିବି ବୋଲି ଆଇଲି ।

ଧେତ୍ ମୋତେ ଠକୁଛୁ । ନାଗରବର ତୋତେ କିଛି କହିଥିବ । ସେ କାହିଁ କହନ୍ତେ ମ ।

ତେବେ ?

ସେ ମୋ ପାଇଁ ବରପାତ୍ର ଖୋଜିଦେବି ବୋଲି କହୁଥିଲେ । ମୁଁ କହିଲି, ତୁମ ପରି ପାତ୍ରଟିଏ ହେଲେ ଯାଇ ବାହା ହେବି ।

ସେଇଠୁ ?

ସେଇଠୁ ଆଉ କ'ଣ ? ଲାଜରେ ପଳେଇ ଆଇଲି ।

ଆରେ ଯା, ଏକାଥରକେ ଶେଉଳ ଧରିଛୁ । ସତରେ କଲ୍ୟାଣୀ, ଧନ ସଂପଦ ନ ଥିଲେ କ'ଣ ହେଲା । ମଣିଷ ପରି ମଣିଷଟିଏ ସେ । କଥାରେ କହନ୍ତି ନାହିଁ– ''ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର ।

ଆଈ ବାପାଙ୍କୁ ଏ କଥା କହିବୁ ନାହିଁ । ଶୁଣିଲେ ଖରାପ ଭାବିବେ ।

ବିରାଡ଼ି ଆଖିବୁଜି କ୍ଷୀର ପିଇଲେ ସେ ଭାବୁଛି ମୋତେ କେହି ଦେଖୁନାହାନ୍ତି । କିନ୍ତୁ ଫୁଟିଲା ଫୁଲ କ'ଣ ବାସିବ ନାହିଁ । ହଉ ଯିବା ଚାଲ ।

ତା'ର ପରଦିନ ରାମଚନ୍ଦ୍ର ଘରକୁ ଯାଇଛି ମହାଦେଈ ମଧ୍ୟସ୍ଥି କରିବା ପାଇଁ । ଏ କଥା ସେ କଥା ହେଉ ହେଉ ମହାଦେଈ କହିଲା, ''ହଇରେ ରାମ; ଝିଅଟାକୁ ବାହା ଦେଉନୁ କାହିଁକି ? ଝିଅ ଘିଅ କେତେବେଳେ କେଉଁ କଥା । ଅବଶ୍ୟ ଆମର କଲ୍ୟାଣୀ ସେପରି ଝିଅ ନୁହଁ ।

ଶୁଣ ବଡ଼ମା ! ସେ ମୋର ଏକମାତ୍ର ଅଲିଅଳୀ କନ୍ୟା । ପିଲାଟିଦିନରୁ ମା' ଛେଉଣ୍ଡ । ମୁଁ ତା' ବିରୁଦ୍ଧରେ କେବେ କିଛି କହେନା । କେତେଥର ବାହା କଥା ପଡ଼ିଲାଣି । ମୋର ଭଲମନ୍ଦ ବୁଝିବା ବାହାନାରେ ବାଆଁରେଇ ଦିଏ । ଆଉ ମୋ ଆଖିରେ ସେମିତି ବର ପଡ଼ିନାହାନ୍ତି ।

ହଁ ଶୁଣ ମୋ କଥାକୁ ଯଦି ଖରାପ ନ ଭାବିବୁ, ତେବେ ପଦୁଟିଏ କହିବି ?

ତୁମେ ହେଉଛ ମୋର ବଡ଼ ମା' । ମା ସମାନ । କୁହ ।

ଆମ ସେ ରଘୁଆର ପୁଅ ମ, ପ୍ରକାଶ । ତୁ ତ ତାକୁ ଜାଣିଛୁ । ମୁଁ ଆଉ ଅଧିକା କ'ଣ କହିବି । ଜାତିଘରର ପିଲା । ଅବଶ୍ୟ ତୋ ଠାରୁ ଢେର୍ ଗରିବ । ହେଲେ ତା'ର ଚାଲିଚଳନ ତ ଦେଖୁଛୁ ।  ତାଙ୍କ ନାମରେ ଗାଁ'ରେ କେବେ ନ୍ୟାୟ ନିଶାପ ହୋଇନାହିଁ । ମୁଁ ଧନୀ ଗରିବ ଖୋଜୁନାହିଁ ବଡ଼ମା । ମୋର ସବୁ ସମ୍ପତ୍ତି ତ ତାହାର ହେବ । ମୋର ଦରକାର ଭଲ ପାତ୍ର ।

ସେଇଥିପାଇଁ ତ ମୋର ଏତେ ସରାଗ । ତା' ପରି ଭଲ ପାତ୍ର । କୋଟିକରେ ଗୋଟିଏ ମିଳିବେ । ତେବେ କଥା ପକାଉନୁ କାହିଁକି ? ସେମାନେ ଆଗ ଆସିଲେ ସିନା , ରାମ କହିଲେ ।

ଆରେ ବାବା ଏଇଠି ଇଜ୍ଜତ ମହତ ଜଗିଲେ ଚଳିବ ନାହିଁ । ସୁଯୋଗ ଥରେ ଆସେ । ଚାଲିଗଲେ ଆଉଥରେ ଆସେ ନାହିଁ । ଶେଷରେ କପାଳରେ କର ମାରିବା ସାର ହୁଏ । ସେମାନେ ଗରିବ ବୋଲି କଥା ପକାଇବା ପାଇଁ ସାହସ କରିପାରୁନାହାନ୍ତି । ତେଣୁ ଆଗ ଯାଅ ତୋ ସାଙ୍ଗରେ ମୁଁ ମଧ୍ୟ ଯିବି ।

କଲ୍ୟାଣୀକୁ ନ ପଚାରି –

ମୁଁ କ'ଣ ତାର ମନକଥା ନ ଜାଣି କହୁଛି । ବରଂ ସେ ଖୁସି ହେବ । ସେଦିନ କଥା ଏତିକି ।

ତା'ପରଦିନ ରାମଚନ୍ଦ୍ର ରଘୁନାଥ ଘରକୁ ସକାଳୁ ସକାଳୁ ଗଲେ । ତାଙ୍କୁ ଦେଖି ରଘୁନାଥ ଥ, ଥ, ମ, ମ ହୋଇଯାଉଥାଏ । ତରବରରେ ଖଟଟିଏ ଆଣି ପାରିଦେଇ ବସିବାକୁ ଅନୁରୋଧ କଲା । ଠିକ୍ ଏତିକିବେଳେ ମହାଦେଈ ପହଞ୍ଚି ଯାଇ ପିଣ୍ଡା ଉପରେ ବସିଲା । ହଇରେ ରଘୁଆ ଆଜି ବିଦୁର ଘରେ ଶ୍ରୀକୃଷ୍ଣ କୁଣିଆଁ । କ'ଣ କିଛି ଭୋଜିଭାତ ଅଛି କିରେ ?

ଭୋଜିଭାତ ନା ତ । ଭାଇ ଘରକୁ ଭାଇ ଆସିଛନ୍ତି । କ'ଣ ମନା ଅଛି । ଶ୍ରୀକୃଷ୍ଣ କେବେ କାହାଘରକୁ ଯାଏ ନାହିଁ । କିଛି ତ ମତଲବ ଥିବ । କିଛି ମାଗିଦେଲେ ଦେବୁ ତ ।

ଦେଖୁଛୁ ଗରିବ ଲୋକ । ଯଦି ଥିବ ନିଶ୍ଚୟ ଦେବି । ନ ଥିଲେ କାହୁଁ ଆଣିବି ।

ଅଛି ବୋଲି ତ! କହୁନୁ ରାମଚନ୍ଦ୍ର ।

ଶୁଣ ରଘୁଭାଇ । ମୋର ତ ଗୋଟିଏ ବୋଲି ଝିଅ । ତାକୁ ମୁଁ ଯାହି ତାହି ଯୁବକ ହାତରେ ଟେକିଦେବା ପାଇଁ ଚାହୁଁନାହିଁ । ମୋର ପସନ୍ଦ, ତୋର ପୁଅ ପ୍ରକାଶ ହାତରେ ଛନ୍ଦିଦେଲେ କେମିତି ହୁଅନ୍ତା ।

ମୋର ବଡ଼ ଅହୋଭାଗ୍ୟ ଯେ ତୁମ ପରି ବଡ଼ଲୋକ ଘରେ ବନ୍ଧୁ ବାନ୍ଧିବି । ମୁଁ ମନେ ଭାବୁଥିଲି କିଛି କାଳେ ଅଘଟଣ ଘଟିଯାଇଛି କି ? ଆଲୋ ପ୍ରକାଶ ବୋଉ ଶୁଣିବୁ ଆ, ରାମ ଦାଦା କ'ଣ କହୁଛନ୍ତି ଯେ । ଓଢ଼ଣାଟି ଟାଣିଦେଇ ବେଦମତୀ ଆସି ଓଳଗିଟିଏ ହେଲେ । ମହାଦେଈ କହିଲା, ''ତୁମର ଭାଗ୍ୟ ଖୋଲିଗଲା ଲୋ ବେଦମତୀ । ବାବୁ ଆମର ତୋ ପୁଅକୁ ଜ୍ୱାଇଁ କରିବେ ।

ଆମେ ତ ସାନଘର ବଡ଼ମା' । କଲ୍ୟାଣୀ ଯଦି ଆମଘରେ

ବୋହୂ ହୋଇ ଚଳିପାରିବ ତେବେ ଆମର ଆପତ୍ତି ନାହିଁ । କଥା ରହିଲା ପୁଅଝିଅ ଉପରେ । ସେମାନେ ଯଦି ରାଜି ତେବେ ଆମ ବୁଢ଼ା ବୁଢ଼ୀ ମୁଠିଏ ଖାଇଲେ ଖଣ୍ଡେ ପିନ୍ଧିଲେ ହେଲା ।

ଏହି ସମୟରେ ପ୍ରକାଶ ଆସି ପହଞ୍ଚିଗଲା । ତାକୁ ଦେଖି ମହାଦେଈ କହିଲା, ‘‘କିରେ ଜ୍ୱାଇଁ ପୁଅ କୁଆଡ଼େ ଯାଇଥିଲୁ କି ?

ଯାଇଥିଲି ସେ ମିଟିଂ ଶାଳକୁ । କେତେ ଜିନିଷ ରହିଯାଇଥିଲା ତ ତାକୁ ଦେଇଦେଇ ଆସିଲି ।

ଭଲ କଲୁ । କାହାର ଜିନିଷ ଯଦି ହଜି ନଶି ଯାଏ, ତା’ହେଲେ ଭରଣା ଦେବାକୁ ପଡ଼ିବ ।

ବଡ଼ ଅଡୁଆ କଥା ପଦେ କହିଲୁ ଆଈ । ବେଳେବେଳେ ତୋର ଥଟ୍ଟା ତାମସା ବୁଝି ହୁଏନାହିଁ । ମୁଁ କେମିତି ଜ୍ୱାଇଁ ହେଲି ମ ? ପ୍ରକାଶ କହିଲା ।

ମୋ ଜାଣିବା ଲୋକେ ଦେଖ ନା କଇଁଚ କାଢ଼ିଛି ବେକ । ଆରେ କଲ୍ୟାଣୀ, ହେଲା ମୋର ବଂଶାଳି ନାତୁଣୀ । ତୁ ହେବୁ ତା’ର ବର । ତେବେ ନାତୁଣୀ ଜ୍ୱାଇଁ ହେବୁ ନାହିଁ । ସମସ୍ତେ ହସିଲେ । ମୁଁ କହିଥିଲି ନା ତୁମକୁ ବାନ୍ଧିବି ବୋଲି । ଆଜି ସେ କଥାର ସାରଗାର ହେଲା । କହିଲୁ ତୋର ମତାମତ କ’ଣ ?

ମୋର ଆଉ କ’ଣ କହିବାର ଅଛି ଆଈ । ତୁମ୍ଭେମାନେ ଯାହା ଭଲ ଭାବିଛ ସେଇୟା । କିନ୍ତୁ ମୁଁ ଭାବିଛି ବିନା ଯୌତୁକରେ ବାହା ହେବି ବୋଲି ।

ଶୁଣ ପ୍ରକାଶ ମୁଁ କିଛି ଯୌତୁକ ଦେବିନାହିଁ । ସବୁ ସମ୍ପତ୍ତି ତୋ ନାମରେ ଉଇଲ୍ କରିଦେବି । ତୋର ବାପାର ସମ୍ପତ୍ତି ତୋର ଦୁଇ ଭଉଣୀ ଖାଇବେ । ସେଥିରେ ତୋର ଭାଗ ରହିବ ନାହିଁ । ସେମାନେ ମଧ୍ୟ ଆଜିଠାରୁ ମୋର ଝିଅ ସମାନ । ତାଙ୍କର ଭଲମନ୍ଦ ମୁଁ ବୁଝିବି ।

ମୋ ନାମରେ ଆପଣଙ୍କ କାଣିଚାଏ ସମ୍ପତ୍ତି ଉଇଲ୍ କରିବା ଦରକାର ନାହିଁ । ସେ ସମ୍ପତ୍ତି ଆପଣଙ୍କ ପରେ କଲ୍ୟାଣୀର ହେବ । ତା’ର ସ୍ୱାଧୀନତାରେ ମୁଁ କାହିଁକି ହସ୍ତକ୍ଷେପ କରିବି । ତା’ର ଇଚ୍ଛା ଯାହା ହେବ ତାହା କରିବ ।

ହେଲା ବାବା ହେଲା ରାମଚନ୍ଦ୍ର କହିଲେ ।

ବୁଝିଲୁ ରଘୁ, ଏ ହେଉଛି ମଣିକାଞ୍ଚନ ସଂଯୋଗ । ଯାହାର ପୂର୍ବ ସୁକୃତ ଥିଲେ ଏପରି ସୁଯୋଗ ମିଳେ । ତେବେ ଆଉ ଡେରି କାହିଁକି, ମିଠା ଦେ ।

ବେଦମତୀ ମିଠା ଇତ୍ୟାଦି ଆଣିଦେଲା । ଖୁସି ହୋଇ ସମସ୍ତେ ଖାଇଲେ ।

ଆଜି ନରହରିପୁର ଗାଁ ଉଠୁଛି ପଡୁଛି । ପ୍ରକାଶ ଆଉ କଲ୍ୟାଣୀର ବାହାଘର । ଗାଁ ସାରା ଏକ ହୋଇଯାଇଛନ୍ତି । କିଏ କେଉଁ କାମ କରୁଛି ତା’ର ହିସାବ ନାହିଁ । ସମସ୍ତଙ୍କ ରନ୍ଧାବଢ଼ା ବନ୍ଦ । ଏକାଠି ଖିଆପିଆ ମଉଜ ମଜଲିସ୍ । କିଏ ବରଯାତ୍ରୀ କିଏ କନ୍ୟାଘର ବାରି ହେଉନାହିଁ । ଗୀତ, ନାଚ କେତେ କଥା । ରାମଚନ୍ଦ୍ର ଜ୍ୱାଇଁଙ୍କୁ କେବଳ ଘଣ୍ଟାଟିଏ ଆଉ ସୁନାର ଚେନ୍ ପିନ୍ଧାଇ ଦେଲେ । ବାସ୍ ଏତିକି ।

କହିବା ବାହୁଲ୍ୟ ଯେ, ବିଭାଘର ପରେ ଉକ୍ତ ବିଦ୍ୟାଳୟର ସମସ୍ତ ଘରବାଡ଼ି ନିଜେ ରାମଚନ୍ଦ୍ରବାବୁଙ୍କ ତତ୍ତ୍ୱାବଧାନ ଓ ଖର୍ଚ୍ଚରେ ତିଆରି ହେଲା । ବିଦ୍ୟାଳୟର ନାମ ରହିଲା– ‘ରାମଚନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ, ନରହରିପୁର ।’

***ଚିଚିଣ୍ଡା, ବ୍ରଜରାଜନଗର, ଝାରସୁଗୁଡ଼ା***

# କାଳୀପୂଜାର ମହାତ୍ମ୍ୟ

■ ଚମରା ଧରୁଆ

ମଣିଷ ନିଜ ସ୍ୱାର୍ଥ ନିମନ୍ତେ ଅନେକ ଦେବାଦେବୀଙ୍କୁ ପୂଜା କରେ । ତାଙ୍କ ନିକଟରେ ନରବଳୀ ଦେବାର ଜନଶ୍ରୁତି ମଧ୍ୟ ରହିଛି । ରାମାୟଣ ବର୍ଣ୍ଣିତ ମହୀରାବଣ ମହାମାୟାବୀ ଓ ତାନ୍ତ୍ରିକ ଥିଲା । ଶ୍ରୀରାମ ଲକ୍ଷ୍ମଣଙ୍କୁ ନେଇଥିଲା ପାତାଳ ପୁରୀକୁ ମହାମାୟା ନିକଟରେ ବଳୀ ଦେବାପାଇଁ । କଥାରେ ଅଛି, ''ଯେ ଚିନ୍ତୁଥାଉ ପର ମନ୍ଦ, ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ ।'' ଦେବୀରୂପୀ ହନୁମାନଙ୍କ ନିର୍ଦ୍ଦେଶରେ ଶ୍ରୀରାମ ଓଲଟା ମହୀରାବଣକୁ ବଳୀ ଦେଇଥିଲେ ।

କନ୍ଧମାନେ ହଳଦୀକିଆରୀରେ ଦେଉଥିଲେ ନରବଳୀ । ସେମାନଙ୍କ ବିଶ୍ୱାସ ଥିଲା, ମଣିଷ ରକ୍ତ ଲାଲ । ତେଣୁ ହଳଦୀ ମଧ୍ୟ ଲାଲ ରଙ୍ଗ ଧାରଣ କରି ପ୍ରଚୁର ଭାବେ ଉତ୍ପନ୍ନ ହେବ । ଅନେକ ଲୋକ ନିଜ ଚରିତାର୍ଥ ପାର୍ଥ କାଳୀପୂଜାରେ ନରବଳି ଦେଉଛନ୍ତି । କିନ୍ତୁ ଏଭଳି ଜଘନ୍ୟ ଅମାନୁଷିକ କାର୍ଯ୍ୟ ସମାଜ ପ୍ରତି କଳଙ୍କ ଓ ବହୁ କ୍ଷତିକାରକ ।

ନରବଳୀକୁ ନେଇ ଏକ ସତ୍ୟ ଘଟଣା ଅବତାରଣ କରୁଛି । କିନ୍ତୁ ଏହା କରଣୀୟ ନୁହେଁ ।

ଲାଠେଇ ଗ୍ରାମରେ ଧନେଶ୍ୱର ମେହେରଙ୍କ ଘର । ପରିବାର କହିଲେ ବୃଦ୍ଧ ପିତାମାତା, ପତ୍ନୀ, ଦୁଇ ପୁଅ ଓ ଦୁଇ ଝିଅ । କିଛି ଚାଷଜମି, ଛୋଟ ରେଡିଓ ଦୋକାନ । କଷ୍ଟେ ମଷ୍ଟେ ଜୀବନ ଜୀବିକା ଚଳୁଥାଏ ।

ଧନେଶ୍ୱର ଜଣେ କାଳୀ ସାଧକ । କେତେକ ସହଯୋଗୀ ବନ୍ଧୁଙ୍କୁ ନେଇ ପ୍ରଥମ ବର୍ଷ ସେ କାଳୀପୂଜା କରାଇଥିଲେ । ବିଧିବିଧାନରେ ପୂଜା ଚାଲିଥାଏ । ପୂଜକ କଣ୍ଠରେ ଦେବୀଙ୍କ ମନ୍ତ୍ରଧ୍ୱନି । ମଣ୍ଡପ ସମ୍ମୁଖରେ ଶଙ୍ଖ, ଘଣ୍ଟ ବାଦ୍ୟ ନିନାଦ ଓ ହରିବୋଲ ହୁଳହୁଳି । ଜନତାଙ୍କ ଭିଡ଼ ଓ କୋଳାହଳ । ପ୍ରୋକ୍ତ ସମୟରେ ଜଳପୂର୍ଣ୍ଣ କଳସ ଉପରେ ଆମ୍ବଡାଳ ଓ ନାରିକେଳ । ହଠାତ୍ ଆପେ ଆପେ ତଳେ ନଇଁଗଲା । ସମସ୍ତେ ଉତ୍କଣ୍ଠା ସହିତ ଚାହିଁରହିଲେ । କେତେକ ଲୋକେ କହିଲେ, ଏ ଅଘଟଣ କାହିଁକି ? ଏହା କି ଅମଙ୍ଗଳସୂଚକ । ପୂଜକ କହିଲେ, ''ବ୍ୟସ୍ତ ହୁଅନାହିଁ । ଆମ ପାଇଁ ପରୀକ୍ଷାର ସମୟ । ମାଆଙ୍କ ପ୍ରତି ଆମର ଯଦି କଠୋର ଭକ୍ତି ଥାଏ, ପୂର୍ବ ପରି ଆପେ ଆପେ ଉଠିବ । ସତକୁସତ କିଯତ ସମୟ ପରେ କଳସୀଟି ଆପେ ଆପେ ଉଠିଗଲା । ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

ରାତି ପ୍ରାୟ ଏକ ଘଣ୍ଟା । ଜନଗହଳି ଧିମେଇ ଆସିଲା । ଶେଷବେଳକୁ ଥିଲେ ମାତ୍ର ଦଶ / ବାର ଜଣ ଭକ୍ତ । ପୂଜକ ଫୁସ୍‌ଫୁସ୍ କରି ତାଙ୍କ କାନରେ କିଛି କହିଲେ । ସମସ୍ତେ ନିର୍ବାକ୍ ହୋଇ ପୂଜକ ମୁଖକୁ ଚାହିଁଥା'ନ୍ତି । ଜଣେ ଭକ୍ତ କହିଲେ, ''ହେ ପୂଜକ ମହାଶୟ ! ମାଆ ଯେ ସନ୍ତାନବତ୍ସଳା । ସେ ସମସ୍ତଙ୍କ ଜନନୀ, ସେ ଖାଇବେ ସନ୍ତାନର ରକ୍ତ ? ଛାଗ, କୁକୁଡ଼ା, ବଳୀ ନ ଖାଇ ଖାଇବେ ମଣିଷର ରକ୍ତ ? ଏହା ତ ଅବାନ୍ତର କଥା । ପୂଜକ ଧୀର କଣ୍ଠରେ କହିଲେ, ମାଆ ପରୀକ୍ଷା କରନ୍ତି ତା' ସନ୍ତାନକୁ ତା ପାଇଁ କଠୋର ଭକ୍ତି ଅଛି କି ନାହିଁ ? ଥରେ କାଳୀ ସାଧକ ରାମକୃଷ୍ଣ ପରମହଂସ ମାଆଙ୍କ ସନ୍ତୋଷ ବିଧାନ ପାଇଁ ନିଜ ଜିହ୍ୱା ଛେଦନ କରିବାକୁ ବସନ୍ତେ ମାଆ ଆବିର୍ଭୂତା ହୋଇ କ୍ଷାନ୍ତ କରାଇଲେ । ଆପଣମାନେ ଯଦି ପ୍ରତ୍ୟକ୍ଷ ଦେଖିବାକୁ ଚାହାନ୍ତି ମୁଁ ନିଶ୍ଚିତଭାବେ ଦେଖାଇଦେବି । ଏ କଥା ଶୁଣି କେତେକ ଭକ୍ତ ଭଲରେ ସେ ସ୍ଥାନରୁ ପଳାୟନ କଲେ ।

ଧନୀରାମ ଜଣେ ନିର୍ଭୀକ ଲୋକ । ସେ ପ୍ରତିଶ୍ରୁତି ଦେଲେ, ମାଆ ପ୍ରତ୍ୟକ୍ଷ ଭାବେ ପ୍ରକଟ ହେବେ, ମୁଁ ନିଶ୍ଚୟ ନରବଳୀର ବ୍ୟବସ୍ଥା କରିବି । ସେ ସଙ୍ଗେ ସଙ୍ଗେ ଯାଇ ଦଶ / ବାର ବର୍ଷର ଜଣେ ପିଲାକୁ କଥାରେ ଭୁଲାଇ ଧରି ଆଣିଲେ । ସେ ନିରୀହ ପିଲାଟି ଜାଣି ନ ଥିଲା । ସେ ରାତି ତା' ପାଇଁ ଦୁର୍ଯୋଗ ସମୟ । ପିତାମାତା, ଭାଇଭଉଣୀର ମାୟାମୋହକୁ ଛିଣ୍ଡାଇ ସେ ଚାଲିଯିବ ଆରପୁରୀକୁ ।

ପିଲାଟି ମାଆଙ୍କ ଆଗରେ ଭୂମିଷ୍ଠ ଦଣ୍ଡ ପ୍ରଣାମ କଲା । ଏଇ ଅବସରରେ ମେହେର ବୁଢ଼ା ହାତରେ ଖଣ୍ଡା ତା' ବେକ ଓ ମୁଣ୍ଡକୁ ଦୁଇଗଡ଼ କରିଦେଲା । ରକ୍ତ ଜୁଡୁବୁଡୁ ହେଲା ସେହି ସ୍ଥାନଟି । ସେତେବେଳେ ପୂଜକ କଣ୍ଠରେ ଶୁଭୁଥିଲା 'ଓଁ ମା କାଳୀ: କରାଳୀ, ନୃମୁଣ୍ଡ ମାଳିନୀ, ଟହ ଟହ ହାସିନୀ ରକ୍ତମୁଖୀ, ରକ୍ତାମ୍ବରୀ, ଖାଆ ମା ଖାଆ, ଏ ପିଲାର ତାଜା ରକ୍ତ ଖାଆ । ଆହା କି ମର୍ମନ୍ତୁଦ ଦୃଶ୍ୟ । ମଣିଷ ପ୍ରତି ମଣିଷର ଏ ନିର୍ଦ୍ଦୟ, ନିଷ୍ଠୁର ଆଚରଣ ? କେଡ଼େ ସ୍ୱାର୍ଥପର ଏମାନେ । ଏହା ତା'ର ଜ୍ୱଳନ୍ତ ପ୍ରମାଣ ।

ତା'ପରେ ନିସ୍ତବ୍ଧତା, ସତେଯେମିତି କାଳରାତ୍ରିର ରାଜୁତି । ଶବକୁ ଧଳା କପଡ଼ାରେ ଆଚ୍ଛାଦିତ କରି ସଙ୍ଗେ ସଙ୍ଗେ ନିଆଗଲା

ଶ୍ମଶାନକୁ । ବାଟରେ କଥୋପକଥନ ରତ ଦୁଇଜଣ ବ୍ୟକ୍ତି । ସେମାନଙ୍କ ସନ୍ଦେହ ହେଲା– 'କ'ଣ ବୋହି ନେଉଛ ?' ପ୍ରତ୍ୟୁତ୍ତର ମିଳିଲା, 'ପିଲାଟି ହଇଜାରେ ମରିଗଲା ।' ସେତେବେଳେ ହଇଜା ଏକ ମାରାତ୍ମକ ମହାମାରୀ ରୋଗ । 'ହଇଜା ସଂକ୍ରମଣ ରୋଗ' ଶୁଣି ଲୋକେ ଆତଙ୍କିତ ହେଉଥିଲେ । ଯେଉଁ ଗାଆଁରେ ହଇଜା ବ୍ୟାପୁଥିଲା, ସେ ଗାଆଁ ଦିନକ ଭିତରେ ଶତ ଶତ ଲୋକ ନିଶ୍ଚିହ୍ନ ହେଉଥିଲେ । ତେଣୁ ଏ ଦୁଇଜଣ ଆଉ ଅଧିକ କିଛି ନ ପଚାରି ଚାଲିଗଲେ ନିଜ ନିଜ ଘରକୁ ।

ତା'ପରଦିନ ଗାଆଁରେ ପ୍ରଘଟ ହେଲା । ମେହେର ଘରର ହଳିଆ ପିଲା ହଇଜାରେ ମରିଗଲା । ଲାଠୋର ନିକଟ ସାହାନ ପାଣିଗ୍ରାମରେ ମୃତ ପିଲାର ଘର । ଗରିବ ପରିବାର । ମାଆବାପା ଭାଇଭଉଣୀଙ୍କୁ ପରିପୋଷଣ କରିବା ପାଇଁ ସେ ମେହେର ବୁଢ଼ାଘରେ ହଳିଆ ଥିଲା । ହେଲେ ବିଧାତା ସହିଲା ନାହିଁ ମାଆ ବାପା କୋଳରୁ ଛଡ଼େଇ ନେଲା ସବୁଦିନ ପାଇଁ ।

ପିଲାଟି ହଇଜାରେ ମରିବା କଥା ତା' ମାଆବାପା ଜାଣିଲେ । ସେମାନେ ଛୁଟିଲେ ମେହେର ବୁଢ଼ା ଘରକୁ । ମନରେ ସନ୍ଦେହର ଜମାଟ । ପରୋକ୍ଷ ଭାବରେ ଜାଣିଲେ ସେ ହଇଜାରେ ମରିନାହିଁ, ବରଂ ତାକୁ କାଳୀ ନିକଟରେ ବଳୀ ଦିଆଯାଇଛି । ଥାନାରେ ଏତଲା ଦେଲେ । ପୋଲିସ୍ ଘନଘନ ଅନୁସନ୍ଧାନ ଚଳାଇଲା । ମଶାଣିରୁ ପିଲାର ପେଣ୍ଟ ସାର୍ଟ ଜବତ ହେଲା । ମଣିଷ ମରିଥିବା ହେତୁ ମେହେର ବୁଢ଼ାକୁ ଜେଲ୍ ଦଣ୍ଡ ହେଲା । ଏହିପରିଭାବରେ ଦୀର୍ଘ ଛଅ ମାସ ବିତିଯାଇଛି ।

ଧନୀରାମର ସ୍ତ୍ରୀ ପିଲାଛୁଆ ଦୁଃଖରେ ଭାଙ୍ଗିପଡ଼ିଲେ । ପେଟରେ ଭୋକ ନାହିଁ, ଆଖିରେ ଲୁହର ବନ୍ୟା । ତାଙ୍କ ସ୍ତ୍ରୀ କେବଳ କହୁଥିଲେ, ମା କାଳୀ । ତମେ କ'ଣ କଲ ମା' । ମୋର ସୁଖର ସଂସାରକୁ ନାରଖାର କଲ କାହିଁକି ? ମୋ ସ୍ୱାମୀ ତୁମକୁ ଜୀବନ ଦେଇ ଭକ୍ତି କରୁଥିଲେ ଏକି ତା'ର ପ୍ରତିଦାନ । ତମେ ମାଆ ନା ପାଷାଣୀ । ତମକୁ ଆଉ ପୂଜା କରିବି ନାହିଁ । କାଲିଠାରୁ ତମର ପ୍ରତିମୂର୍ତ୍ତି ଜଳରେ ଭସାଇଦେବି ।

ଯେଉଁ ମାଆ ସର୍ବଂସହା, ଜଗତ ପାଳନକର୍ତ୍ତ୍ରୀ, ସନ୍ତାନବତ୍ସଳା, ସନ୍ତାନର ସୁଖ ପାଇଁ ଯେ ନିଜେ ଦୁଃଖକୁ ବରଣ କରେ । ସେ କି ଥୟ ହୋଇ ରହିପାରିବ ? କରୁଣା ପ୍ରଦାୟିନୀ ଭୂଜ ଲମ୍ବି ଆସିଲା ଆଖିରୁ ଲୁହ ପୋଛିଦେବାକୁ । ରାତ୍ରିରେ ସ୍ୱପ୍ନାଦେଶ । ''ନିର୍ଭୟ ରହ, ତୋ ସ୍ୱାମୀର କିଛି ଅନିଷ୍ଟ ହେବନାହିଁ । ଏଇ ଦୁଇ ଦିନ ଭିତରେ ଜେଲରୁ ଖଲାସ ହେବ ନିର୍ଦ୍ଦୋଷୀ ଭାବରେ ।''

ସ୍ୱପ୍ନ କଥା ସତ ହେଲା । ସେଇ ରାତିରେ ବଳୀ ଦିଆଯାଇଥିବା ପିଲାଟି ଫେରିଆସିଲା ତା' ଜନ୍ମମାଟି ସାହାଜପାଣିକି । ଆଗରୁ ତା' ପିତାମାତା, ବନ୍ଧୁଜ୍ଞାତି ତା' 'ଶୁଦ୍ଧକାର୍ଯ୍ୟ' ସାରିଥିଲେ । ଭାଗ୍ୟକୁ ଆଦରି ପୁଅକୁ ଝୁରିହେଉଥିଲେ ।

ରାତି ପ୍ରାୟ ଗୋଟାଏ । ଘରର କବାଟ ଠକ୍ ଠକ୍ ବାଜିଲା । କିଏ ଜଣେ ଡାକିଲା, ମାଆ କବାଟ ଖୋଲ । ବାପା ! କପାଟ ଖୋଲ । କୌଣସି ଉତ୍ତର ନାହିଁ । ସମସ୍ତେ ନିଦ୍ରିତ । ବାରମ୍ବାର ଉଚ୍ଚସ୍ୱରରେ ଡାକି ଡାକି ପିଲାଟି ନୟାନ୍ତ ହେଲା । କିଛି ସମୟ ପରେ, ତା ମାଆ ବାପାର ନିଦ ଚାଉଁକରି ଭାଙ୍ଗିଗଲା । ଏ ପରିଚିତ କଣ୍ଠ ଶୁଣି ବିସ୍ମୟାଭୂତ ହେଲେ । ଭାବିଲେ ପୁଅ ତ ମରିଯାଇଛି । ସେ କି ଆଉ ଆସିବ ? ତା'ର ପ୍ରେତାତ୍ମା ନୁହେଁ ତ ? ନିଜେ ସ୍ୱଚକ୍ଷୁରେ ଦେଖିଛନ୍ତି, ରକ୍ତ ଜୁଡୁବୁଡୁ ପେଣ୍ଟ ସାର୍ଟ୍ । ପୋଲିସ ଜବତ କରିଛି । ଆସାମୀ ସଜା ଭୋଗୁଛି । ଆଉ କାହିଁକି ବିଶ୍ୱାସ କରିବେ ଯେ ପୁଅ ବଞ୍ଚି ରହିଛି ? ସାଇପଡ଼ିଶା ମଧ୍ୟ ଶୁଣିଲେ । ସମସ୍ତେ ସାହାସ ସଞ୍ଚୟ ପୂର୍ବକ କବାଟ ଖୋଲି ପଦାକୁ ବାହାରିଲେ । ହାତରେ ଲଣ୍ଠନ ଓ ଟର୍ଚ୍ଚ । ଯାହା ଦେଖିଲେ ଆଖିକି ବିଶ୍ୱାସ କରିପାରିଲେ ନାହିଁ । ସମସ୍ତେ ଚିତ୍କାର କଲେ, 'ପୁଅ ଫେରି ଆସିଛିରେ ପୁଅ ଫେରିଆସିଛି ।' ମଥୁରାକୁ ଗଲା ପୁତ୍ର ବାହୁଡ଼ି ଆସିଛି । ଶୋକସନ୍ତପ୍ତ ପରିବାରର ସମସ୍ତ ଦୁଃଖ କ୍ଷଣିକ ମଧ୍ୟରେ ଅନ୍ତର୍ହିତ ହେଲା । ଆପତ୍ୟ ସ୍ନେହରେ ମଜ୍ଜି ଗଲେ । ପୁଅ ମୁହଁରେ ଦେଲେ ଅଜସ୍ର ଚୁମ୍ବନ । ''ବାପରେ ଧନରେ ତୁ ମାଆ-ବାପାଙ୍କୁ ଛାଡ଼ି କୋଉଠି ଥିଲୁ ?'' ପିଲାଟି କହିଲା, 'ରଖେ ହରି ମାରେ କିଏ ?' ମୋତେ କିଏ ମାରିବ ? ମୁଁ ଯାଇଥିଲି ଦାଦନ ଖଟି । ସେଠାରେ କ'ଣ ଖାଉଥିଲା, କିପରି ଚଳୁଥିଲା ଗୋଟି ଗୋଟି କରି ସମସ୍ତଙ୍କୁ କହି ଚାଲିଲା ।

ତା'ପରଦିନ ରାତି ପାହିଲାମାତ୍ରେ ଗାଆଁର ଝାଙ୍କର ପିଲାଟିକୁ ନେଇ ହାଜର କରେଇଲା ଥାନାରେ । ଥାନାବାବୁ ଓ ଚପରାଶି ନେଲେ କଚେରୀକୁ । ଓକିଲ ପ୍ରମାଣିତ କଲା ଯେ ଧନେଶ୍ୱର ମେହେର ମଣିଷ ମାରିନାହିଁ । ଯାହାକୁ ହତ୍ୟା କରିଥିବା ଅଭିଯୋଗରେ କାରାଦଣ୍ଡ ଭୋଗୁଛି ସେ ପିଲା ବର୍ତ୍ତମାନ ଦଣ୍ଡାୟମାନ ହୋଇଛି ବିଚାରପତି ସମ୍ମୁଖରେ । ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ଧନେଶ୍ୱର ମେହେର ନିର୍ଦ୍ଦୋଷରେ କାରାଦଣ୍ଡରୁ ମୁକ୍ତ ହେଲା ।

ଧନେଶ୍ୱର ମେହେର ବିଚାରପତିଙ୍କୁ କହିଲେ, ''ହେ ଧର୍ମାବତାର ! ଆପଣ ନ ବୁଝି, ନ ବିଚାରି ମୋତେ ଜେଲ୍‌ଦଣ୍ଡ

ଦେଇଥିଲେ । ମୁଁ ଆଗରୁ ପ୍ରତିବାଦ କରିଥିଲି, ମୁଁ ନରହନ୍ତା ନୁହେଁ ବୋଲି । ଛାମୁଁ ମୋ କଥାକୁ ଅବିଶ୍ୱାସ କଲେ । କାହିଁକି ମୋତେ ଛଅମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଦେଲେ ? ମୁଁ ଆପଣଙ୍କ ନାମରେ ଉଚ୍ଚ ନ୍ୟାୟାଳୟରେ କେଶ୍ କରିବି । ଆପଣ ମଧ୍ୟ ମୋ ପରି ଜେଲ୍ ଯିବେ । ତା'ପରେ ଜାଣିବେ ଜେଲଦଣ୍ଡ କିପରି ?

ଏଥିରେ ବିଚାରପତି ମର୍ମାହତ ହୋଇଥିଲେ । ପରେ ବନ୍ଧୁ ଜ୍ଞାତି ଆସି ଘରକୁ ପାଛୋଟି ନେଲେ ଧନୀରାମକୁ । ସମସ୍ତଙ୍କ ମନରେ ଉତ୍କଣ୍ଠା, ଆବେଗ । ସେଇ ପ୍ରଶ୍ନ ? କାହାକୁ ମାଆ ପାଖରେ ବଳୀ ଦିଆଯାଇଥିଲା । କାହାକୁ ନେଇ ମଶାଣିରେ ପୋଡ଼ାଗଲା ? ସେ ପିଲାଟି କିଏ ? ଅନେକ ଅନେକ ପ୍ରଶ୍ନ ?

ଧନେଶ୍ୱର ଆଖିରେ ବିଗତ ଘଟଣା ସବୁ ଚଳଚ୍ଚିତ୍ର ପରି ନାଚି ଉଠିଲା । ସେ ହାତଯୋଡ଼ି କହିଲା, ''ଧନ୍ୟ ମା' କରୁଣାମୟୀ କାଳୀ: ତମର ଅପାର ମହିମା । ମା ଛାର ପାତକି ପାଇଁ ତମର ଅଦ୍ଭୁତ ମହିମା ପ୍ରକଟ କଲ । ମୋତେ କି ପରୀକ୍ଷା କରୁଥିଲ ମା' ? ତମ ପାଦତଳେ କୋଟି କୋଟି ଶରଣ ନେଲି । ସେ ଅଶ୍ରୁଳ ନୟନରେ ଆତ୍ମବିଭୋର ହୋଇ ଭୂଇଁରେ ଲୋଟିଗଲେ ।

'ଯା ମାୟା ଦେବେ ଅଗୋଚର, କାହୁଁ ଜାଣିବ ନର ଛାର ।'

(ସତ୍ୟ ଘଟଣା ଉପରେ ଆଧାରିତ)

*ଖୁଣ୍ଟପାଲି, ବଲାଙ୍ଗିର*



# ଅନ୍ଧ ପ୍ରଜାଙ୍କୁ ଦର୍ପଣ ରାଜା

■ ଅଭିମନ୍ୟୁ ମିଶ୍ର

କଳିଯୁଗର କାଳ ବିଧ୍ୱଂସକ ସର୍ବପାପ ବିନାଶକ ଶ୍ରୀଜଗନ୍ନାଥଙ୍କ ନାମ ଶୁଣିଲେ ଦେହରେ, ମନରେ ଖୁସି ଏବଂ ଅଫୁରନ୍ତ ଶାନ୍ତି ଆପେ ଆପେ ପ୍ରସ୍ଫୁଟିତ ହୋଇଥାଏ । ଦ୍ରୁତଗତିରେ ମନ ଧାଇଁଯାଏ ଶ୍ରୀକ୍ଷେତ୍ର ପୁରୀଧାମ ବଡ଼ଦାଣ୍ଡ, ଶ୍ରୀଦେଉଳକୁ । ଚତୁର୍ଦ୍ଧା ମୂର୍ତ୍ତିଙ୍କ ଠାରେ ଅଣଦେଖା ଶିହରଣ ଦେହରେ ଖେଳି ମନ ଅଟକିଯାଏ ।

ସେହି ଜଗତକର୍ତ୍ତାଙ୍କ ଠାରେ ସମସ୍ତଙ୍କ ଭାଗ୍ୟ ଡୋରି, ସମସ୍ତଙ୍କୁ ପ୍ରଭୁ ଉଚିତ ନ୍ୟାୟ ପ୍ରଦାନ କରି କର୍ମଫଳ ଅନୁସାରେ ଭୋଗ ଦେଇଥାନ୍ତି । ଗାଁ'ଟିର ନାମ ମାଧବପାଲି । ଏ ଗାଁ'ରେ ଅନେକ ଲୋକ ବାସ କରନ୍ତି । ଗାଁ' ମୁଣ୍ଡରେ ଗୋଟିଏ ବଡ଼ ବରଗଛ ଅଛି । ସେହି ବରଗଛ ମୂଳରେ ଟିକିଏ ଶ୍ରମ ସାରିବାକୁ ପ୍ରାୟ ସମସ୍ତେ ବିଶ୍ରାମ ନିଅନ୍ତି । ଏପରି ଗୋଟିଏ ଦିନ ଛଅଟି ଅନ୍ଧ ଏକାଥରକୁ ଭେଟ ହୋଇ ସେହି ବରଗଛ ଛାଇରେ ବସି ଅନେକ କଥା ଦୁଃଖସୁଖ ହେଉଥା'ନ୍ତି । ଠିକ୍ ଏତିକିବେଳେ ଗାଁ'ର ଗୋଟିଏ ବାଳକ ନାମ ରାହୁଳ । ବୟସ ପାଖାପାଖି ଦଶବର୍ଷ ହେବ । ହାତରେ ପଲିଥିନ୍ ମୁଣାଟିଏ ଧରି ଆସିଲା ଏବଂ ଏ ଅନ୍ଧମାନଙ୍କ ଦେହ ଉପରେ ଗୋଟିଏ ଗୋଟିଏ ସିନ୍ଦୂର ପୁଡ଼ିଆ ପକାଇଲା । ଅନ୍ଧମାନେ ଚମକିପଡ଼ି ଏ ବୋପାଲୋ କ'ଣ ପଡ଼ିଲା ବୋଲି କହି ଉଠି ଛିଡ଼ାହେଲେ । ରାହୁଳ କହିଲା, କିଛି ନାହିଁ, ମଉସା କାହିଁକି ଚମକୁଛ । ବସ, ମୁଁ ଠାକୁରଙ୍କ ଭୋଗ ଆଣିଛି ଖାଇବ । ଅନ୍ଧମାନେ ବସିଲେ । ରାହୁଳ ତାଙ୍କ ହାତରେ ଭୋଗ ଦେଲା, ସେମାନେ ଖାଇଲେ ଏବଂ ପଚାରିଲେ କ'ଣ ରାହୁଳ ଆମ୍ଭ ଦେହରେ କ'ଣ ପକାଇଲୁ । ରାହୁଳ କହିଲା, ସେଇଟା ସିନ୍ଦୁର ପୁଡ଼ିଆ । ଆମ ଘରେ ପୂଜା ପାଇଁ ଆଣିଥିଲେ । ପୂଜା ସରିଲା । ଗାମୁଛାରେ ଲାଗିଥିବା ଶ୍ରୀକୃଷ୍ଣ ଫଟୋ ଓ ଧୂପକାଠି ପୁଡ଼ିଆର ଖୋଳ, ସିନ୍ଦୂର ପୁଡ଼ିଆ ଖୋଳ ଫିଙ୍ଗିଦେବାକୁ ମୋତେ ଦେଇଛନ୍ତି । ଏଇଟା ଫିଙ୍ଗିଦେବି । ଅନ୍ଧମାନେ କହିଲେ, ସେଥିରେ ଆଉ କିଛି ନାହିଁ ତ ! ରାହୁଳ କହିଲା ଅଛି ନା, ସିନ୍ଦୂର ପୁଡ଼ିଆରେ ଓ ଧୂପକାଠି ପୁଡ଼ିଆରେ ଶ୍ରୀମନ୍ଦିର ଓ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କ ଫଟୋ ଅଛି ଓ ଏଇଟା କୃଷ୍ଣ ଭଗବାନଙ୍କ ଫଟୋ ଗାମୁଛାରେ ଥିଲା । ଅନ୍ଧମାନେ କହିଲେ ହେ ଭଗବାନ୍ ! ଏ ଆଖି ଦେଖୁଥିବା ମଣିଷଙ୍କୁ ସଦ୍‌ବୁଦ୍ଧି ଦିଅ । ପ୍ରଭୁଙ୍କ ଫଟୋକୁ କିପରି ବ୍ୟବସାୟ କରୁଛନ୍ତି, କିଏ ଜୋତାରେ ମାଡୁଛି ତ କିଏ ଫଟୋ ଉପରେ ଝାଡ଼ା ବସୁଛି । କିଛି ଚିନ୍ତା ନାହିଁ । ଧନ୍ୟ ହିନ୍ଦୁ ସମାଜ, ଧନ୍ୟ ଓଡ଼ିଶାବାସୀ । ହେ ପ୍ରଭୁ କ୍ଷମାକର କହି ରାହୁଳକୁ ସବୁ ଫଟୋ ମାଗିଲେ ଏବଂ ପୂଜା କଲେ । ଆମେ କେଉଁ ଯୁଗରେ କେଉଁ ପାପ କରିଥିଲୁ ଯେ, ଏ ଜନ୍ମରେ ପ୍ରଭୁ ଆମ୍ଭଙ୍କୁ ଅନ୍ଧ କଲ; କିନ୍ତୁ ଯେଉଁମାନଙ୍କର ଆଖି ଦିଶୁଛି ସେମାନେ ଏପରି ଭୁଲ୍ କିପରି କରୁଛନ୍ତି । ଯେଉଁ ବ୍ୟବସାୟୀମାନେ ଏପରି କରୁଛନ୍ତି, ସେମାନେ ଭାବିବା ଦରକାର ଯେ, ସେମାନେ କ'ଣ କରୁଛନ୍ତି, ଏଇଟା ପାପ କି ପୁଣ୍ୟ, ନତୁବା ତାଙ୍କ ନିଜ ଫଟୋ ଲଗାଇ ବ୍ୟବସାୟ କରିବା କଥା । ହେ ଜଗନ୍ନାଥ ! ଏମାନଙ୍କୁ ସଦ୍‌ବୁଦ୍ଧି ଦିଅ କହି ଅନ୍ଧମାନେ କାନ୍ଦି କାନ୍ଦି ପ୍ରାର୍ଥନା କଲେ । ଏପରି ସମୟରେ ଗୋଟିଏ ବିରାଡ଼ି ଆସି ସେଠାରେ ମ୍ୟାଉଁ ମ୍ୟାଉଁ କରି ରଡ଼ିଲା । ରାହୁଳ କହିଲା, ତୁ ଏଠାରେ କାହିଁକି ରଡୁଛୁ । ତୋର ଛୁଆକୁ କିଏ ନେଲା ଯା ଖୋଜିବୁ । ଅନ୍ଧ କହିଲା, କିରେ ବିରାଡ଼ି ତା ଛୁଆକୁ ଖୋଜୁଛି ତୁ କିପରି ଜାଣିଲୁ । ରାହୁଳ କହିଲା, ଏ ବିରାଡ଼ି ବହୁତ କୁକୁଡ଼ା ଛୁଆକୁ ମାରି ଖାଇଲା । ତା'ଛୁଆକୁ କିଏ ପୋଖରୀ ହୁଡ଼ାରେ ନେଇ ପକାଇଛି ମୁଁ ଦେଖିଛି, ଏ ବିରାଡ଼ି ଏଠି ଖୋଜୁଛି କିପରି ପାଇବ । ଯେସାକୁ ତେସା, ଯିଏ ଯେପରି କର୍ମ କରିବ ସେପରି ଫଳ ପାଇବ ବୋଲି ଅନ୍ଧମାନେ କହିଲେ । ପରର ଯେ ଚିନ୍ତଇ ମନ୍ଦ, ତା' ମନ୍ଦ ଚିନ୍ତନ୍ତି ଗୋବିନ୍ଦ । ଆଉ ଜଣେ ଅନ୍ଧ କହିଲା, ଏ ଭାଇ କଳିଯୁଗର ମଣିଷ ଗୋବିନ୍ଦଙ୍କୁ ଆଣି ଅଳିଆଗଦାରେ ବେଉସା କଲାଣି, ଆଉ ଗୋବିନ୍ଦ କ'ଣ କରିବେ ।

ରାହୁଳ କହିଲା, ହେ ମଉସା ! ତୁମେ ଏଠାରେ ବସି ବସି ସମୟ କାଟୁଛ । ତୁମେ ପୁରୀ ଦେଉଳ ମୁହଁରେ ବସିଲେ ବହୁତ ରୋଜଗାର କରିବ । ଗୋଟିଏ ଅନ୍ଧ କହିଲା ଛି ଛି, ଆମ୍ଭେ ଭିକାରୀ କାମ କରିବୁ ନାହିଁ । ସମସ୍ତ କାମଠାରୁ ଭିକାରୀ କାର୍ଯ୍ୟ ଅତି ଘୃଣ୍ୟ ହୀନ ଅଟେ । ଏହି ଭିକ୍ଷାବୃତ୍ତି ନିଜର ଏବଂ ରାଜ୍ୟର ସମସ୍ତଙ୍କ ସମ୍ମାନ ନଷ୍ଟ କରେ । ରାହୁଳ କହିଲା, ତା'ହେଲେ ବଡ଼ଦେଉଳ ମୁହଁରେ ଯେଉଁ ଭିକାରୀ ଅଛନ୍ତି । ସେଇଟା କାହାକୁ ଦିଶୁନି । ଅନ୍ଧ କହିଲା, ସେମାନେ ଗଣ୍ଡେ ଖାଇବାକୁ ପାଉନାହାନ୍ତି, ଖଣ୍ଡେ ପିନ୍ଧିବାକୁ ପାଉନାହାନ୍ତି, ତାଙ୍କୁ ସାହାଯ୍ୟ କରିବାକୁ କେହିନାହାଁନ୍ତି । ତେଣୁ ଦେଉଳ ମୁହଁରେ ସକାଳୁ ସଞ୍ଜଯାଏ ବସି, ନିଜର, ରାଜ୍ୟର, ଦେଶର, ମାନସମ୍ମାନ, ଇଜ୍ଜତ ବିକ୍ରି କରୁଛନ୍ତି । କେତେ ଦେଶ, ବିଦେଶରୁ ଭକ୍ତ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରତିଦିନ ଦେଉଳକୁ ଆସୁଛନ୍ତି । ଏମାନଙ୍କୁ ଦେଖି ନାକଟେକୁଛନ୍ତି, ଅନେକେ କିଛି କିଛି ଦେଉଛନ୍ତି ।

ଧନ୍ୟ ଓଡ଼ିଶାର ମାନବ ସମାଜ ଧନ୍ୟ ବାହାସ୍ଫୋଟ ମାରୁଥିବା ଓଡ଼ିଶାର ସରକାର ଭିକାରୀଙ୍କୁ ଶାନ୍ତି କରିପାରୁନି । ଅମୃତ ଭାଣ୍ଡ ପୂରି ଥିଲା । ସୁରା ବୁନ୍ଦାକ ନାଶ କଲା । ହେ ଜଗନ୍ନାଥ ତୁମେ ହିଁ ସାହାଭରସା । ରାହୁଳ କହିଲା, ହେ ମଉସା ! ଆମ ଗାଁ'କୁ ହାତୀ ଆଣିଛି । ମୁଁ ଯାଉଛି ଦେଖିବି କହି ଦୌଡ଼ିଦୌଡ଼ି ପଳାଇଲା ।

ତା'ପରେ ଅନ୍ଧମାନେ ବିଚାର କଲେ, ହାତୀ ତ ଆମେ ଜାଣିନୁ କେଡ଼େଥିବ; କିନ୍ତୁ ଲୋକେ କହନ୍ତି, 'ଗଖେନି ଗଖାଟା ବଳି । ଚାଲ ଯିମା ଆଜି ହାତୀକୁ ହାତରେ ସୁଆଁଳିବା, ଜାଣିବା ହାତୀ କେଡ଼େ ବଡ଼ କହି ଚାଲିଲେ ହାତୀ ଥିବା ସ୍ଥାନକୁ । ସେ ସ୍ଥାନରେ ପହଞ୍ଚି, ମାହୁନ୍ତିଆ କହିଲେ ଭାଇ ଆମେ ତ ଅନ୍ଧ । ହାତୀକୁ ଦେଖିପାରିବୁ ନାହିଁ । ଆମେ ଟିକିଏ ହାତୀକୁ ଧରିବୁ ଏବଂ ହାତୀ କେତେବଡ଼ ଜାଣିପାରିବୁ । ମାହୁନ୍ତିଆ ରାଜି ହୋଇ ଅନ୍ଧମାନଙ୍କୁ ଜଣଜଣ କରି ଆଣି ହାତୀ ଧରାଇଲା । ପ୍ରଥମ

ଅନ୍ଧକୁ ଆଣି ହାତୀର ପେଟକୁ ଛୁଆଁଇଲା । ଦ୍ୱିତୀୟ ଅନ୍ଧକୁ ଆଣି ଲାଞ୍ଜକୁ ଧରାଇଲା, ତୃତୀୟ ଅନ୍ଧକୁ ଆଣି କାନକୁ ଧରାଇଲା, ଚତୁର୍ଥ ଅନ୍ଧକୁ ଆଣି ଗୋଡ଼କୁ ଧରାଇଲା, ପଞ୍ଚମ ଅନ୍ଧକୁ ଆଣି ଦାନ୍ତକୁ ଧରାଇଲା, ଷଷ୍ଠ ଅନ୍ଧକୁ ଆଣି ଶୁଣ୍ଢକୁ ଧରାଇଲା ଏବଂ ସେଠାରେ ଥିବା ଲୋକଙ୍କ ଆଗରେ ସେମାନଙ୍କୁ ପଚାରିଲା, ଅନ୍ଧଭାଇମାନେ ଏବେ ଜାଣିଲ ହାତୀ କିପରି ଜନ୍ତୁ । ପ୍ରଥମ ଅନ୍ଧ କହିଲା, ହଁ ହାତୀ ଘରର କାନ୍ଥ ପରି, ଦ୍ୱିତୀୟ ଅନ୍ଧ କହିଲା, ରଥର ମୋଟା ଦଉଡ଼ି ପରି, ତୃତୀୟ ଅନ୍ଧ କହିଲା କୁଲାପରି, ଚତୁର୍ଥ ଅନ୍ଧ କହିଲା ହାତୀ ଖମ୍ବ ପରି, ପଞ୍ଚମ ଅନ୍ଧ କହିଲା ଶବରମାନଙ୍କ ଅଠାକାଣ୍ଡିଆ ବାଉଁଶ ଖୋଳ ପରି, ଷଷ୍ଠ ଅନ୍ଧ କହିଲା ଅଜଗର ମୋଟା ସାପ ପରି । ଯାହା ମନକୁ ଯାହା ଲାଗିଲା ସେପରି କହିଲେ । ସତ କି ମିଛ କହ ବୋଲି ମାହୁନ୍ତକୁ ପଚାରିଲେ । ମାହୁନ୍ତ କହିଲା, ତୁମେ ଏ କଳି ଯୁଗର ନୀତି କହିଦେଲ, ମୂଳରୁ ଚୂଳ ପର୍ଯ୍ୟନ୍ତ ସମସ୍ତେ ଉଚିତ୍ ନୀତି, ବେଦ, ଶାସ୍ତ୍ର ଛାଡ଼ି ଏପରି ନିଜ ନିଜ ପଦ୍ଧତିକୁ ଉଚିତ୍ ବୋଲି ଗତି କରୁଛନ୍ତି । ତେଣୁ ବିଧି ବିହୁନେ ଫଳଂ ନାସ୍ତିରେ ସମସ୍ତେ ଦୁଃଖକୁ ସୁଖ ବୋଲି ଭୋଗ କରି ଅଶାନ୍ତି ଜୀବନଯାପନ କରୁଛନ୍ତି । ହରି ହେ ଗୁହାରୀ କରିବି କାହାକୁ ।

କଳି ପାପ ସବୁ ଗ୍ରାସିଲା ଧରମ, ଲୁଚିଲା ଶାସ୍ତ୍ର ପୁରାଣ ।
ଦମ୍ଭି ଜନେ ନିଜ ମତ ଯାଖି ଯୋଖି କାଢ଼ିଲେ ନୂଆଁ ଭିଆଣ ।
ମୋହ ବଶେ ବେଦ ଭକ୍ତି ଜ୍ଞାନ ବାଟ ବିବେକ ଛାଡ଼ି ଚଳନ୍ତି
ନିଜ ନିଜ ମତେ ସୁବିଧା ପଦ୍ଧତି ଭାବ ସର୍ବେ ଆଚରନ୍ତି ।

ଅନ୍ଧମାନେ ବିଚାର କଲେ, ମହାପ୍ରଭୁଙ୍କୁ ହାତୀ ଝୁଲଇ ବୋଲି କହନ୍ତି । ମହାପ୍ରଭୁ କେଡ଼େ ବଡ଼ କେମିତି ଥିବେ । ଚାଲଯିବା ପ୍ରଭୁଙ୍କ ପାଖକୁ । ଆମେ ଥରେ ପ୍ରଭୁଙ୍କୁ ଛୁଇଁବା । ସମସ୍ତ ଅନ୍ଧ ପୁରୀ ଯିବାକୁ ମନସ୍ଥ କଲେ । କାହାକୁ ଜଣେ ଆମ୍ଭ ସାଥିରେ ନେବା, ସିଏ ଆମକୁ ବାଟ ଦେଖାଇ ଦେଉଳକୁ ନେବ, ଏମନ୍ତ କହି ଶଙ୍କୁବାବୁକୁ ସାଥିରେ ନେଲେ । ଯାଉ ଯାଉ ସନ୍ଧ୍ୟା ହେଲା । ଗୋଟିଏ ଗ୍ରାମରେ ବିଶ୍ରାମ ନେବାକୁ ବସିଲେ । ଭୋକ ହେଉଛି କ'ଣ ଖାଇବେ ? ମିକ୍‌ଚର, ବିସ୍କୁଟ, ମୁଢ଼ି ଯାହା ଧରିଥିଲେ ବାଟରେ ସରିଲା । କ'ଣ କରିବା ବୋଲି ବୁଦ୍ଧିଟିଏ ବିଚାର କଲେ । ଚାଲ ସମସ୍ତେ ଏ ଗାଁ'ରେ ଡାକିବା, ପଥର ତରକାରି ନେଇଆସ ବୋଲି । ଏମିତି ସବୁଆଡ଼େ ବୁଲି ବୁଲି ଡାକିଲେ । ସମସ୍ତେ ଅବାକ୍ ହେଲେ । ଆରେ କାଳେ ଯୁଗେ ଦେଖାନାହିଁ, ପଥର ତରକାରୀ କ'ଣ ? ମା, ମାଉସୀମାନେ ଏମାନଙ୍କ ପାଖକୁ ଧାଇଁଆସିଲେ । କହିଲେ ଆମେ ପଥର ତରକାରି ନେବୁ । ଜଣେ ଅନ୍ଧ କହିଲା, ହଁ, ମା ନେବ । ହେଲେ ମାଟି ହାଣ୍ଡିରେ ପଥର ତରକାରି ହୁଏନି । ହାଣ୍ଡି ଫାଟିଯିବ । ତେଣୁ ଗୋଟିଏ ପିତଳର ହଣ୍ଡା ଆଣ । ସେ ମା' ଧାଇଁଲେ ହଣ୍ଡା ଆଣିବାକୁ । ବାକି ମା'ମାନଙ୍କୁ ଅନ୍ଧମାନେ କହିଲେ, ମା'ମାନେ ପଥର ତରକାରି ବହୁତ ସୁଆଦିଆ । କିନ୍ତୁ ଟିକିଏ ପରିବା ଦରକାର । ଦୁଇଟି ମା' ଚାଲିଲେ ପରିବା ଆଣିବାକୁ । ତା'ପରେ କହିଲେ, କିଛି ଚାଉଳ, ଡାଲି, ତେଲ, ମସଲା, ଲୁଣ ଦରକାର ବୋଲି । ସମସ୍ତ ସାମଗ୍ରୀ ମା'ମାନେ ଆଣି ଠୁଳ କଲେ । ତା'ପରେ ଶଙ୍କୁବାବୁ ଚୁଲି ଜାଳି ହଣ୍ଡା ବସାଇ ତିଆରି କଲେ ପଥର ତରକାରି । ସମସ୍ତ ସାମଗ୍ରୀ ହଣ୍ଡାରେ ଦେବାପରେ ଗୋଟିଏ ଗୋଲ ପଥର ସଫା କରି ହଣ୍ଡାରେ ପକାଇଲା । କିଛି ସମୟ ପରେ ତରକାରି ହୋଇଗଲା । ସେଥିରୁ ପଥରଟା କାଢ଼ିଦେଇ ଅଲଗା ରଖିଦେଲେ । ସମସ୍ତ ମା' ମାନଙ୍କୁ ତରକାରି ଡାଲମା ଦେଇ ହାତ ଯୋଡ଼ି ଅନ୍ଧମାନେ କହିଲେ, ମା' ମାନେ ଆମକୁ ଯଦି ଖାଇବାକୁ ଦିଅ ବୋଲି ମାଗିଥା'ନ୍ତୁ, ତୁମେ ଆମକୁ ଭିକାରୀ ବୋଲି କଟୁ ଭାଷା କହିଥାନ୍ତ । ତେଣୁ ଆମେ ଏପରି ଉପାୟ କରି ତୁମ୍ଭ ଗ୍ରାମରେ ରାନ୍ଧି ଖାଇଲୁ, ଆମ୍ଭମାନଙ୍କୁ କ୍ଷମା କରିଦେବ ବୋଲି କହିଲେ । ସମସ୍ତେ ଖୁସି ହେଲେ ଏବଂ ଦେଖ ଅନ୍ଧମାନଙ୍କ ବୁଦ୍ଧି ବୋଲି ହସି ହସି ଘରକୁ ଗଲେ ।

ବୁଦ୍ଧି ଯାହାର ବଳ ତାହାର । 'ବୁଦ୍ଧି ବିବେକ ଜ୍ଞାନ ବଳେ, ଅସାଧ୍ୟ ସାଧ୍ୟ ମହୀତଳେ' । ଏପରି ଅନେକ ଆଲୋଚନା କରି ଅନ୍ଧମାନେ ରାତିରେ ବିଶ୍ରାମ ନେଲେ । ତହିଁ ଆରଦିନ ସକାଳୁ ସମସ୍ତେ ଉଠି ନିତ୍ୟକର୍ମ ସାରି ଜୟ ଜଗନ୍ନାଥ କହି ସମସ୍ତେ ଚାଲିଲେ ପୁରୀ । ରାତିରେ ଯାଇ ପୁରୀରେ ପହଞ୍ଚିଲେ । ଗୋଡ଼ ଦେହ ପୀଡ଼ା ହେଉଛି । ପ୍ରଭୁଙ୍କୁ ମୁଣ୍ଡିଆ ମାରି ବଡ଼ ଦାଣ୍ଡରେ ଶୋଇଲେ । ଏପରି କିଛି ଦିନ ଗଲା ପରେ ଶଙ୍କୁ ବାବୁ ଅନ୍ଧମାନଙ୍କୁ କହିଲେ, ତୁମେ କେବେ ବି ପ୍ରଭୁଙ୍କ ପାଖକୁ ଯାଇପାରିବ ନାହିଁ । ଏଠାରେ ବସି ଭଜନ କରୁଥାଅ, ମୁଁ ପ୍ରଭୁଙ୍କ ପାଖକୁ ଯାଉଛି । ତୁମ କଥା କହିବି ଦର୍ଶନ କରି ଫେରିବି ବୋଲି ଚାଲିଲା ମନ୍ଦିର ଭିତରକୁ । ମେଘନାଦ ପାଚେରୀ, ବାଇଶି ପାହାଚ ଡେଇଁ କୁର୍ମବେଢ଼ା ପରେ ଡାହାଣ ପଟକୁ ଯାଇ ଭୋଗମଣ୍ଡପ ପାଖରେ ଗରୁଡ଼ ଖୁମ୍ବଙ୍କୁ କୁଣ୍ଢେଇ ଧରି ନମସ୍କାର କଲା । ଦେଖିଲା କବାଟ ପଡ଼ିଛି । ଅନେକ ଭକ୍ତ ଦେଶଦେଶାନ୍ତରୁ ଆସି ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଅନାଇ ବସି ଭଜନ, କୀର୍ତ୍ତନ କରି ମଣିମା ହେ, ଜଗନ୍ନାଥ କହି ଡାକ ଛାଡୁଛନ୍ତି । ଶଙ୍କୁବାବୁ ଜଣେ ସେବାୟତଙ୍କୁ ପଚାରିଲେ, ଆଜ୍ଞା କେତେବେଳେ କବାଟ ଖୋଲିବ । ସେ କହିଲେ ଆହୁରି ଦେଢ଼ଘଣ୍ଟା ପରେ । ଟିକିଏ ଦୁଃଖ ମନ ହୋଇ ବୁଲିବୁଲି ପହଞ୍ଚିଲେ ମୁକ୍ତିମଣ୍ଡପ ସାମ୍ନାର ଗେଟ୍ ପାଖରେ । ସେବାଟେ ଲୋକମାନେ ମନ୍ଦିର ଭିତରକୁ ଯାଉଛନ୍ତି । ଶଙ୍କୁ ମଧ୍ୟ ଗଲେ । ଭିତରକୁ ଯିବା ପାଇଁ କିନ୍ତୁ ଜଣେ ମନା କଲେ। କହିଲେ ଟଙ୍କା ଦେ' ଭିତରକୁ ଯିବୁ । ଶଙ୍କୁ କହିଲା ଟିକଟ ଦିଅ, ମୁଁ ଟଙ୍କା ଦେବି । ସେ କହିଲା ପଳା, ଏଠାରେ ଟିକଟ ନାହିଁ । ସେ କାଉଣ୍ଟରରେ ଟିକଟ ମିଳିବ । ଶଙ୍କୁ ଗଲେ ଟିକଟ ଆଣିବାକୁ । ୫୦ ଟଙ୍କା ଦେଲେ । ଟିକେଟ ଆଣିଲେ । ଧାଡ଼ିରେ ରହି ଭିତରକୁ ଗଲେ । ଯେଉଁ ଅପୂର୍ବ ଦୃଶ୍ୟ ବର୍ଣ୍ଣନା କରିବା ମହାକଷ୍ଟକର । ଅନେକ ଭକ୍ତ ଭିତରେ ଅଛନ୍ତି । ରତ୍ନସିଂହାସନର ଚତୁଃପାର୍ଶ୍ୱ ବୁଲିବା ପାଇଁ ଗୋଟିଏ ଛୋଟ ରାସ୍ତା ଅଛି । ବୁଲିବା ପାଇଁ ଶଙ୍କୁବାବୁ ଗଲେ; କିନ୍ତୁ ଗୋଟିଏ ଲୋକ ଶଙ୍କୁକୁ ଧରି ପକାଇଲା । କହିଲା ଦେ, ଦେଇଯା ଯାହା ଆଣିଛୁ । ଶଙ୍କୁ ଆଗରୁ ପ୍ରସ୍ତୁତ ନ ଥିଲା । ତା' ପକେଟରୁ ଜୋରଜବରଦସ୍ତି ୧୦୦ ଟଙ୍କା ନେଇଗଲା । ତା'ପରେ ଆରପଟେ ବାହାରିଲା ବେଳକୁ ପୁଣି ଆଉ ଜଣେ ହାତ ପତାଉଛି, ଦିଅ ନ ହେଲେ ଛାଡ଼ିବିନି । ତାକୁ ପୁଣି ଦେଲା ୫୦ ଟଙ୍କା । ତା'ପରେ ରତ୍ନ ସିଂହାସନକୁ ହାତ ବଢ଼ାଇଲା, ଛୁଇଁପାରିଲା ନାହିଁ । ଟିକିଏ ଠାକୁରଙ୍କ ସାମ୍ନାରେ ହାତଯୋଡ଼ି ଠିଆ ହେଲାବେଳକୁ ପଛପଟେ ଥିବା ସେବାୟତ କହୁଛି ଏଠୁ ପଳା, ଆରପଟକୁ ଯାଇ ଛିଡ଼ା ହେଲା । ସେଠାରେ ଜଣେ କହୁଛି ପଳା ବଡ଼ ମୁସ୍କିଲ୍ କଥା ଏ ରହସ୍ୟ ! କାରଣ ରତ୍ନସିଂହାସନର ସମ୍ମୁଖ ଦେଉଳ ଭିତରେ ଐଶାନ୍ୟ କୋଣ ଏବଂ ଅଗ୍ନିକୋଣରେ ସେବାୟତମାନେ ଲୋକଙ୍କୁ

ଛିଡ଼ା କରି ଶ୍ରୀଜଗନ୍ନାଥଙ୍କ ବିଷୟରେ ବୁଝାଇ ବ୍ୟବସାୟ କରିବେ; କିନ୍ତୁ ସାଧାରଣ ବ୍ୟକ୍ତି ଯା'ଙ୍କ ପାଇଁ ଦର୍ଶନ ସୁଦ୍ଧା କରିପାରିବେ ନାହିଁ ଏତେ ଖର୍ଚ୍ଚ କରି । କେତେ ଆଶା ନେଇ ଭିତରକୁ ଯିବ; କିନ୍ତୁ ଏ ବ୍ୟବସାୟୀ ସେବାୟତଙ୍କ ପାଇଁ ମନ ଦୁଃଖ କରି ଫେରିବ । ଏସବୁ ନିଜ ମନେ ଶଙ୍କୁବାବୁ ଭାବୁଥାନ୍ତି । ମନ୍ଦିର ଭିତରେ ଯେମିତି ରଖେଇ ଦେଲେନି । ବାଧହୋଇ ପଦାକୁ ବାହାରିଆସିଲେ । ଆସିବା ବାଟରେ ଦେଖିଲେ ଜଣେ ସେବାୟତ ଗୋଟିଏ ଭକ୍ତକୁ ପିଟୁଛି । ଶଙ୍କୁ ଦେଖି ଅବାକ୍ ହୋଇଗଲେ । କିଛି ସମୟପରେ ସେ ବ୍ୟକ୍ତିଙ୍କୁ ଶଙ୍କୁବାବୁ ପଚାରିଲେ, ଆପଣଙ୍କୁ କାହିଁକି ପିଟିଲେ ? ସେ ବ୍ୟକ୍ତି ଜଣକ କହିଲେ, ଜୋର୍ ଯାର୍ ମୂଲକ ତାର । ମୁଁ ବାରଜଣଙ୍କ ଟିକଟ ଆଣି ଭିତରକୁ ଆସୁଥିଲୁ ଧାଡ଼ିରେ । ଆଗରେ ଟିକଟ ମାଗିଲେ । ପୋଲିସକୁ ମୁଁ ଦେଖାଇଲି । ତା'ପରେ ଛାଡ଼ିଲେ ଆମର ଆଠ ଜଣ ଯାଇଛନ୍ତି, ଚାରିଜଣ ଧାଡ଼ିରେ ଅଛୁ । ଆମ ଆଗକୁ ସିଏ ସେବାୟତଟା ତାର ଚାରିଜଣ ପୁରାଇ ଦେଲା । ମୁଁ କହିଲି, ଆମେ ଟିକଟ କରିଛୁ, ଯାଇନୁ, ଏମାନେ କାହିଁକି ଗଲେ । ବେଶ୍ ମୋର ଭୁଲ୍ ଏତିକି । ମୋତେ ମାରି ପକାଇଲା । ଶଙ୍କୁବାବୁ କହିଲେ, ଆପଣ କାହିଁକି ଚୁପ୍ ରହିଲେ । ପୋଲିସକୁ ଆପତ୍ତି କଲେନି । ସେ ବ୍ୟକ୍ତି କହିଲେ, ଗୁହାରୀ କରିବି କାହାକୁ ସିଏ ଘଇତା କହୁଛି, ତାହାକୁ ମୋର ପ୍ରମାଣ କାହିଁ । ଏମାନେ ପୋଲିସ ସହିତ ସୁସଂପର୍କ ସ୍ଥାପନ କରି ନିତି ଏପରି ଲୀଳା କରି ରୋଜଗାର କରି ସରକାରଙ୍କୁ ଠକୁଛନ୍ତି । କେବଳ ସେବାୟତ କର୍ମଚାରୀ (ମୋବାଇଲ୍) ଭିତରକୁ ନେଇପାରିବେ । ଅନ୍ୟ କୌଣସି ବ୍ୟକ୍ତି ନେବେନି । କି ଆଶ୍ଚର୍ଯ୍ୟ ନୀତି ।  ମୋ ପାଖରେ ମୋବାଇଲ୍ ଥିଲେ, ଉଚିତ ପ୍ରମାଣ କରି ଦୋଷୀକୁ ଦଣ୍ଡର ବିଧାନ କରିଥାନ୍ତି । ଶଙ୍କୁବାବୁ କହିଲେ, ଧନ୍ୟ ଶ୍ରୀମନ୍ଦିର ଆଇନ, ଧନ୍ୟ ଶ୍ରୀଜଗନ୍ନାଥ । ଏତେ ସେବାୟତଙ୍କ କି ଦରକାର । ଯେତେ ଦରକାର ସେତେ ନିଯୁକ୍ତି କରି ମାସିକ ପାଉଣା ଉଚିତ୍ ଭାବରେ ସରକାର ଦେଲେ । ଏପରି ଅନ୍ୟାୟ କିଛିଟା ବନ୍ଦ ହୋଇଯାନ୍ତା ବୋଲି ଦୁଇଜଣ ଦୁଃଖ ପ୍ରକାଶ କରି ନିଜ ନିଜ କାର୍ଯ୍ୟରେ ଚାଲିଲେ । ଶଙ୍କୁବାବୁ ଚାଲିଲେ ଆନନ୍ଦ ବଜାରକୁ । ଭୋକ ହେଲାଣି; କିଛି ଭୋଗ ଖାଇ କିଛି ଅନ୍ଧମାନଙ୍କୁ ନେଇଦେବାକୁ ବିଚାର କରି କରି ପହଞ୍ଚିଗଲେ । କିନ୍ତୁ ଦେଖିଲେ ଯେ ହୋଟେଲ ଠାରୁ ବେଶି ମୂଲ୍ୟ ନେଉଛନ୍ତି । ଅନ୍ୟ ରାଜ୍ୟର ମନ୍ଦିରମାନଙ୍କୁ ଭକ୍ତମାନଙ୍କୁ ମାଗଣାରେ ଭୋଗ ବିତରଣ କରୁଛନ୍ତି, ହେଲେ ସବୁଠାରୁ ବଡ଼ ଦରିଦ୍ର ରାଜ୍ୟ ଓଡ଼ିଶା, ଏଠାରେ ସେ ସ୍ୱପ୍ନ କେତେଦୂର ସତ ହେବ । କିଛି ଅନ୍ନ ଓ ଡାଲି କୁଡୁଆ କିଣି ମନ୍ଦିର ବାହାରକୁ ଚାଲିଆସିଲେ । ଆସୁ ଆସୁ ବାଟରେ ଦେଖିଲେ ଗୋଟିଏ ରିକ୍ସାର ଚକରୁ ପୋଲିସବାବୁ ଜଣେ (ଭଲଟୁ ଖୁଣ୍ଟି) ଖୋଲିନେଲେ । ଫଳରେ ସେଠିକାର ପମ୍ପ୍ ପଳାଇଲା । କହିଲେ ଏଠାକୁ ରିକ୍ସା କାହିଁକି ଆଣିଲୁ ? ସର୍ବସାଧାରଣ ବ୍ୟକ୍ତି ରିକ୍ସାରେ ମଧ୍ୟ ଶ୍ରୀମନ୍ଦିରକୁ ଯାଇପାରିବ ନାହିଁ । କେବଳ ସୁସ୍ଥ ସବଳ ବ୍ୟକ୍ତି ହିଁ ଯିବ । କେବଳ ପାଦ ଗତିରେ । କିନ୍ତୁ ଉଚ୍ଚ ପଦାଧିକାରୀ ବ୍ୟକ୍ତିବିଶେଷ ମନ୍ଦିରକୁ ଆସିଲେ ଅରୁଣସ୍ତମ୍ଭର ବେରିକେଟ୍ ଖୋଲି ଭିତରକୁ ଗାଡ଼ି ପାଛୋଟି ନେବେ । କି ଆଚମ୍ବିତ କଥା ! ଧନ୍ୟ ସେ ପାଓ୍ୱାର; କିନ୍ତୁ ଯିଏ କେହି ବି ମନ୍ଦିରକୁ ଆସିବେ, ସମସ୍ତଙ୍କ ପରିଚୟ କେବଳ ଭକ୍ତି ହେବା ଉଚିତ । ଯଦି ଏପରି ଆଇନ୍ ଲାଗୁ କରାଗଲା, ମରିଚୀକୋଟ ଛକରୁ ଆଗକୁ ମୋଟେ ଚାରିଚକିଆ, ତିନି ଚକିଆ, ଦୁଇ ଚକିଆ କୌଣସି ଗାଡ଼ି ନ ଛାଡ଼ିବା କଥା; କିନ୍ତୁ ମନମୁଖୀ ଆଇନ ପାଳନ କରାଯାଉଛି । ଫଳରେ ଭକ୍ତଗଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ଭାବି ଭାବି ଦେଖି ଦେଖି ଶଙ୍କୁବାବୁ ଆସି ଅନ୍ଧମାନଙ୍କ ଠାରେ ଉପସ୍ଥିତ ହୋଇ ମୁଁ ଆସିଗଲି, ମହାପ୍ରସାଦ ଆଣିଛି, ଆସ ଖାଇବା ବୋଲି ଡାକିଲେ । ସମସ୍ତେ ଖୁସି ମନରେ ମହାପ୍ରସାଦ ଖାଇଲେ । ଅନ୍ଧ ପଚାରିଲା, ଶଙ୍କୁ ଆଜ୍ଞା, ଶ୍ରୀମହାପ୍ରଭୁଙ୍କୁ ଦେଖିଲ କେମିତି ଦିଶନ୍ତି ମହାପ୍ରଭୁ । ଶଙ୍କୁ କହିଲେ, ବହୁତ ବଡ଼ ବଡ଼ ଦାରୁ, ଆଖି ଗୋଲ ଗୋଲ । ଧଳା, ହଳଦୀ, କଳା ରଙ୍ଗ ପ୍ରଭୁଙ୍କ ଦେହ । ଅନ୍ଧମାନେ ଉପରକୁ ମୁହଁ କରି ପଚାରିଲେ, ଶଙ୍କୁବାବୁ ଗୋଲ ବୋଇଲେ କ'ଣ ? ଧଳା, ହଳଦୀ, କଳା ରଙ୍ଗ କେମିତିକା ଅଟେ । ଆମେ ତ କିଛି ଜାଣିପାରୁନାହିଁ । ପ୍ରଭୁ ଯଦି ଆମ୍ଭମାନଙ୍କୁ ଦୟା କରି ଗୋଟିଏ ଆଇନ ବାହାର କରନ୍ତେ ଯେ ବର୍ଷକୁ ଦିନେ କି ଦୁଇଦିନ 'ଅନ୍ଧ ଦିବସ' ପାଳନ କରି ଏ ଦିନମାନଙ୍କୁ ଆମ୍ଭଙ୍କୁ ଠାକୁର ଛୁଇଁବାର ସୁଯୋଗ ଦିଅନ୍ତେ, ତା'ହେଲେ ଆମ୍ଭେ ପ୍ରଭୁଙ୍କୁ ଛୁଇଁ ସାଉଁଳି ଅନୁଭବ କରି ଜୀବନ ଧନ୍ୟ କରନ୍ତୁ । ହେ ପ୍ରଭୁ ! ସତେ କ'ଣ ଆମର ଡାକ ଶୁଣିବ ? ଏ ଗର୍ବୀ, ଅହଙ୍କାରୀ, ବଡ଼ିମା, ମଣିଷ ସମାଜରେ ଆମ୍ଭଙ୍କୁ ଏ ସୁଯୋଗ ଦେବ, ଏପରି କହି କାନ୍ଦି କାନ୍ଦି ଅନ୍ଧମାନେ ବଡ଼ ଦାଣ୍ଡର ଧୂଳି ମଥାରେ ବୋଳୁଛନ୍ତି । ଠିକ ଏପରି ସମୟରେ ଗୋଟିଏ ଗାଈର ପଛରେ ସାତଟି ଷଣ୍ଢ ଦୌଡ଼ୁଛନ୍ତି । ଏମାନେ ବିକଳ ହୋଇ ଧାଇଁ ଧାଇଁ ଗୋଟିଏ କୋଣକୁ ଚାଲିଗଲେ । ଅନ୍ଧ କହିଲା, କ'ଣ ଏ ଷଣ୍ଢମାନେ ବଡ଼ଦାଣ୍ଡ ଏତେ ଜନଗହଳି ସ୍ଥାନରେ ସଙ୍ଗମ କରିବାକୁ ଧାଉଁଛନ୍ତି । ଏମାନଙ୍କୁ ଆକଟ କରିବାକୁ କେହି ନାହିଁ । ଶଙ୍କୁ କହିଲେ, ଏମାନେ ବଡ଼ଦାଣ୍ଡର ବଡ଼ ଗୁଣ୍ଡା । ସେମାନଙ୍କ ମନକୁ ଯାହା ଆସିବ, ତାହା କରିବେ । ତାଙ୍କ ଇଚ୍ଛା । ଏପରି କଥାବାର୍ତ୍ତା ହୋଇ ଘରକୁ ଚାଲି ଚାଲି ଫେରିଆସି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛନ୍ତି । ତାଙ୍କ ଦାବି ପୂରଣ କରିବାକୁ ।

ବୈଜ୍ଞାନିକ ତିଆରିଲେ ବିଷ ସାର, ଔଷଧ ଦେଇ ଟଙ୍କା ଟାଣିଲେ ଡାକ୍ତର

ସ୍ଥାନେ ସ୍ଥାନେ ମଦଭାଟି, ଗଣ୍ଡଗୋଳ ଫନ୍ଦି, ନିର୍ଦ୍ଦୋଷକୁ ଅଦାଲତେ ଓକିଲ ମାରନ୍ତି ଧନ୍ଦି ।

ସରକାରଙ୍କୁ ଯେ ଭୋଟ ଦରକାର, ଦଲାଲଙ୍କୁ ନୋଟ
ଲୋଭିକୁ କେବଳ ଖଣ୍ଟଟି ଦକାର, ଚୋରକୁ ଦର୍କାର ଝାଟ ।
ଏପରି ଚାଲିଛି ଅନେକ ପ୍ରକାର ନାଟ
ନାଟ କରି କରି ପରିଶେଷରେ ହୋଇବ ଯମର ଭେଟ ।

***ଖୁଣ୍ଟପାଲି, ବଲାଙ୍ଗିର***

# ଅଳସ ଅପରାହ୍ଣ

■ ବୈଜୟନ୍ତୀ ଗିରି

ଯେତେବେଳେ ଶୀତ ସରିସରି ଯାଏ ।

ବସନ୍ତର ଶିରିଶିରି ବାଆ ଦେହକୁ ଛୁଇଁଯାଏ ।

ଟିକେ ଥଣ୍ଡା, ଟିକେ ତାତି ମିଶାମିଶି, ଏକ ଆବେଗମୟ ଶିହରଣ ଖେଳିଯାଏ ଦେହରେ ।

ଦିନସବୁ ଧୀରେ ଧୀରେ ଲମ୍ବା ହୋଇଯାଆନ୍ତି ।

ସକାଳର ଆର୍ଦ୍ରତା କଟିଗଲେ ଖରା ଚାଇଁ ଚାଇଁ ଲାଗେ ।

ପତ୍ରଝରାର ମର୍ମର ଧ୍ୱନି 'ଗଙ୍ଗାଧର'ର କର୍ଣ୍ଣଗହ୍ୱରରେ ଗୁଞ୍ଜରିତ ହୁଏ ।

'ଗଙ୍ଗାଧର' ଦେଖେ, ଝରିଯାଇଥିବା ପତ୍ରର ସ୍ଥାନରେ ନୂଆ କଅଁଳିଆ ପତ୍ର ସବୁ କଅଁଳି ଉଠୁଛି ।

ଖୁସି ଖୁସି ଲାଗେ ଗଙ୍ଗାଧରଙ୍କୁ.. । ସେ ତା'ର ପ୍ରିୟ ବୃକ୍ଷଟିକୁ ଆଉଁସି ପକାଏ । 'ଗଙ୍ଗାଧର' ର ମନ ଅତୀତରେ ହଜିଯାଏ.... ।

ଯେଉଁଦିନ, ଦୁଇ ଚାରି ପତର ହେଇଥିବା ବରଗଛର ଚାରାଟିକୁ ନଦୀ କୂଳରେ ରୋପଣ କରିଥିଲା, ସେତେବେଳେ ତାକୁ କେତେ ଯେ ବୟସ ହୋଇଥିଲା । ତାହା ଗଙ୍ଗାଧରର ମନେନାହିଁ । ବୋଧହୁଏ, ସାତ ଆଠ ବର୍ଷରୁ ଅଧିକ ହେବ । କାହିଁକି ନା, ତା'ର ଛାମୁଦାନ୍ତ ଦୁଇଟି ଆପଣା ସ୍ଥାନରୁ ଅଦୃଶ୍ୟ ହେଇଯାଇଥିଲେ । ସେ ହସିଦେଲାବେଳେ, ଯେଉଁ ଅପରୂପ ଦିଶୁଥିଲା ସାଙ୍ଗପିଲାମାନେ ତାକୁ ଟାହିଟାପରା କରି ଗୀତ ଗାଉଥିଲେ.... ଆଗ ଦାନ୍ତ ନାହିଁ.... ଇତ୍ୟାଦି ଇତ୍ୟାଦି ।

ପଢ଼ିଆରେ ଖେଳୁଥିବାବେଳେ ଛୋଟ ଗଛଟିକୁ ଦେଖିଥିଲା । କାହିଁକି କେଜାଣି ତା' ପ୍ରତି ତା'ର ଟିକି ମନଟି ନଇଁଯାଇଥିଲା ।

ସଯତ୍ନେ ଉପାଡ଼ି ଆଣି ଗଙ୍ଗାଧର ଦଉଡ଼ି ଥିଲା ନଦୀବନ୍ଧ ଆଡ଼େ । ବର୍ଷାଦିନର ନରମ ମାଟି ଗଙ୍ଗାଧରର ଟିକି ହାତର ପରୀକ୍ଷା ନ ନେଇ ଗଛଟିକୁ ଛାତିରେ ଜାବୁଡ଼ି ଧରିଥିଲା ।

ଗଙ୍ଗାଧରର ମା' ବାପା ଦୁହେଁ, ତାଙ୍କର ଏକମାତ୍ର ବଂଶଧରକୁ ବୁଢ଼ୀ ମା' ପାଖରେ ଅମାନତ ରୂପେ ଛାଡ଼ିଦେଇ ଆରପାରିକୁ ଚାଲିଯାଇଥିଲେ । ଶେଷଯାତ୍ରାର ପଥୁରିଆ ପଥରେ ନିଜକୁ ଘୋଷାରି ଘୋଷାରି ଚାଲୁଥିଲାବେଳେ ବୁଢ଼ୀମାଆଟି ନାତିର କଅଁଳ ହାତକୁ ଧରି ଆଗେଇବାକୁ କମର ଭିଡୁଥିଲା ।

ଗଙ୍ଗାଧର ତା' ଚଞ୍ଚଳ ମନର ସବୁ ଅଳି-ଅର୍ଦ୍ଦଳି, ବୁଢ଼ୀ ମା' ଉପରେ ଲଦି ଦେଇ କେତେବେଳେ ଖୁସି ହେଉଥିଲା ତ କେତେବେଳେ ରାଗୁଥିଲା, କେତେବେଳେ କାନ୍ଦୁଥିଲା । ବୁଢ଼ୀ ମା'କୁ ଅଥୟ କରିଦେଉଥିଲା ।

ସାଙ୍ଗସାଥୀମାନେ ନିଜର ଭାଇଭଉଣୀମାନଙ୍କ ସହିତ ହସଖୁସିରେ ଖେଳିଲାବେଳେ ସେ ହାଁଟା କରି ଚାହିଁ ରହିଥାଏ । ଯେତେବେଳେ ବର୍ଷା ହୁଏ ଗାଁ ଦାଣ୍ଡରେ ଛୁଆମାନଙ୍କର ଘୋ ଘୋ ବନ୍ଦ ହୋଇଯାଏ । କେହି ସାଥି ପିଲା ଖେଳକୁଦ ନ କରି ପାରି ଘରେ ଅଟକିଯାଆନ୍ତି । ସେତେବେଳେ ଗଙ୍ଗାଧର ଭାରି ଅସହାୟ ହୋଇପଡ଼େ । ଏକୁଟିଆ ନିଃସଙ୍ଗତା ତାକୁ ଖାଇ ଗୋଡ଼ାଏ । ବୁଢ଼ୀ ମା'କୁ ପ୍ରଶ୍ନ କରେ, ମୋର କେହି ଭାଇଭଉଣୀ ନାହାନ୍ତି କାହିଁକି ?

ମୁଁ କାହା ସାଥିରେ ଖେଳିବି ?

ମତେ ଆଣି ଦେଉନୁ । ମୋର ଭାଇ କି, ଭଉଣୀଟିଏ ?

ବୁଢ଼ୀ ମା' ସବୁଥର କୁହେ, ଆଣିଦେବି.... ହାଟକୁ ଗଲେ ।

ଗଙ୍ଗାଧର ଆଶା ନେଇ ଚାହିଁଥାଏ କେବେ ବୁଢ଼ୀ ମା' ଆଣିଦେବ ତା' ପାଇଁ ସାଙ୍ଗଟିଏ ।

ହେଲେ ଗଙ୍ଗାଧର ଆଉ ଏବେ ନିଜକୁ ଏକୁଟିଆ ଭାବୁ ନ ଥିଲା । ଗଛଟିକୁ ରୋପଣ କରିସାରିଲା ପରେ, ତା' ଜୀବନରେ ଏକ ବଡ଼ ଖୁସି ଆସିଥିଲା । ଏବେ ଆଉ ସେ ଏକା ନୁହେଁ । ତା'ର ସାଙ୍ଗ ତା' ଗଛ ! ସେ ବି ତ ତା'ର ଭାଇଭଉଣୀ । ଆଉର କାହାର ଅଛି ତା' ଗଛ ଭଳି ସାଙ୍ଗଟିଏ ।

କେହି ତ ଲଗେଇ ନାହାନ୍ତି ଗଛଟିଏ !

ଗଛଟିର ସୁରକ୍ଷା ଲାଗି ଗୋଲକରି କଣ୍ଟାବାଡ଼ଟିଏ ଘେରେଇ ଦେଇଛି ଗଙ୍ଗାଧର ! ଗଛଟି ଚେର ଥାପି ନୂଆ ନୂଆ ପତର କଅଁଳେଇଲାଣି ।

ଗଛର କୋମଳ, କୁନି ପତ୍ରକୁ ଦେଖିଲେ ଖୁସିରେ ନାଚିଉଠେ ଗଙ୍ଗାଧର । ବୁଢ଼ୀ ମା'କୁ ଧରି ଟାଣି ଟାଣି ଆଣି ଦେଖାଏ । କହେ ଦେଖେ ବୁଢ଼ୀ ମା', ମୋ ଗଛ ବଞ୍ଚିଲାଣି । ପତର ଦେଲାଣି । ଦେଖିଲୁ କେଡ଼େ ସୁନ୍ଦର ହୋଇଛି ।

ଗଙ୍ଗାଧର ! ବୁଢ଼ୀ ମା' ଯାହା ଖାଇବାକୁ ଦିଏ, ସେ ଟିକେ ଅଧେ ଗଛ ପାଖରେ ଥୋଇଦିଏ । ସେ ଏକୁଟିଆ କେମିତି ଖାଇବ ଯେ ?

ତା' ଗଛର ବି ଆଶା ଥିବ !

ବୁଢ଼ୀ ମା'ର ହାଡୁଆ ଛାତିରେ ମୁହଁ ଗୁଞ୍ଜି ଶୋଇଥିବାବେଳେ, ସପନ ଦେଖି, ଚମକିଉଠେ ଗଙ୍ଗାଧର । ସପନରେ ସେ ଦେଖେ ସନା ମା'ର ଦାଢ଼ିଆ ଛେଳିଟା ତା' ଗଛଟିକୁ ଚୋବେଇ ଦେଇଛି ।

ଭେଁ କିନା କାନ୍ଦି ପକାଏ... ଗଙ୍ଗାଧର ।

ବୁଢ଼ୀ ମା' ଅନ୍ଧାରରେ... ଜୀବନ ବିକଳରେ ତାକୁ ଉଣ୍ଡାଳି ପକାଏ... ଆତୁରରେ ପଚାରିଦିଏ, କ'ଣ ହେଲା କିରେ ଗଙ୍ଗା ?

ମୋ' ଗଛ..... ମୋ ଗଛକୁ ଛେଳି ଖାଇଦେଲା ବୁଢ଼ୀ ମା'.... ।

ଗଙ୍ଗାଧର ବୁଢ଼ୀ ମା'କୁ ଜାବୁଡ଼ି ଧରେ । ବୁଢ଼ୀ ମା' କୁହେ, ଏତେ ରାତିରେ ତୋ' ଗଛକୁ ଛେଳି କେତେବେଳେ ଖାଇବାକୁ ଅଇଲାରେ ଗଙ୍ଗା ? ତୁ ସପନ ଦେଖୁଛୁ । ଶୋଇପଡ଼.... । ଶୋଇପାରେନା ଗଙ୍ଗାଧର ! ଡବ ଡବ ଆଖିରେ ଅନେଇ ରାତି ରାତି ବିତାଇଦିଏ ଗଙ୍ଗାଧର । ସକାଳ ହେଲେ, ଡିଆଁଟେ ମାରି ଯାଇଁ ଗଛ ପାଖରେ । ଗଛକୁ ନେଇ କେତେଥର ସାଙ୍ଗ ପିଲାଙ୍କ ସହିତ କଳି, ମାଡ଼ଗୋଳ ହୋଇଛି । ବାଦୁଆ ପିଲାମାନେ ତା' ଗଛରୁ ପତର ଛିଣ୍ଡେଇ ଦିଅନ୍ତି.... ତାକୁ ହଲେଇ ଦିଅନ୍ତି । ଗଙ୍ଗାଧରକୁ ଲାଗେ, ଯେମିତି କେହି ତାକୁ ଠେଲିଦେଉଛି । ତା' ମୁଣ୍ଡକୁ ଧରି ଝିଙ୍କି ଦେଉଛି । ରାଗରେ...... ମୁଠା ମୁଠା ବାଲି ଧରି ସାଙ୍ଗମାନଙ୍କ ଉପରକୁ ଫିଙ୍ଗେ । ପିଲାଏ ହୋ ହୋ ହୋଇ ଦଉଡ଼ି ପଳାନ୍ତି । ଗଛଟିକୁ ଗଙ୍ଗାଧର ଗେଲ କରିପକାଏ ।

ମାଟି, ପାଣି, ପବନ, ଆଲୋକ... ଗଙ୍ଗାଧରର ସ୍ନେହ ମମତା ପାଇ ସେ ଟିକି ଗଛଟି ବଢ଼ିଚାଲିଲା । ବଡ଼ ହେଲା.... ବହୁତ ବଡ଼ । ଗଙ୍ଗାଧର ବି ବଡ଼ ହେଲା । କୈଶୋର, ଯୌବନକୁ ଅତିକ୍ରମ କରି ବାର୍ଦ୍ଧକ୍ୟରେ ପଦାର୍ପଣ କଲାଣି । ସେ ଅତୀତକୁ ଖୋଜୁଛି ନିଜ ଭିତରେ ଗଛ ମଧ୍ୟରେ । ଗଛଟିକୁ ଲଗାଇଥିଲାବେଳେ ତା'ର ଛାମୁ ଦାନ୍ତ ଭାଙ୍ଗିଥିଲା । ପୁଣି ଥରେ ଉଠି ଭାଙ୍ଗିଗଲାଣି । ଆଉ କେବେ ଉଠିବାର ଆଶା ନାହିଁ । ଯେଉଁଦିନ ଗଙ୍ଗାଧରକୁ ଛାଡ଼ି ତା'ର ବୁଢ଼ୀ ମା' ଚାଲିଯାଇଥିଲା । ସେ ଗଛ ମୂଳରେ ବସି ବହୁତ କାନ୍ଦିଥିଲା । ଯାହା ମନକୁ ଆସୁଥିଲା ତା' ଆଗରେ କହିପକାଉଥିଲା । ଗଛଟି ଡାଳପତ୍ର ହଲେଇ ଯେମିତି ତା' ଆଖିର ଲୁହକୁ ପୋଛିବାକୁ ଚେଷ୍ଟା କରୁଥିଲା ।

ଗଙ୍ଗାଧର ବରବେଶ ସାଜି ବାହା ହେବାକୁ ଯିବା ଆଗରୁ, ତା' ଗଛକୁ ବନ୍ଧୁ ଭଳି ନିମନ୍ତ୍ରଣ କରିଥିଲା । ନୂଆ ଲୁଗା ପିନ୍ଧି ଗଛଟି ଯେମିତି ବରଯାତ୍ରୀରେ ସାମିଲ ହେଇଥିଲା । 'ନୂଆବୋହୂ' ନୟନା ମଧ୍ୟ ତା' ସ୍ୱାମୀର ପ୍ରିୟସାଥୀ ଗଛଟିକୁ ଆପଣାର ଭାବିଥିଲା । ସବୁଦିନ ଗାଧୋଇ ଆସି ପାଣି ଦେଉଥିଲା ଗଛ ମୂଳରେ । ମୁଣ୍ଡିଆ ମାରୁଥିଲା ।

ଗଙ୍ଗାଧରର ପୁଅ, ଝିଅମାନେ ତା' କୋଳକୁ ଆସିଲେ । ସେମାନେ ବି ଗଛକୁ ଭଲପାଇଲେ ତା' ଡାଳରେ ଦୋଳିବାନ୍ଧି ଖେଳିଲେ । ଗଙ୍ଗାଧରର ଚଉଡ଼ା ଛାତି ଆହୁରି ପ୍ରସରିଯାଏ, ସେ ମୁଣ୍ଡ ଟେକି ଗଛକୁ ଦେଖେ ।

ତା' ଗଛ ବଢୁଛି... ଉପରକୁ ଉଠୁଛି... ଆକାଶକୁ ସତେ ଛୁଇଁ ଯିବକି !!

ଗଙ୍ଗାଧର ବୁଢ଼ା ହୋଇଆସୁଥିଲା । ଗଛଟି ଆହୁରି ଶାଖା ପ୍ରଶାଖା ମେଲାଇ ବଢୁଥିଲା । ତା' ଦେହରେ କେତେ ଫୁଲ ଫୁଟୁଥିଲା । ନାଲି ନାଲି ଛୋଟ ଛୋଟ ଫଳସବୁ ଗଛ ତଳେ ଜମା ହୋଇଯାଉଥିଲା ଦିନ ରାତି । ନାନା ଜାତିର ପକ୍ଷୀର କାକଳିରେ ସ୍ଥାନଟି ମୁଖରିତ ହେଉଥିଲା । ଡାଳରେ ତା'ର କେତେ ପକ୍ଷୀ ବସା ବାନ୍ଧିଥିଲେ । କେତେ ପଥଶ୍ରାନ୍ତ ପଥିକ ଗଛର ଛାଇରେ ଥକ୍କା ମେଣ୍ଟାଉଥିଲେ । କେତେ ପକ୍ଷୀଙ୍କୁ ସେ ଆହାର ଯୋଗାଉଥିଲା ।

ଗଛଟିର ଚେର ମାଟିର ତଳକୁ.... ତଳକୁ ଭେଦି ଯାଉଥିଲା । ତା'ର ଶିରାପ୍ରଶିରାରେ ଅହଙ୍କାର ଫୁଟି ଉଠୁଥିଲା ।

ସେ କେତେ ବଡ଼.... କେତେ ଲୋକଙ୍କୁ ସେ ଛାଇ ଦେଉଛି.... ସୁଶୀତଳ ପବନ ଦେଉଛି । କେତେ ପକ୍ଷୀଙ୍କୁ ଆଶ୍ରୟ ଦେଇଛି ଆହାର ଦେଉଛି.... ।

ଗଛ ପାଖରେ ଗଙ୍ଗାଧର ଏବେ ବହୁତ ନ୍ୟୁନ ଦିଶିଯାଉଛି । ସେ କ'ଣ ଆଉ ଅଣ୍ଟା ସଳଖି ଠିଆହୋଇ ଗଛଟିକୁ ଛାତିରେ ଜଡ଼େଇ ଧରିପାରିବ ? ଯେତେବେଳେ ସେ ଗଛଠାରୁ ବଡ଼ ଦିଶୁଥିଲା ସେତେବେଳେ ଗଛଟି ତା'ର କୁନି ବାହୁ ପ୍ରସାରି ତା'ଠାରୁ ଆଶ୍ରା ଖୋଜୁଥିଲା । ସେତେବେଳେ ତାକୁ ଛାତିରେ ଜାବୁଡ଼ି ଧରୁଥିଲା ଗଙ୍ଗାଧର । ଗାଈ ଛେଳିଙ୍କ ଲୋଭିଲା ଆଖିରୁ ରକ୍ଷା କରିବାକୁ ଉଚ୍ଚା ଉଚ୍ଚା ବାଡ଼ ଘେରାଇ ଦେଉଥିଲା ।

ହେଲେ ଆଜି ସେ ଗଛର ଗୋଟିଏ ପତ୍ରକୁ ମଧ୍ୟ ଛୁଇଁପାରୁନି । ଗଛ ମଧ୍ୟ ସମୟ ପାଉନି ଗଙ୍ଗାଧରକୁ ଦେଖିବାକୁ ।

କେତେବେଳେ ସେ ତଳକୁ ଚାହିଁବ ?

ତା' ମନରେ ତ ଏବେ ଉପରକୁ ଉଠିବାର ଅଦମ୍ୟ

ଲାଳସା ଭରି ରହିଛି । ସେ ଏବେ ବୃକ୍ଷର ମାନ୍ୟତା ପାଇଲାଣି ।

ତା' ଚାରିପାଖରେ ଥିବା ବୃକ୍ଷ ରାଶିଙ୍କ ମଧ୍ୟରେ ସେ ଯେ ସବୁଠାରୁ ବଡ଼ ବୃକ୍ଷ ।

ସେ ଏବେ କଥା ହେଉଛି ତା'ର ସମକକ୍ଷ ବୃକ୍ଷମାନଙ୍କ ସଙ୍ଗରେ । ସେ ପ୍ରେମ କରୁଛି ତା' ଦେହରେ ଲଟେଇଥିବା ଲତାମାନଙ୍କୁ । ଯେଉଁମାନେ ଅବାଞ୍ଛିତ ଭାବେ ତା' ଦେହରେ ଗୁଡ଼େଇ ହେଇ ଅଧିକାର ସାବ୍ୟସ୍ତ କରୁଛନ୍ତି, ସେମାନେ ବି ଭାବୁଛନ୍ତି, ଆମେ ମଧ୍ୟ ବୃକ୍ଷ ଭଳି ମହାନ୍ । ତାଙ୍କ ମୁହଁରେ ବି ବିଦ୍ରୂପର ହସ.... ।

ଆମକୁ ଛୁଇଁବାର ଆସ୍ପର୍ଦ୍ଧା କର ନାହିଁ ଗଙ୍ଗାଧର ।

ଏ ବୃକ୍ଷ ଯେତେ ଉପରକୁ ଯିବ, ଆମେ ସେତେ ଉପରକୁ ଯାଇପାରିବୁ ।

ତୁ ପାରିବୁନି ଗଙ୍ଗାଧର ।

ତୁ ମାଟିରେ ହିଁ ପଡ଼ିଥିବୁ...

ତୁ ମାଟିର ମଣିଷ.... !!

ଆକାଶକୁ ଛୁଇଁବାକୁ ଅପଚେଷ୍ଟା କରିଲେ, ଖାଲି ଯାହା କ୍ଷତାକ୍ତ ହେବାକୁ ହିଁ ହେବ ।

ଗଙ୍ଗାଧର ନିଜକୁ ବୁଝାଇବାକୁ ଚେଷ୍ଟା କରୁଛି । ଆପଣାର ସ୍ଥିତିକୁ ହୃଦୟଙ୍ଗମ କରିବାକୁ ଚାହୁଁଛି । ଏଇ ଗଛ ମୂଳେ ଗଙ୍ଗାଧରର ବାଲ୍ୟ, ଯୌବନ ବିତିଯାଇଛି । ତା' ମନର ସମସ୍ତ ଗୋପନ କାହାଣୀ ତାକୁ ଶୁଣାଇ ହୃଦୟକୁ ଖାଲି କରିଦେଇଛି । ସେ ଏବେ ବୟସର ଅପରାହ୍ନରେ ଉପନୀତ । ଡିଆଁଟେ ମାରି ଗଛ ଉପରକୁ ଉଠିପାରୁନି ।

ହାଇମାରୁଛି ଗଙ୍ଗାଧର । ଦେଖୁଛି ନିଜକୁ, ଆଉ ତା'ର ମହାନ୍ ବୃକ୍ଷକୁ । ମନେ ମନେ ସ୍ୱଗତୋକ୍ତି କରୁଛି ଗଙ୍ଗାଧର । ତା'ର ଅତି ଆଦରର ଅତି ଆପଣାର ବୃକ୍ଷଟି ଯେତେ ଉପରକୁ ଯାଉଛି ଯାଉ, ତାକୁ ଭୁଲିଯାଉ..... ।

ମାଟିର ପ୍ରଥମ ଛୁଆଁ ତ ତାକୁ ନେଇଥିଲା ଗଙ୍ଗାଧର ।

ଆଶ୍ରା ଦେଇଥିଲା ତ ଉପରକୁ ଉଠିବା ପାଇଁ !

ଦେଇଥିଲା ତ ତା' କୁନି ହାତର ନରମ ଛୁଆଁ.....

ଦେଇଥିଲା ତ ତା' ହୃଦୟର ପରଶ !!

ଯେତେ ବୁଝାଇଲେବି.... ଯେତେ ସେ ଗଛ ପାଖକୁ ଲାଗି ଯିବାକୁ ବସିଲେବି ବାରି ହୋଇଯାଉଛି ଗଙ୍ଗାଧର ।

ନିଆରା ହୋଇଯାଉଛି ଗଙ୍ଗାଧରର ଦୁନିଆଁ । ନଇଁଯାଉଛି ଗଙ୍ଗାଧରର ମସ୍ତକ । ତା' ବୃକ୍ଷ ଉଠୁଛି ଉପରକୁ.... ଆହୁରି ଉପରକୁ.... ।

ହସୁଛି.... ହସାଉଛି ତା'ର ପ୍ରିୟ ବନ୍ଧୁମାନଙ୍କୁ ।

'ଗଙ୍ଗାଧର' ଆଉ ତାକୁ ଗପ ଶୁଣେଇ ପାରୁନି ।

ଗୀତ ଶୁଣେଇ ପାରୁନି । ପାରୁନି ତା' କାନ୍ଧରେ କାନ୍ଧ ମିଳେଇ ।

'ଗଙ୍ଗାଧର' ଅଳସ ଅପରାହ୍ନରେ ନାଁ ଚାହିଁପାରୁଛି ସକାଳକୁ... ନାଁ ଅଣ୍ଟା ଭିଡ଼ିପାରୁଛି ତମାମ ରାତି ବିଭୋର ହେବାକୁ ।

***ଚନ୍ଦ୍ରଶେଖର ନଗର, ବଲାଙ୍ଗିର ।***

# ଅଜା, ପୂରା ଫେଲ

■ ପୀତାମ୍ବର ନାଏକ

ଦିନକର କଥା, ନାତି ବେଦ୍ୟାଂଶ ତା’ ଅଜାକୁ ପଚାରିଲା, ଲୋକେ କାହିଁକି ଭଗବାନ ଭଗବାନ ବୋଲି ବାଉଳା ହେଉଛନ୍ତି ? ତେବେ ଭଗବାନ କିଏ ? ଅଜାଟି ପ୍ରଶ୍ନ ପାଇ ଉତ୍ତର ଦେବାକୁ ପ୍ରସ୍ତୁତ ହୁଅନ୍ତେ, ନାତିଟାକୁ କହିଲା, ତୋ’ ସାମ୍ନାରେ ଥିବା ଗଛଟାକୁ ଦେଖ । ଗଛର ପତ୍ର ଭଗବାନଙ୍କ ଇଚ୍ଛା ନ ହେଲେ ଗୋଟାଏ ପତ୍ର ମଧ ହଲେନି । ଏହା ଶୁଣି ନାତି ଟୋକାଟା କହିଲା, ଅଜା ତୁମେ ଫେଲ୍ । ତା’ ହେଲେ ପାସ୍‌ଟା ରହିଲା କେଉଁଠି ?

‘ବେଦ୍ୟାଂଶ’ ନାତି ଟୋକାଟା ଭାରି ବୁଦ୍ଧିମାନ । ସେ ମନ ଭିତରୁ ଭାବନା ରାଜ୍ୟରେ ଘୁରିବୁଲି ଅଜାକୁ କହିଲା, ଏ ଯୁଗରେ ଭଗବାନଗୁଡ଼ିକ ସ୍କୁଲରେ ରହନ୍ତି । ଏମାନଙ୍କ ଜନ୍ମର ଦୁଇ ବର୍ଷରୁ ପ୍ଲେ ସ୍କୁଲ, ପ୍ରି-ନର୍ସରୀ, ନର୍ସରୀରୁ ସ୍କୁଲ ପର୍ଯ୍ୟନ୍ତ ଲମ୍ବାଧାଡ଼ି ରହିଛି । ଅଜା କହିଲା, ତୁ ଯାହା କହିଲୁ ପୁରା ଫେଲ୍ । ଭଗବାନ ଜଗନ୍ନାଥ କାଠରେ ଓ ଦେବାଦେବୀ ପଥରରେ ତିଆରି । ସେମାନଙ୍କୁ ପୂଜା ପାଠ କରି ନୈବେଦ୍ୟ ଲଗାଯାଏ । ନାତିଟୋକାଟା କହିଲା, ଅଜା ତୁମ ଭଗବାନଙ୍କୁ ଛପନ ପଉଟୀ ଭୋଗ ଅର୍ପଣ ହୁଏ, ତେବେ ତାହା କ’ଣ ଭଗବାନ ଖାଆନ୍ତି କି ?

ବେଦ୍ୟାଂଶ ତା’ ଅଜାକୁ କହିଲା, ଅଜା ତୁମେ କହିଲ ସ୍କୁଲ ଏକ ମନ୍ଦିର ନାଁ ଆଉ କ’ଣ ? ଅଜା ବୁଢ଼ାଟି ନାତି କଥାରେ ଏକମତ ହୋଇ କହିଲା । ତୋ’ର ମନ୍ଦିରର ଭିତିରି କଥା କହିଲୁ । ବେଦ୍ୟାଂଶ କହିଲା । ଆମ ମନ୍ଦିରରେ ପିଲାଏ ହେଲେ ଭଗବାନ । ଏ ଭଗବାନଙ୍କ ପୂଜକ ହେଲେ ଗୁରୁଜୀ । ଗୁରୁଜୀ ପିଲାଙ୍କ ମନ ଜାଣି ପାଠ ପଢ଼ାଇବା ହେଉଛି, ତୁମର ଛପନ କୋଟି ଭୋଗ । ପିଲା ସ୍କୁଲରେ ନାହିଁ ତ ଗୁରୁଙ୍କ କର୍ମକାଣ୍ଡ ଠପ୍ । ତେଣୁ ଦଣ୍ଡମୁକ୍ତ ହେଲା ଦିନଠୁ, ଗୁରୁଜୀ ଏ ଭଗବାନଙ୍କୁ ଭାରି ଭୟ ।

ବେଦ୍ୟାଂଶ କଥାରେ ଅଜା ବୁଢ଼ା ଅଣନିଶ୍ୱାସୀ । ପୁଣି କହିଲା, ନାତି ଟୋକାଟା । ଦେଖ ଅଜା ଏ ଯୁଗର ଭଗବାନଙ୍କୁ ସରକାରଙ୍କ ଭାରି ଭୟ । କେତେବେଳେ ଅନଶନ ତ କେତେବେଳେ ଧର୍ମଘଟ । ତେଣୁ ଏମାନଙ୍କ ମନ୍ଦିର, ପ୍ରାଚୀର ନିର୍ମାଣ, ଖେଳପଡ଼ିଆ, ଖେଳସାମଗ୍ରୀ, ଲାଇବ୍ରେରୀ, ପାଇଖାନା, ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର, ନାମଲେଖା ଫିଜ୍ ଛାଡ଼ ଆଦି କେତେ ଯେ ବ୍ୟବସ୍ଥା କରିଛନ୍ତି, ତୁମେ ଶୁଣିଲେ ଅଡୁଆ ଅଡୁଆ ଲାଗିବ ।

ଅଜା କହିଲା, ବେଦ୍ୟାଂଶକୁ, ଆମେ ଚାଟଶାଳୀରେ ପଢୁଥିଲୁ । ଗୁରୁଜୀ ମନ ଲଗାଇ ପଢ଼ାଉଥିଲେ । ଏ ପୁରର ଗୁରୁ ତିରିଶ ପିଲାଙ୍କୁ ଗୋଠ କରି ପାଳ ଭାଡ଼ିରୁ ପାଳ ଦେଲା ପରି ମଧ୍ୟାହ୍ନଭୋଜନ ଦେଉଛନ୍ତି । ଖାଲି ପିଲାଟି ସପ୍ତାହକୁ କେତୋଟି ଅଣ୍ଡା ପାଇଲେ ହିସାବ ରଖୁଛନ୍ତି । ନାତି ଟୋକାଟା କହିଲା, ଅଜା ତୁମେ ପୁରା ଫେଲ୍ । ତୁମେ ଯେଉଁ ପନିପରିବା ଆଗରୁ ଖାଉଥିଲ ଏବେ ସେପରି ପନିପରିବା ଖାଉଛ କି ? ଏବେ ପରା ହାଇବ୍ରିଡ୍ ଯୁଗ । ତେଣୁ ହାଇବ୍ରିଡ୍ ଖାଦ୍ୟ ସାଙ୍ଗକୁ ହାଇବ୍ରିଡ୍ ପାଠ । ଆଗ ଯୁଗ ନୁହେଁ ଯେ ବାପା ଓ ମା’ଙ୍କୁ ଏବେ ବାପା ଓ ମା’ ବୋଲି ଡାକିବେ । ଏବେମଧ ଡାଡି, ମମି କହିଲେ ବାପା ଓ ମା’ ବୁଝିବେ । ନାତି କଥାରେ ଅଜା ପୁରା ଫେଲ୍ । କହିଲେ କୁଳକୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସିଯିବ ।

***କୁରୁଲ, ବଲାଙ୍ଗିର***

# ତିନୋଟି ମିନି ଗଳ୍ପ

■ ବସନ୍ତ କୁମାର ଉତ୍ତରକବାଟ

### (୧) ଅଫେରା ନଈ

ମହାନଦୀ ଅଛି । ବାରବାଟୀ ଅଛି; କିନ୍ତୁ ସେ ନାହାନ୍ତି ମାତ୍ର ସ୍ମୃତି ଅଛି । ସ୍ମୃତି ହିଁ କୀର୍ତ୍ତି । ଭଲପାଇବା ଅନେକଥର ଆସେ । ଆସେ ପ୍ରତି ମୁହୂର୍ତ୍ତରେ; କିନ୍ତୁ ପହିଲି ଭଲବାର ସଜସରାଗ ଝଲକରେ ଆସି ଝଲକରେ ଯାଏ । ଜୀବନର ଧୂସରା ବାଟରେ ସେ ଆଉ କେବେ ଦେଖାଦିଏ ନାହିଁ । ସେ କଳା ସୌଦାଗରଟା, ତା' କଳାର ବୋଇତରେ ସବୁ ସାଇତି ରଖିଥିଲା । ଏଇ ଯେମିତି ସଙ୍ଗୀତର ସବୁ ବିଭାଗଗୁଡ଼ିକୁ, ସ୍ୱର, ମୂର୍ଚ୍ଛନା, ରାଗ, ରାଗିଣୀ, ତାଳ, ଲୟ ଇତ୍ୟାଦି । ପୁଣି ସାହିତ୍ୟର ଅନେକ ବିଭବ ତଥା ଛନ୍ଦ, ରୂପକଳ୍ପ, ରସ, ରାଗ, ଚିତ୍ର, କଳ୍ପ, ଗଳ୍ପ, ପ୍ରବନ୍ଧ, ଗୀତିକବିତା ପ୍ରଭୃତିକୁ । ମଫସଲର ଲୋକକଥାଠାରୁ ଆରମ୍ଭ କରି ସହରର ଅତ୍ୟାଧୁନିକ ଚକାଚକ୍ କଥା ପର୍ଯ୍ୟନ୍ତ । ସେହି ସୌଦାଗର ଆଜି ନାହାନ୍ତି । ତାଙ୍କ ଫ୍ୟାନ୍‌ମାନେ ଆଜି ଝୁରୁଛନ୍ତି । ବାହୁନି ବାହୁନି କାନ୍ଦୁଛନ୍ତି ତାଙ୍କ ଅନେଶତରାଣୀ । ଆର୍ଯ୍ୟ ଦାସର ଆତ୍ମଲିପି ଆଜି ବିଳପି ଉଠୁଛି । କାହିଁ ସେହି କଳାର ବଣିକ । କଟକର ବଡ଼ ଡାକ୍ତରଖାନାରେ ସେ ପରା ଅଛନ୍ତି ନା ସତୀ ଚଉରାର ଶ୍ମଶାନଘାଟରେ ଅଛନ୍ତି ? ନାଁ ସେ କଟକର ବଡ଼ ଡାକ୍ତରଖାନାରେ ନାହାନ୍ତି କି ସତୀଚଉରାର ଶ୍ମଶାନ ଘାଟରେ ନାହାନ୍ତି । ସେ ଲକ୍ଷେ ଓଡ଼ିଆଙ୍କ ମଉଡ଼ମଣି । ସେ ଓଡ଼ିଶାର ଆବାଳବୃଦ୍ଧବନିତାଙ୍କ ହୃଦୟରେ ରହିଛନ୍ତି । ସେ କ୍ଷୟ ହୋଇନାହାନ୍ତି । ଅକ୍ଷୟ ଭାବେ ସାଇତି ହୋଇ ରହିଛନ୍ତି । ଶେଖ୍‌ବଜାରର ବିଚିତ୍ରବର୍ଣ୍ଣା ଆଜି ଝୁରୁଛି । ମହାନଦୀ ବି ଝୁରୁଛି । ବାରବାଟୀ ବି ଝୁରୁଛି । ସମସ୍ତେ ଝୁରୁଛନ୍ତି । ଫଗୁଣ କାନ୍ଦୁଛି, ବସନ୍ତ ବି କାନ୍ଦୁଛି । ମଧୁପୁର କୋଠି ଗୁଣୁଗୁଣୁ ହୋଇ କାନ୍ଦୁଛି । ତାଙ୍କ ନୀଳନୟନାମାନେ ବି କାନ୍ଦୁଛନ୍ତି । ହେଲେ ସେ କ'ଣ ଫେରିବେ । ସେ ପରା ଅଫେରା ନଈ । ସେ ସିନା ଅଫେରା ନଈ; କିନ୍ତୁ ଛାଡ଼ିଯାଇଛନ୍ତି ଅସଂଖ୍ୟ ମୁକ୍ତାର ଶାମୁକା, ଶଙ୍ଖ, ମଣି, ଯାହାକୁ କି ତାଙ୍କ ପ୍ରଶଂସକମାନେ ଆଶା କରିଛନ୍ତି, ସେ ପୁଣି ଉଜାଣି ନଈ ହୋଇ ଫେରିଆସିବେ ।

### (୨) ଝରାବଉଳ

ଭୁସ୍ କରି ଆସିଲେ । ମୋତେ ଭଲପାଇ ବସିଲେ । ମୁଁ ଟିନ୍‌ଏଜ୍‌ର ପିଲା । ତାଙ୍କ ବୟସ ପଇଁତିରିଶି । ପୁଣି ବିବାହିତା । ଲେଖାଯୋଖାରେ ସେ ମୋ ବୁଢ଼ୀମାଆ । ତାଙ୍କ ସ୍ୱାମୀ ଜଣେ ଶିକ୍ଷକ । ଶିକ୍ଷକ ସ୍ୱାମୀ ତାଙ୍କର ବିଦେଶରେ ରୁହନ୍ତି; ମାତ୍ର ଯେତେବେଳେ ତାଙ୍କ ସ୍ୱାମୀ ଛୁଟି କଟାଇବାକୁ ଆସନ୍ତି, ସେ ମୋ ସଙ୍ଗେ ମିଶନ୍ତି । କାରଣ ତାଙ୍କ ସ୍ୱାମୀ ଗାଁ ଡ୍ରାମାରେ ନାଚ କରିବା ପାଇଁ ମୋତେ ହାତ କରନ୍ତି । ଯେହେତୁ ମୁଁ ଗାଁ'ଗହଳି ଡ୍ରାମାର ଜଣେ ନାଟ୍ୟ ନିର୍ଦ୍ଦେଶକ । ତେଣୁ ତାଙ୍କ ଘରକୁ ମୁଁ ଯିବା ଆସିବା କରେ । ସେ ମୋତେ ଧୀରେ ଧୀରେ ସଂପର୍କର ସେତୁରେ ବାନ୍ଧି ଭଲପାଇ ବସିଲେ । ମୁଁ ପହିଲି ଭଲପାଇବାର କଥା କ'ଣ କେମିତି ଧୀରେ ଧୀରେ ବୁଝିଗଲି ଯେ ଭଲପାଇବାର ମାନେ କାମନା ! ସେ ସ୍ୱାମୀଙ୍କଠାରୁ ଯାହା ପାଇବା କଥା ତାହା ପାଇପାରୁନାହାନ୍ତି । ତେଣୁ ବୋଧେ ମୋତେ 'ବ୍ୟଭିଚାର' ଜାଲରେ ବାନ୍ଧି ଦେବାପାଇଁ ବସିଛନ୍ତି । ଏକେ ତ 'ରାଉତ୍‌ଛୋଟରା' ଘରର ଓଡ଼ିଆଣୀ ବୋହୂ । ମାନ-ସମ୍ମାନକୁ ଜଳାଞ୍ଜଳି ଦେଇ କାମନାବାସନା ପାଇଁ ପ୍ରୟାସିନୀ । ତେଣୁ ମୁଁ ମୁହେଁ ମୁହେଁ ଥରେ କହିଲି, ''ମା' ମୁଁ ତୁମ ନାତି ହେବି, ତୁମ୍ଭେ ମୋ ମାଆ ହେବ ।'' ଏଭଳି କଦର୍ଯ୍ୟ ସଂପର୍କ ରଖିବା ନାହିଁ । ତେଣୁ ମୁଁ ବୁଢ଼ାବାପାଙ୍କୁ କହି ଦେବି । ସେ କହିଲେ, ନାଇଁ ନାଇଁ ଏ କଥା ମୋ ସ୍ୱାମୀକୁ କୁହ ନାହିଁ । ମୋର ଜୀବନ ଚାଲିଯିବ । ତା'ପରେ ମୁଁ କଥା ଦେଲି, ନା ଏକଥା ତୁମ ସ୍ୱାମୀଙ୍କୁ ଆଗେ କହିବି ନାହିଁ; କିନ୍ତୁ ହଠାତ୍ ପରିସ୍ଥିତି ବଦଳିଗଲା । ଦିନେ ଦେଖେ ତ ତାଙ୍କ ସ୍ୱାମୀ ପୁଲିସ୍, କୋର୍ଟ କଚେରୀରେ ମାମଲା କଲେ ଯେ ମୋ ସ୍ତ୍ରୀକୁ ମଦ ଖାଇ କୁ-ବ୍ୟବହାର କରିବା ପାଇଁ ଏଇ ଯୁବକ କହୁଛି । ମୋ ମୁଣ୍ଡ କ'ଣ ହୋଇଗଲା,

ଫଗୁଣ ମଉଳିଗଲା । ବସନ୍ତ ବିଦୀର୍ଣ୍ଣ ହୋଇଗଲା । ସମସ୍ତେ ନିସ୍ତବ୍ଧ ।

### (୩) ପ୍ରବଞ୍ଚନା

ସହରଟିର ନାମ ଆଭାସପୁର । ସେଇ ସହରରେ ରହୁଥାନ୍ତି ରବିବାବୁ ଓ ତାଙ୍କ ଅଭିନେତ୍ରୀ ସ୍ତ୍ରୀ ଇତି ଦାଶ ଓରଫ୍ ଇନ୍ଦୁମତୀ ଦାଶ । ବ୍ରାହ୍ମଣ ଘରର ଝିଅ କି ତନ୍ତୀ ଘରର ଝିଅ ମୋର ଖିଆଲ ହେଉନାହିଁ । ସେ ଯାହାହେଉ ଦେଖିବାକୁ ଭାରି ସୁନ୍ଦରୀ । ବେଶି ଡେଙ୍ଗୀ ନୁହଁ କି ଗେଡ଼ି ନୁହଁ । ପତଳା ନୁହଁ କି ମୋଟି ନୁହଁ । ସାଉଣ୍ଡ୍ ହେଲ୍‌ଥ । ସୋରିଷ ଫୁଲ ଭଳି ଦେହର ରଙ୍ଗ । ଘଞ୍ଚ କଳା କେଶ, କୁଞ୍ଚୁକୁଞ୍ଚିଆ ମୋଡ଼ି ହୋଇ ମୁଣ୍ଡର ବାଳଗୁଚ୍ଛ । ହଂସ ଭଳି ପଦଯୁଗଳ । ମରାଳ ଭଳି ତାଙ୍କ ଚାଲି । ପୋଟଳ ଚିରା ପରି ନୟନ ଦିଓଟି । ପକ୍ୱ ବିମ୍ବାଧାରୀ । ମୁହଁଟିକୁ ଦେଖିବାକୁ ଚତୁର୍ଦ୍ଦଶୀ ଜହ୍ନର ଡୋଫା ଭଳି । ସୁନ୍ଦର ବ୍ୟବହାର । ସୁନ୍ଦର ଚାଲିଚଳନ । ଏକେତ ତାଙ୍କ ଜନ୍ମମାଟି ଯାଜପୁର ଜିଲ୍ଲା ଅହିୟାସ ଗାଁ'ରେ । ହଠାତ୍ ଦିନେ ମୁଁ ଗଲି ତାଙ୍କ ପାଖକୁ, ମୋ ନାଟକରେ ଅଭିନୟ କରିବା ପାଇଁ । ସେ ରାଜି ହେଲେ । ନାକ ବି କଲେ । ତାଙ୍କ ପାଉଣା ବି ନେଲେ । ତା'ପରେ ସବୁଦିନେ ମୋ ଫୋନ୍‌କୁ କଲ୍ କଲେ । ସାର୍ ପ୍ଲିଜ୍ କୋଡ଼ିଏ ଟଙ୍କାଟିଏ 'ଇଜ୍' କରି ପଠେଇ ଦିଅନ୍ତୁ ନା । ମୁଁ ନାଚ କରି ଆସିଲା ଦିନଠୁ ତୁମରି କଥା ସାରାରାତି ଦିନ ଭାବୁଛି । ତା'ପରେ ମୁଁ ଆଜ୍ଞା ବୋକାଙ୍କ ଭଳି ତାଙ୍କର ସବୁକଥା ମାନି ନେଉଥାଏ । ଦିନେ ଶୁଣିଲି ଗୋଟେ ଛତରା ଟୋକା, 'କାଳିଆ ନାଗର' ଟିଏ ପାରାଦ୍ୱୀପ ନେଇ ପଳେଇଯାଇଛି ଚୁଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ ଚାକିରି କରେଇ ଦେବା ବାହାନାରେ । ତା' ଘର ତିର୍ତ୍ତୋଲ । ପୁଣି ଦିନେ ତାଙ୍କ ସ୍ୱାମୀ କାନ୍ଦି କାନ୍ଦି ପହଞ୍ଚିଗଲେ ମୋ ପାଖରେ । ସାର୍ ମୋ ସ୍ତ୍ରୀ ଆସିଥିଲା କି ? କାଇଁ ନାଇଁ ତ ମୁଁ କହିଲି । ହଠାତ୍ ଦିନେ ସେହି ଅଭିନେତ୍ରୀ ଜଣକ ତାଙ୍କ ସ୍ୱାମୀ ପାଖକୁ ଫେରିଆସିଛନ୍ତି ବୋଲି ଜାଣିଲି । ଭାବିଲି ଖରାରେ ଗୋଡ଼ ତାତିଗଲା ବୋଲି କି ଗଛ ମୂଳକୁ ଆସିଲି । ଗଛ ମୂଳକୁ ଆସିଲା ପରେ ତା' କୋରଡ଼ରୁ କୃଷ୍ଣସର୍ପ ଦଂଶନ କରିବାକୁ ଆସୁଛି । ସତରେ କ'ଣ ଏଇଆକୁ କୁହନ୍ତି ଧୋକା..... । ହଁ ମନେପଡ଼ିଗଲା ସିଙ୍ଗ୍‌ମଣ୍ଡଫ୍ରଏଡ୍‌ଙ୍କ କଥା – "Woman is internal harlot, she is an Khristan killer."– ''ନାରୀ ହେଉଛି ଏମିତି ଏକ ବସ୍ତୁ, ଯେ କି ନିଜର ଯୌନଲାଳସାକୁ ଚରିତାର୍ଥ କରିବା ପାଇଁ ନିଜର ପ୍ରେମିକକୁ ପ୍ରତାରଣା ଦେଇପାରେ । ସେ କାହୁଁ ବୁଝିବ ହୃଦୟର ଭାଷା ଓ କଥା ।''

*ବାଙ୍କୋଇ, ଖୋର୍ଦ୍ଧା*


# POWER HOUSE

**DISTRIBUTOR**

**LUMINOUS, EXIDE, AMCO**

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ସମୁଦ୍ର, ପ୍ରୀତି ଓ ପ୍ରତିମା

■ ଡ. ନୃସିଂହ ଚରଣ ସାହୁ

ମୁଁ ପହଁରା ଶିଖିନି । ଅତଏବ ସମୁଦ୍ରର ଅତଳ ଗର୍ଭରେ ବୁଡ଼ି ମୁକ୍ତା ଖୋଜିବାର ଦୁଃସାହସ କେବେ କରିନି । ତଥାପି ସମୁଦ୍ର କୂଳେ ବୁଲିବାଟା କେଜାଣି କେମିତି ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । କାରଣ ବେଳାଭୂମିରେ ମଥା ପିଟୁଥିବା ସମୁଦ୍ରର ଚୁନି ଚୁନି ଲହଡ଼ିରେ ଭିଜା ଭାରିପାଦକୁ ନେଇ ସାନ୍ଧ୍ୟଭ୍ରମଣ କରିବାରେ ଏକ ଅପୂର୍ବ ଆନନ୍ଦ ମୁଁ ଅନୁଭବ କରୁଥିଲି । ତା' ସହ କୁନି କୁନି ଶାମୁକା, ଶଙ୍ଖ ଆଦି ତାର ପରିତ୍ୟକ୍ତ ସ୍ମୃତିକୁ ଆଗ୍ରହରେ ସାଉଁଟି ଆଣି ନିରୀକ୍ଷଣ କରିବା, କିଛି ପକେଟରେ ସଂଗ୍ରହ କରି ରଖିବାରେ ସମୁଦ୍ର ପ୍ରତି ମୋର ଆକର୍ଷଣ ବେଶ୍ ବୃଦ୍ଧି ପାଇଥିଲା ।

ବେଳେବେଳେ ସମୁଦ୍ର ମୋତେ କଥା କହିଲାଭଳି ଜଣାପଡ଼େ । ମାତ୍ର ଯେତେ ସ୍ଥିର ହୋଇ ତାର ଭାଷା ବୁଝିବାକୁ ଚେଷ୍ଟାକଲେ ମଧ୍ୟ ବୁଝିପାରେନା । ମୋର ଅବୁଝାମଣା ଲକ୍ଷ୍ୟ କରି କିମ୍ବା ମୋ'ଠାରୁ କୌଣସି ଜବାବ ନ ପାଇ ସେ ଅନେକ ସମୟରେ ରାଗିଯାଏ । ଆଲୁଳାୟିତ କେଶ ବିସ୍ତାର କରି ମୋ ନିକଟକୁ ଧାଇଁ ଆସେ । କିନ୍ତୁ ଆଶ୍ଚର୍ଯ୍ୟ ! ମୁଁ ତାକୁ ଆଲିଙ୍ଗନ କରି ମନୋଭାବ ବୁଝାଇବାକୁ ଧାଇଁଯିବା ବେଳକୁ ମୋର ଚତୁଃପାର୍ଶ୍ୱ ଜଳସିକ୍ତ କରି ସେ ହଠାତ୍ ଫେରିଯାଏ । ମନେ ମନେ ଚିନ୍ତା କରେ ଏପରି ରହସ୍ୟମୟ ଅଭିନୟ କରି ସେ ପାଏ କ'ଣ ? ସମୁଦ୍ରର ଆଚରଣ, ତା' ପ୍ରତି ମୋର ଆକର୍ଷଣରେ କ୍ରମଶଃ ବ୍ୟାଘାତ ସୃଷ୍ଟି କଲା । ସୁତରାଂ ତା'ର ବେଳାଭୂମିରେ ମୋର ନିୟମିତ ସାନ୍ଧ୍ୟ ଭ୍ରମଣ ସାମୟିକ ହେଲା । ଦୂରରୁ ତା'ର ଆଚରଣ ଆକଳନ କରିବାକୁ ମୁଁ ସଚେଷ୍ଟ ହେଲି । ହଠାତ୍ ଦିନେ ମୋର ସେହି ପ୍ରୟାସ ଫଳପ୍ରସୂ ହେଲା । ତା'ର ସନ୍ନିକଟରୁ ଯାହା ଉପଲବ୍ଧିରେ ଅସଫଳ ହୋଇଥିଲି ଅଦୂରରୁ ତାକୁ ବୁଝିବାରେ ସଫଳ କାମ ହେବା ମୋ' ପାଇଁ ବେଶ୍ ଆନନ୍ଦଦାୟକ ଥିଲା । ତା'ର କ୍ଷୀଣ ସ୍ୱର ଓ ମନର ଭାଷା ମୁଁ ହୃଦୟଙ୍ଗମ କରିପାରିଲି । ମାତ୍ର ଦୁର୍ଭାଗ୍ୟକୁ ମୁଁ ସେତେବେଳେ କୋଣାର୍କର ମୁଖଶାଳା ସମ୍ମୁଖରେ ବସି ମହାକାଳର କରାଳ ଗର୍ଭରୁ ତା'ର ଅତୀତ ସ୍ଥିତି ସହ କୋଣାର୍କର ସଂପର୍କ ଆକଳନରେ ବ୍ୟସ୍ତ ଥିଲି । ଅତୀତର ପୃଷ୍ଠା ଖୋଲି ବୁଝିବାକୁ ଚେଷ୍ଟା କରୁଥିଲି ମନ୍ଦିର ନିର୍ମାଣ ସହ ଜଡ଼ିତ ଧର୍ମପଦର ଆତ୍ମୋତ୍ସର୍ଗଜନିତ ବାସ୍ତବ କାରଣକୁ । ବାରଶହ ବଢ଼େଇଙ୍କ ସ୍ୱାର୍ଥ ନା ସମୁଦ୍ରର ନୀଳ ପ୍ରଶାନ୍ତ ଆଲିଙ୍ଗନ ତାକୁ ସେଥିପାଇଁ ପ୍ରୋତ୍ସାହିତ କଲା ? ଭାବନାର ଅସୁମାରୀ ଲହରୀ ମଥାପିଟି ଚାଲିଥିଲେ ମୋ ମନର ନିରୋଳା ତଟଦେଶରେ । ଚତୁଃପାର୍ଶ୍ୱରେ ବେଷ୍ଟିତ ଝାଉଁବଣର ମୃଦୁ ଗୁଞ୍ଜନ ଭଳି ମୋ ମଧ୍ୟରେ କେଉଁ ଅଜଣା, ଅଚିହ୍ନା ଆତ୍ମାର ଅସ୍ପଷ୍ଟ ଗୁଞ୍ଜନ ମୁଁ ଶୁଣିପାରୁଥିଲି । ମାତ୍ର ତାହା ଥିଲା ଦୁର୍ବୋଧ ।

ପଶ୍ଚାତ୍‌ରେ କୋଣାର୍କର ଭଗ୍ନାବଶେଷ ମଧ୍ୟରେ ଉକୁଟି ଉଠୁଥିଲା ଓଡ଼ିଆ ଶିଳ୍ପୀର ଅପୂର୍ବ କଳାନୈପୁଣ୍ୟ, ଇତିହାସର କେଉଁ ଶୁଭ ଲଗ୍ନରେ ଓଡ଼ିଆ ଜାତିର କାଳଜୟୀ ଭାସ୍କର୍ଯ୍ୟର ଚରମ ନିଦର୍ଶନ । ଶିଳାରେ ଶିଳାରେ ତା'ର ବାରଶହ ବଢ଼େଇଙ୍କ ପ୍ରାଣସ୍ପନ୍ଦନ ଯେପରି ଝଙ୍କୃତ ହୋଇଉଠୁଥିଲା । ମାତ୍ର ସେହି କୀର୍ତ୍ତିର କ୍ରମ କ୍ଷୟମାଣ ସ୍ଥିତି ମୋର କଳାପ୍ରେମୀ ହୃଦୟକୁ ଦାରୁଣ ଆଘାତ ପ୍ରଦାନ କରୁଥିଲା । ଅଶ୍ୱସ୍ତିର ଦୀର୍ଘଶ୍ୱାସ ଡୋଳି ଅପନ୍ତରା ଏକ ବାଲୁକାସ୍ତୂପ ଉପରୁ ନିରୀକ୍ଷଣ କଲି ସମୁଦ୍ରକୁ ।

ସମୁଦ୍ର - ପ୍ରୀତିର କୋଣାର୍କ ତା'ର ଭାଙ୍ଗିଯାଇଛି । ଅଭିମାନିନୀ ହୋଇ ସେ ଘୁଞ୍ଚିଯାଇଛି ଦୂରକୁ - ବହୁ ଦୂରକୁ । ଚାହିଁଲେ ଦୃଷ୍ଟି ପାଉନି । କେବଳ ତା'ର ଶବ୍ଦ ଶୁଭୁଛି ଦୂରରୁ, ସତେଯେପରି ପ୍ରତ୍ନତତ୍ତ୍ୱ ଗର୍ଭରୁ । ସେ ଶବ୍ଦ ହୁଏତ ଦୁଃଖ, ବେଦନା ଓ ବିଫଳତାର ଆର୍ତ୍ତ କ୍ରନ୍ଦନ ।

ମୁଁ ପ୍ରତ୍ନତତ୍ତ୍ୱପ୍ରେମୀ । ମାଟିର ଗହ୍ୱରରୁ ଜୀବନରବାଣୀ, ସତ୍ୟର ସନ୍ଧାନ ମୋତେ ଆନମନା କରେ । କଙ୍କାଳର ମୁଖରେ ମୁଁ ଆଶାର ଭାଷା ଫୁଟାଇବାକୁ ଚେଷ୍ଟା କରେ । ଅପାଂକ୍ତେୟ, ଅବହେଳିତ ପ୍ରତିଟି ବସ୍ତୁରେ ଇତିହାସର ଅନୁଶୀଳନ କରେ । ମାତ୍ର ସମୁଦ୍ର ଗର୍ଭରେ ଛପି ରହିଥିବା ଅଗଣିତ ଜୀବାଶ୍ମର ହିସାବ ରଖିବା ମୋ ପକ୍ଷରେ ଅସମ୍ଭବ । କାରଣ ସମୁଦ୍ରର ଅନ୍ତର ନିରୀକ୍ଷଣ କରିବାର ଶକ୍ତି ମୋର ନାହିଁ । ଅଥଚ ସମୁଦ୍ର ପ୍ରତି ମୋର ଅନନ୍ତ ଦୁର୍ବଳତା । ମୋ ଭଲ ପାଇବାର ପ୍ରବଳ ଆକର୍ଷଣ ତାର ଅଙ୍ଗେ ଅଙ୍ଗେ ଭରି ରହିଛି ।

ସମୁଦ୍ର ସତରେ ମୋତେ କଥା କହୁଥିଲା– ଜୀବନର କଥା, ପ୍ରୀତିର କଥା, ଭଲପାଇବାର କଥା । ଆଃ.... ବିଷାଦର ବଉଦ ତା' ବୁକୁରେ କେବେ ଅଶ୍ରୁର ବାରିବର୍ଷଣ କରି ଭାସିଯାଇଥିଲା ତା' ମୁଁ ଜାଣି ନଥିଲି । ବୁଝିବି ନ ଥିଲି ଗୋଟିଏ ଅନ୍ତର ତଳେ ମଣି, ମୁକ୍ତା ବ୍ୟତୀତ ଆଉ କେତେ ସ୍ମୃତିର ଶିଳା, କେତେ ଜ୍ୱଳନର ଶିଖା ଛପି ରହିଛି ବୋଲି । ସମୁଦ୍ର କିନ୍ତୁ ତା' ହୃଦୟର ପରିଭାଷାରେ ମୋତେ ଆନନ୍ଦ କ'ଣ ବିଷାଦ କ'ଣ ଶିଖାଇ ଦେବାସହ ମୋର ଅନ୍ତରଙ୍ଗ ହୋଇଗଲା । ତା'ର ସଂଗୁପ୍ତ ବ୍ୟଥା ଓ ବେଦନା ମୋ ନିକଟରେ ପ୍ରକଟ କଲା । ସମୁଦ୍ରର ମର୍ମବାଣୀ ମୋତେ ବ୍ୟଥିତ କଲା । ଅନ୍ୟମନସ୍କ ଭାବେ ମୁଁ କେତେବେଳେ ପୁଣି କୋଣାର୍କ ପରିସରକୁ ଫେରିଆସିଥିଲି ମନେପକାଇ ପାରୁ ନ ଥିଲି । ସମୁଦ୍ର ସହ ପ୍ରୀତି-ଭାବନାରେ ମସ୍‌ଗୁଲ୍ ଥିବାବେଳେ ପଛରୁ ପତ୍ନୀ ପ୍ରତିମାର ଡାକରେ ଚମକିପଡ଼ିଲି । କୋଣାର୍କର ଚାରୁକଳା ବୁଲି ବୁଲି ନିରୀକ୍ଷଣ କରିବା ମଧ୍ୟରେ ସେ କହୁଥିଲା– 'କ'ଣ ଗବେଷଣା ସରିନାହିଁ ? ଏଇ ଖରା ଚାଲିଯାଉଛି ଯେ ! ଫଟୋ ଉଠାଇବା ପରା ?' ମୋର ଚକ୍ଷୁ ଦୁଇଟିରେ କେତେବେଳୁ ଲୋତକବିନ୍ଦୁସବୁ ଜମାଟ ବାନ୍ଧିସାରିଥିଲେ ମୁଁ ଜାଣି ନ ଥିଲି । ଅଗତ୍ୟା ମୋର ଏପରି ଅବସ୍ଥିତି ପ୍ରତିମାଙ୍କ ନିକଟରେ ଧରାପଡ଼ିଯିବ, ତାହା ଚାହୁଁ ନ ଥିଲି । ସୁତରାଂ ଅତ୍ୟନ୍ତ ସନ୍ତର୍ପଣରେ ରୁମାଲରେ ଚକ୍ଷୁର ଲୋତକ ପୋଛି

ତା'ର ହାତ ଧରି ଫଟୋ ଉତ୍ତୋଳନ ପାଇଁ ସ୍ଥାନ ଚୟନରେ ଆଗେଇଲି । ପ୍ରତିମା କିଛି ବୁଝିପାରୁ ନ ଥିଲେ ମଧ୍ୟ ମୋର ଅନ୍ୟମନସ୍କତା ବେଶ୍ ଅନୁମାନ କରିପାରୁଥିଲା । ମାତ୍ର ମୋର ଭାବପ୍ରବଣଜନିତ ସେପରି ମାନସିକତା ବିଷୟରେ ପୂର୍ବ ଅନୁଭୂତି ହେତୁ ସେ କିଛି ପଚାରିବା ଆବଶ୍ୟକ ମଣି ନ ଥିଲା ।

ଖରା ସତରେ ମଳିନ ପଡ଼ିଆସୁଥିଲା । କୋଣାର୍କ ମୁଖଶାଳା କାନ୍ଥରେ ସଂସ୍ଥାପିତ ଏକ କମନୀୟ ନଟୀମୂର୍ତ୍ତି ନିକଟକୁ ଉଠିଯାଇ ପ୍ରତିମା ଫଟୋ ଉଠାଇବା ପାଇଁ ପ୍ରସ୍ତୁତ ହେଉଥିଲା । ଚମତ୍କାର ରୁଚି ସତରେ ପ୍ରତିମାର । ଝାଉଁଳା ଖରାର ନିଷ୍ପ୍ରଭ ଛଟା ପାଷାଣ ନଟୀ ମୂର୍ତ୍ତିଟିର ଶିଉଳି ଢଙ୍କା ମଳିନ ମୁଖମଣ୍ଡଳରେ ବେଶ୍ ଆକର୍ଷଣୀୟ ଦିଶୁଥିଲା । ମୂର୍ତ୍ତିଟିର ନିମ୍ନଭାଗରେ ଦଣ୍ଡାୟମାନ ହୋଇ ପ୍ରତିମା ମୋତେ ଏକ ଲୟରେ ଚାହିଁରହିଥିଲା । ଛାୟାମ୍ଳାନ ଗୋଧୂଳିର ସେଇ ଉଦାସ ମୁହୂର୍ତ୍ତରେ ସେ ଯେପରି ମନ୍ଦିରର କେଉଁ ଏକ ଅଭିଶପ୍ତା ନାରୀମୂର୍ତ୍ତି ପ୍ରତୀୟମାନ ହେଉଥିଲା । ମୋର ମନେ ହେଉଥିଲା ଯେପରି ବହୁ ଦିନରୁ ଅନୁଶୀଳନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ସର୍ଭେ ପାଇଁ ଆବଶ୍ୟକୀୟ ଉପାଦାନ ମିଳିଗଲା ।

ଦୁଇ ତିନିଥର ଫଟୋ ଉଠାଇବାର ଚେଷ୍ଟାକରି ମୁଁ ବିଫଳ ହେଲି । କ୍ୟାମେରାର ଲେନ୍ସ ମଧ୍ୟରେ ଆଖି ମୋର ଝିଲମିଲ୍ ହୋଇଗଲା । ଆଲୋକ ଆଉ ମୂର୍ତ୍ତି.... ପୁଣି ମୂର୍ତ୍ତି ଏବଂ ପ୍ରତିମା... ପୁଣି ପ୍ରତିମା ଆଉ ସମୁଦ୍ର.... ଏବଂ ମୂର୍ତ୍ତି ଓ ସମୁଦ୍ର.... ପୁଣି.... ଉପଲବ୍ଧି କରୁଥିଲି, କେଉଁ ଏକ ହୃଦୟହୀନ ଶିଳ୍ପୀ ପାଇଁ ନଟୀମୂର୍ତ୍ତିର ଆନତ ମୁଖମଣ୍ଡଳରେ ଅଭିମାନର ସଂକେତ ଯେପରି ଛାପି ହୋଇଯାଇଥିଲା । ଆକର୍ଣ୍ଣ ବିସ୍ତାରିତ ନୟନ ଯୁଗଳରେ କାହିଁ କେତେ ଯୁଗର ଅନ୍ତହୀନ ପ୍ରତୀକ୍ଷା, ପ୍ରକାଶ ବ୍ୟାକୁଳ ଓଷ୍ଠ ଯୁଗଳରେ ଶୋଷହୀନ ତୃଷ୍ଣା, ଅଭିସାରିକାର ଅଙ୍ଗଭଙ୍ଗୀରେ ଅସଫଳ ପ୍ରୀତିର ମୁଦ୍ରାଙ୍କ ସ୍ପଷ୍ଟ ବାରି ହୋଇପଡୁଥିଲା ।

ଆଉ ପ୍ରତିମା ? ସମୁଦ୍ର ନୀଳ ଆଖିରେ ତା'ର ଆହତ ହରିଣୀର ନିରୀହ ଚାହାଣି । ଦୁଇ ଓଷ୍ଠଧାରରେ ଅଭିମାନିନୀର ଅକୃତ୍ରିମ ପ୍ରଲେପ । ଅଧିକ ଅପେକ୍ଷା କରିବାର ଧୈର୍ଯ୍ୟ ନ ଥିଲା ପ୍ରତିମାର । ନିଜକୁ ସେଭଳି ଅବସ୍ଥାରେ ଅଧିକ କ୍ଷଣ ଭୁଲାଇ ରଖିବାର ମାନସିକତା ମଧ୍ୟ ନ ଥିଲା ମୋର । ସେଇ ସ୍ଥିତିରେ ମୋ ଦୃଷ୍ଟିର ଦିଗନ୍ତକୁ ଅନ୍ଧକାର କରି ଏକ ଦୀର୍ଘ କଳାବାଦଲ ମାଡ଼ି ଆସୁଥିବା ଅନୁଭବ କଲି । କୋଣାର୍କ.... ନଟୀ... ପ୍ରତିମା... ସମୁଦ୍ର... ଜୀବନ.... ବିଷାଦ... ଅଭିମାନ.... ମୃତ୍ୟୁ... ଅନ୍ଧାର... ଉଃ... ସବୁ ଖାଲି ଗୋଟିଏ ସ୍ରୋତ । ସେ ସ୍ରୋତରେ ଢେଉ.... ତା' ଉପରେ ଢେଉ... ତା' ଉପରେ... ଅନୁନୟ.... ଅସହାୟତା... ଗର୍ଜନ... ସବୁ କ୍ରମଶଃ ଏକାକାର ହୋଇଗଲେ ।

ପ୍ରତିମା.... ପ୍ର...ଆଃ ! ଚିତ୍କାର କରି ଉଠିଲି ମୁଁ । ମୁଣ୍ଡ ଘୂରାଇ ଦେଲା । ଶରୀରର ଭାରସାମ୍ୟ ରଖିପାରିଲିନି । ଆଖି ଖୋଲିଲା ବେଳକୁ ପ୍ରତିମା ତା' କୋଳରେ ମୋ ମଥା ରଖି ପଣତକାନିରେ ମୋ ମୁହଁକୁ ପୋଛି ଦେଉଥିଲା । ଉଠି ଠିଆ ହେବାକୁ ତାକୁ ଇଙ୍ଗିତ କଲି । ଅସୀମ ଧୈର୍ଯ୍ୟର ସହ ମୋର ସର୍ବାଙ୍ଗକୁ ନିରୀକ୍ଷଣ କରି ସେ ଯେପରି କିଛି ଖୋଜି ଚାଲିଥିଲା ।

ସନ୍ଧ୍ୟାର ଅନ୍ଧାରୀ ଆବରଣ କ୍ରମଶଃ ପ୍ରସାରିତ ହୋଇଆସୁଥିଲା । କୋଣାର୍କ କାନ୍ଥର ସେଇ ପାଷାଣ ନଟୀମୂର୍ତ୍ତିଟି ସେଇ ପାତଳ ଅନ୍ଧାରର ଗର୍ଭରେ ଆତ୍ମଗୋପନ କରିବାକୁ ଚେଷ୍ଟା କରୁଥିଲା । ଦୂରରେ ସମୁଦ୍ର ଅହରହ ଫୁତ୍କାର ସହ ବେଳାଭୂମିରେ ମଥା ପିଟି ଚାଲିଥିଲା । ଝାଉଁବଣର ସାଇଁ ସାଇଁ ଶବ୍ଦ ମୋତେ ଅସହ୍ୟବୋଧ ହେଉଥିଲା । ତା' ଆଖିର ଲୁହ ବିନ୍ଦୁ ମୋ ଆଖିରେ ପ୍ରତିବିମ୍ବିତ ହେବାର ଦେଖି ସହିପାରିଲାନି ପ୍ରତିମା । ମୋ ଆଖିରୁ ଲୁହ ପୋଛି ସେ ଛାତିରେ ତା' ମୁହଁ ଲୁଚାଇଲା । ଦୁଇବର୍ଷର ବୈବାହିକ ଜୀବନରେ ତା'ର ସେଇ ମୁହୂର୍ତ୍ତର ଆଶ୍ଳେଷ ମୋତେ ପ୍ରଥମ ଥର ପାଇଁ ଗଭୀରଭାବେ ପ୍ରଭାବିତ କଲା । ମୋତେ ହସ କ'ଣ, କାନ୍ଦ କ'ଣ, ପ୍ରେମ କ'ଣ, ପରିଣୟ କ'ଣ ସଠିକ୍‌ଭାବେ ବୁଝାଇଦେଲା । ସ୍ୱାମୀର ଅବହେଳାକୁ କ୍ଷମାଦେଇ ପ୍ରତ୍ନତାତ୍ତ୍ୱିକ ଗବେଷଣାରେ ବାଧା ସୃଷ୍ଟି ନ କରି ପତ୍ନୀ ହିସାବରେ ତା'ର କର୍ତ୍ତବ୍ୟବୋଧ ଓ ସହନଶୀଳତା ମୋତେ ବିଚଳିତ କଲା । ତା'ର ହାତଧରି ଧୀର ପଦଚାଳନା ସହ ବସ୍‌ଷ୍ଟାଣ୍ଡ ଅଭିମୁଖେ ଆସୁ ଆସୁ ବୁଝାଇବା ଲକ୍ଷ୍ୟରେ କହିଲି–

'ପ୍ରତିମା ! ଅତୀତକୁ ଆବିଷ୍କାର କରିବାକୁ ଯାଇ ମୁଁ ବର୍ତ୍ତମାନକୁ ସଂପୂର୍ଣ୍ଣ ଅଣଦେଖା କରିଥିଲି । ଆଲୋକର ମୁକ୍ତ ପ୍ରବାହରୁ ଦୂରେଇଯାଇ ଅନ୍ଧକାର ଗୁମ୍ଫା ମଧ୍ୟରେ ତାର ସନ୍ଧାନ କରୁଥିଲି । ଜୀବନକୁ ଉପେକ୍ଷା କରି ମୃତ୍ୟୁର ଜୀବନ କଳନାରେ ଅଭିନିବିଷ୍ଟ ଥିଲି । ଦାମ୍ପତ୍ୟ ଜୀବନରେ ପରିପୂର୍ଣ୍ଣ ପ୍ରେମର ଆବଶ୍ୟକତାକୁ ଅନୁଶୀଳନ ନ କରି ଐତିହ୍ୟ ପ୍ରେମରେ ମସ୍‌ଗୁଲ୍ ଥିଲି । ଏବେ ମୁଁ ମୋର କାର୍ଯ୍ୟଧାରାରେ ଠିକ୍ ଓ ଭୁଲ୍‌ର ପରିସୀମାକୁ ନିର୍ଣ୍ଣୟ କରିପାରିଛି । ସତରେ ପ୍ରତିମା, ସମୁଦ୍ର ଦ୍ୱାରା ଉପେକ୍ଷିତା ଏକ ଭଗ୍ନ କୋଣାର୍କର ପଟ୍ଟଭୂମିରେ ନିଷ୍ପ୍ରାଣ, ନିର୍ଜୀବ ଫଟୋ ଉଠାଇବାର ଆବଶ୍ୟକତା ଆଉ ନାହିଁ । ଏଣିକି ଆମେ ପ୍ରେମର, ଜୀବନର ଗାଥା ଗାଇ ଏକ ନୂତନ କୋଣାର୍କ ଗଢ଼ିବା । ପାଷାଣ ଦେହରେ ପ୍ରତିମାରେ ନୁହେଁ । ଦେହର ଦେଉଳରେ ଦରଦୀ ଶିଳ୍ପୀ ଭାବେ ଜୀବନର ଚିତ୍ର ମୁଁ ଆଙ୍କିବି । ତା'ର ଲାଳନ ଦାୟିତ୍ୱ ବହନ କରିବ ତୁମେ । ଆଗାମୀ ଦିନ ପାଇଁ ତାହାହିଁ ହେବ ଆମ ସ୍ମୃତିର ପ୍ରକୃତ ସ୍ମାରକୀ ।

କର୍ଣ୍ଣକଟୁ ହର୍ଣ୍ଣ ସହ ବସ୍‌ର ଚକ ଆଗକୁ ଗଡ଼ି ଚାଲିଲା । ଅନ୍ଧାରର ମସୃଣ ଚଟାଣରେ ଶୋଇରହି କୋଣାର୍କ ନୀରବ ପଲକ ତୋଳୁଥିଲା । ଚୂଡ଼ା ତା'ର ଆକାଶ ଛୁଉଁଥିଲା ।

***କାଏମା, ଯାଜପୁର***

# ରେଜେଇ

■ ଦାମୋଦର ବେହେରା

ତିନିବର୍ଷ ସତର ଦିନ ।

ଜୀବନ ନଦୀରେ ଅନେକ ସ୍ରୋତ ବୋହିଯାଇଛି ।

କେତେ ଶୀତ, ବସନ୍ତ, ବୈଶାଖ, ବର୍ଷା । ଗୋଟିଏ ଘରେ ଏକ ଅଛିଣ୍ଡା ଅଙ୍କର ଗଳଦ୍‌ଘର୍ମ ପ୍ରୟାସ । ଠିକ୍ ମନେନାହିଁ ସେଦିନ ସୁଲେଖାର ଶେଷ ବାକ୍ୟଟି କ'ଣ ଥିଲା । ଦୁଇଟି ବିପରୀତମୁଖୀ ମନକୁ ନା ବର୍ଷା ଭିଜେଇ ପାରିଲା, ନା ବସନ୍ତ ଦେଲା ଶିହରଣ, ନା ବୈଶାଖ ଟିକେ ତତେଇ ପାରିଲା ? ଡିଭୋର୍ସ ଫାଇଲ୍‌ଟି ଆଡ୍‌ଭୋକେଟ୍‌ଙ୍କ ସିଦ୍ଧାନ୍ତର ଶେଷ ସ୍ପର୍ଶ ନେବ ।

ଆଜି ତାରିଖ ।

ତିନିବର୍ଷ ସତର ଦିନ ହେବ ଭିନ୍ନ ଭିନ୍ନ ଦୁଇଟି କୋଠରୀରେ ଅସମାଧିତ ଜଟିଳ ଅଙ୍କର ଭଗ୍ନାଂଶ । ଉଚ୍ଛୁଳା ଲହଡ଼ି ଆଜି ସାଗରର କେଉଁ ଅତଳ ସ୍ପର୍ଶରେ ହଜିଯିବ ।

ସୁଲେଖା ଓ ଅନିକେତ ଦୁଇଗୋଟି ଚୌକିରେ ପାଖାପାଖି ବସିଥା'ନ୍ତି । ଜଜ୍‌ଙ୍କ ଆଖିସାମ୍ନାରେ । ବିଚ୍ଛେଦ ପତ୍ରରେ ଏକ ସ୍ୱାକ୍ଷର । ଯାହା ଅନ୍ତିମ । ଜଜ୍ ଟିକେ ମୁଣ୍ଡଟେକି ଚାହିଁଲେ ।

କଥା ଏତିକି ଯେ– ସଂପର୍କର ଗୁଡ଼ି ସୂତାଟି ବେଶ୍ ପତଳା ହୋଇଆସିଲାଣି । ତୁମେ ଆଜି ଯାଅ । ଦୁହେଁ ମିଳିତଭାବରେ ଜଗନ୍ନାଥଙ୍କୁ ଶେଷ ଦର୍ଶନ କରିଆସ ।

କାଲି ଡିଭୋର୍ସ ରେକର୍ଡ ପାଇଯିବ ।

ସେଦିନ ଡିସେମ୍ବର ସାତ ତାରିଖ ।

ସଞ୍ଜ ଟ୍ରେନ୍‌ରେ ପୁରୀ ଛୁଉଁ ଛୁଉଁ ରାତି ବାର । ମଥା ଉପରେ ବରଫର ବର୍ଷା । ଅସହ୍ୟ ଶୀତର ଦଂଶନ । ବାଘଦାନ୍ତର ତୀର୍ଯ୍ୟକ ଆକ୍ରମଣ ପରି । କେଉଁଠି, କିପରି ବିତିବ ରାତି ? ଅନିକେତ ପଛେ ପଛେ ସୁଲେଖାର ମନ୍ଥର ଗତି । ରାତି ପାହିଲେ ଜଗନ୍ନାଥ ଦର୍ଶନ । କିପରି ସେ ଆଜି ରାତିକୁ ମୁକାବିଲା କରିବ ? ହୋଟେଲର କଷ୍ଟଲବ୍ଧ ଛୋଟ ଏକ କୋଠରୀ । ଗୋଟିଏ ବେଡ୍ । ଛୋଟ ଏକ ସିଙ୍ଗଲ୍ ଗୋଲାପୀ ରଙ୍ଗର ରେଜେଇ । ଏଣେ ଶୀତର ଜିଭ ଲହ ଲହ ପ୍ରକୋପ । ଓଃ ଭାରି ଉତ୍ତେଜକ ସେ ରେଜେଇର ରଙ୍ଗ । ମନକୁ ଚହଲେଇ ଦେଉଛି । ଅତୀତକୁ ଟାଣି ନେଉଛି । ନା ସୁଲେଖା ହେବ ତା'ର ଅଂଶୀଦାର ନା ଅନିକେତ । ଟିକିଏ ବିବାଦ ଏଡ଼େବଡ଼ ସୁଯୋଗ ଆଗରେ ପାଚେରୀ ହୋଇ ଠିଆହୋଇଛି । ଶେଷକୁ ହାର ମାନିଲେ ଅନିକେତ । ତିନିବର୍ଷ ସତର ଦିନର ନୀରବତା ଭଙ୍ଗ କରି କହିଲେ ଭୟଙ୍କର ଏ ଶୀତର ପ୍ରକୋପ । ଲେଖା ! ତୁମ ପାଇଁ ଏକ୍‌ଟ୍ରା ଗୋଟେ ରେଜେଇ ନାହିଁ । ବରଂ ସେଇଟିକୁ ଖୋଲି ଆଣ ଶୀଘ୍ର । ସେୟା ହେଲ । ଛୋଟ ରେଜେଇଟି ଖୋଲିବା ସହିତ ସୁଲେଖା ମନର ରୁଦ୍ଧ ଦ୍ୱାରଟି ସବୁଦିନ ପାଇଁ ଖୋଲିଯାଇଥିଲା ।

*ପ୍ରେରଣା, ଯାଜପୁର*

# ନିସ୍ତବ୍ଧ କାକଳି

■ ବିଦ୍ୟୁତ୍‌ପ୍ରଭା କର (ସ୍ୱାଇଁ)

ସମ୍ମୁଖରେ ବିକ୍ଷୁବ୍‌ଧ ମହୋଦଧି । ସ୍ୱୟମ୍ଭୁ ଶଙ୍କରଙ୍କ ପରି ସ୍ଥିର ହୋଇ ଛିଡ଼ାହୋଇଥିବା ପାହାଡ଼ର ମୌଳି ଉପରେ ପୂର୍ଣ୍ଣିମାର ଚନ୍ଦ୍ର । ଗୋଟିଏ ସୌନ୍ଦର୍ଯ୍ୟର ଗୋଟିଏ ପ୍ରକାଶ । କାକଳି ଆଉ କଲ୍ଲୋଳ ଦୁଇଟି ପରିଣତ ବୟସର ପ୍ରଜାପତି । କ୍ଳାନ୍ତ ହେଲାପରି ବସିଛନ୍ତି ସାଗର ବେଳାରେ । ନୀଳରଙ୍ଗର ମହୋଦଧି ପ୍ରସରି ଯାଇଛି ସେତେ ଦୂରକୁ, ଯେତେବାଟ ପର୍ଯ୍ୟନ୍ତ ଆଖି ବି ଯାଇପାରେନି । କିନ୍ତୁ କାହିଁକି ? କାହିଁକି ମହୋଦଧିର ଏ ଅନନ୍ତ ବିସ୍ତୃତି !!

ଅଯଥା ଅର୍ଥହୀନ ପ୍ରଶ୍ନ ! ନଟରାଜର ନୃତ୍ୟରେ ଅର୍ଥ ନାହିଁ, ସୌନ୍ଦର୍ଯ୍ୟ ଅଛି । ପ୍ରତ୍ୟେକ ପଦପାତରେ ସେମିତି ଲକ୍ଷେ ବ୍ରହ୍ମାଣ୍ଡର ସୃଷ୍ଟି । କଳକଳ ନାଦର ପରମ ସଙ୍ଗୀତ । ଉତ୍ତାଳ ମହୋଦଧିର ହସ । ଉଚ୍ଛୃଙ୍ଖଳ ସେ ହସ । ଲହଡ଼ି ମାଡ଼ିଆସୁଥିଲା ଗୋଟିଏ ପରେ ଗୋଟିଏ । ଅତ୍ୟଧିକ ଆନନ୍ଦର ପ୍ରମତ୍ତ ଦେବାଦେବୀ, ଆକାଶରେ ଧଳାବାଦଲମାନଙ୍କର ଶୋଭାଯାତ୍ରା ମହୋଦଧିର ବକ୍ଷ ସ୍ଫୀତ ହୋଇଉଠିଛି – କୋଣାର୍କର ମୃଦଙ୍ଗବାଦିକାର ସ୍ଫୀତ ବକ୍ଷ ପରି ।

କାକଳି ତା'ର ଆଖି ଦୁଇଟିକୁ ପହଁରାଇ ଆଣିଲା । କଲ୍ଲୋଳ ନୀରବ ନିଶ୍ଚଳ ହୋଇ ବସି ରହିଥିଲେ । ....ହଠାତ୍ ଡାକିଦେଲେ,

'କାକଳି ।'

'ଉଁ ।'

କ'ଣ ଏମିତି ଦେଖୁଛ ଯେ ?.....

କାକଳି କିନ୍ତୁ କିଛି କହିଲାନି ।

''ଜହ୍ନ ଆଲୁଅରେ ତମର ଶଙ୍ଖ ଧବଳ ମୁଖର ଶ୍ରୀ ଆଜି ଦ୍ୱିଗୁଣିତ ହୋଇଯାଇଛି । ସତରେ, ବର୍ତ୍ତମାନ ନିଜେ ତୁମେ ନିଜକୁ ଦେଖିଲେ ପାଗଳ ହୋଇଯାଆନ୍ତ । ତମର ଅସଂଯତ କେଶଗୁଡ଼ାକ ପବନରେ ଉଡ଼ି ଉଡ଼ି ମୋ ମନରେ ଏକ ପ୍ରମତ୍ତ ଚିନ୍ତା ସୃଷ୍ଟି କରୁଛି ।'' ତଥାପି କାକଳି ନୀରବ ।

ଆଚ୍ଛା କାକଳି ! ତମେ ସବୁବେଳେ କୁହ ସଂସାର ଦୁଃଖପୂର୍ଣ୍ଣ ବୋଲି । ଦେଖୁଛ ? ତମ ଆଖି ଆଗରେ କେତେ ସୌନ୍ଦର୍ଯ୍ୟର ବିସ୍ତୃତି !! ଆଖି ଖୋଲି ଦେଖ କାକଳି । ଥରେ ଏହି ସଂସାରକୁ ଦେଖ । ଏ ସଂସାରରେ କ'ଣ ଦୁଃଖ ଅଛି ? ଏଠି କ'ଣ ବେଦନା ଅଛି ? ଆମ ପଛପଟରେ ଯେଉଁ ସଂସାରଟା ଅଛି ସେ ହୁଏତ ଦୁଃଖପୂର୍ଣ୍ଣ ହୋଇପାରେ ।...... କିନ୍ତୁ ଏ ସଂସାର ? ତୁମେ ସବୁବେଳେ ଅଭିଯୋଗ କର ମୁଁ ଗୋଟାଏ ନାସ୍ତିକ ବୋଲି । ଏ କଥା ସତ କାକଳି ମୁଁ ଏକ ନିର୍ଦ୍ଦିଷ୍ଟ ବଳୟ ଭିତରେ ଯୋଗ ଓ ଲୌକିକ, ତପସ୍ୟା ବା ପୂଜା ଆରାଧନା କରୁନି । ମନ୍ଦିରକୁ ଯାଉନି । ତଥାପି ମୁଁ ଆସ୍ତିକ କାକଳି । ତମେ ବିଶ୍ୱାସକର ମୁଁ ଜଣେ କୃଷ୍ଣଭକ୍ତ । ଘର ମୋର ଗୋପପୁର । ତମ ନାମର ଉଚ୍ଚାରଣ ମୋ ପାଇଁ ବୃନ୍ଦାବନର ବଂଶୀଧ୍ୱନି । ମୁଁ ପରମ ବୈଷ୍ଣବ..... ଅନନ୍ତ ସାଗର ମୋ ପାଇଁ ଶୋଇପଡ଼ିଥିବା ନାରାୟଣ ।

ସୁଇଜରଲାଣ୍ଡର ଆଲପସ୍ ପର୍ବତମାଳା, ଫ୍ରାନ୍‌ସର ଇରାନ ନଦୀ ଏବଂ ବିକ୍ଷୁବ୍‌ଧ ପ୍ରଶାନ୍ତ ମହାସାଗରର ପ୍ରତି ଜଳକଣା ଭିତରେ ମୁଁ ମୋର ନୀଳତମାଳ ପ୍ରଭୁଙ୍କୁ ଅନୁସନ୍ଧାନ କରିଛି, ପାଇଛି ମଧ୍ୟ ।

ଏତେବେଳ ପର୍ଯ୍ୟନ୍ତ କାକଳି ଧ୍ୟାନମଗ୍ନ ହୋଇ କଲ୍ଲୋଳଙ୍କର କଥାକୁ ଶୁଣୁଥିଲା ।

ଅଦୂରରେ ବସିଥିଲେ ଦୁଇ ଜଣ ସ୍ୱାମୀ-ସ୍ତ୍ରୀ । ପୁରୁଷ ଜଣଙ୍କ ଆଉଜି ବସିଥିଲା ତା'ର ଯୁବତୀ ପତ୍ନୀ ଉପରକୁ । ହୁଏତ ବର୍ତ୍ତମାନ ସେ ପୁରୁଷ ଜଣକ ତନ୍ଦ୍ରା ବିଜଡ଼ିତ ଆଖିରେ ଦେଖୁଥିବ ଗୋଟିଏ ହସିଲା ସଂସାରର ଦୃଶ୍ୟ । କାକଳି ଏ ଦୃଶ୍ୟଟି ଦେଖିସାରିଲା ପରେ ତା'ର ଆଖି ଦୁଇଟି ଉଦାସ ହୋଇଉଠିଲା । କାକଳି ତଳକୁ ମୁହଁ ପୋତିଲା । ବାଲି ଉପରେ ଟାଣିଲା ଗୁଡ଼ାଏ ଅଙ୍କାବଙ୍କା ରେଖା । ବର୍ତ୍ତମାନ ଯଦି ସେହି ଦମ୍ପତିଙ୍କ ଆଗରେ 'ସଂସାର ଦୁଃଖପୂର୍ଣ୍ଣ' ଉପରେ ଏ ଦୀର୍ଘ ଭାଷଣ ଦିଆଯାଏ । ତେବେ ସେମାନେ କ'ଣ ତା' ଶୁଣିବେ ? ନା,.... ପ୍ରତିବାଦସ୍ୱରୂପ ସେମାନେ ତାହା ନ ଶୁଣି ଜଣକ କୋଳରେ ଅନ୍ୟ ଜଣେ ଥାଇ ଚାହିଁ ରହିବେ ଏ ବିସ୍ତୃତ ମହୋଦଧିର ଅନିନ୍ଦ୍ୟ ସୁଷମାକୁ ।''

...... ଅଦ୍‌ଭୂତ ଖିଆଲ କାକଳିର ।

କାକଳି କଲ୍ଲୋଳଠାରୁ ଟିକିଏ ଛାଡ଼ି ବସିଥିଲା । କଲ୍ଲୋଳ ଉଠିଯାଇ ତା' ଆଗରେ ଠିଆହେଲା । କାକଳି କିନ୍ତୁ ଉଦାସ ଭାବରେ ପୂର୍ବପରି ରେଖା ଟାଣୁଥିଲା । କଲ୍ଲୋଳ ତା'ର ଛୋଟ ମୁହଁଟିକୁ ହାତର ଆଞ୍ଜୁଳାରେ ଟେକିଧରି ଡାକିଲା– 'କାକଳି' ।

କଲ୍ଲୋଳ କଣ୍ଠରେ ଅଯୁତ ସ୍ନେହର ମଧୁର ଝଙ୍କାର । ଅନୁନୟ । କାକଳି କିନ୍ତୁ ଏ ସ୍ନେହର ଉତ୍ତର ଦେଲା ଅତି ନିଷ୍ଠୁର ଭାବରେ ମୁହଁଟାକୁ ଦୂରେଇ ନେଇ ଛିଡ଼ା ହୋଇପଡ଼ିଲା ସେ । ତା'ର ଢଳ ଢଳ ଦୁଇ ଉଦାସ ଆଖିକୁ ଦେଖି ସ୍ତମ୍ଭୀଭୂତ ହୋଇଗଲେ କଲ୍ଲୋଳ ।

କାକଳି ସହିତ କଲ୍ଲୋଳର ସଂପର୍କ ଅନେକଦିନର । କେବଳ କାକଳିର ଶଙ୍ଖ ଧବଳ ମୁହଁରେ କଳା କଳା ଆଖିଯୋଡ଼ିକ ସେ କଲ୍ଲୋଳ ପାଇଁ ଆକର୍ଷଣ ଥିଲା ତା' ନୁହେଁ – ସଂପୂର୍ଣ୍ଣ କାକଳିଟି ଥିଲା କଲ୍ଲୋଳ ପାଇଁ ସବୁକିଛି । କାକଳିର ଦର୍ଶନ, ତ୍ୟାଗ, ଆଧ୍ୟାତ୍ମିକ ଚିନ୍ତାଧାରା କାକଳିକୁ ଅଧିକ ଆକର୍ଷଣୀୟା କରି ଗଢ଼ି ତୋଳିଥିଲା । କଲ୍ଲୋଳ ଜୀବନର ଘନଘଟା ଭିତରେ ଜଳିଜଳି ପାଉଁଶ ହୋଇଯାଉଥିବାବେଳେ ପାଇଥିଲା କାକଳିର ସନ୍ଧାନ । କାକଳି ତା' ପାଇଁ ହୋଇଉଠିଲା ଶୀତଳ ଜାହ୍ନବୀଧାରା । କଲ୍ଲୋଳର ନିଃସଙ୍ଗତା ଭିତରେ କାକଳି ହୋଇଗଲା ତା' ପାଇଁ ଶବ୍ଦପୂର୍ଣ୍ଣ କାକଳିଟିଏ ।

ସେତେବେଳେ କାକଳି ଥିଲା ସୌନ୍ଦର୍ଯ୍ୟର ଗନ୍ତାଘରଟିଏ । ଅଙ୍ଗେ ଅଙ୍ଗେ ଯୌବନର ପ୍ରଚଣ୍ଡ ତାଣ୍ଡବ । ଓଠରେ ହସର ଜୁଆର ସବୁବେଳେ । ଏବେବି ପରିଣତ ବୟସରେ କାକଳିର ସେ ପୂରନ୍ତ ଯୌବନ ମଳିନ ହୋଇନି । କାକଳି କିନ୍ତୁ ଯୌବନକୁ ମନେପକାଇନି କେଉଁ ଦିନ । ଦେହର ଏଇ କୋଣାର୍କ ଉପରେ ଯେ ନର୍ତ୍ତକର ସୁନ୍ଦର ଲୀଳାୟିତ ଛବିଟିଏ ଦରକାର, ଏକଥା ସେ ଭାବିନି କେଉଁଦିନ । ବରଂ କୌମାର୍ଯ୍ୟର ସାତ୍ତ୍ୱିକତାକୁ ବଜାୟ ରଖିବାକୁ ସଂଗ୍ରାମ କରିଚାଲିଛି । ବୋଧହୁଏ ସେଇଥିପାଇଁ ମୁହଁରେ ତା'ର ଏବେବି ଔଜ୍ଜ୍ୱଲ୍ୟ ଝଟକୁଛି । ଯାହାକି ଦିନେ କଲ୍ଲୋଳର ଅନ୍ତରର କୋଣଅନୁକୋଣକୁ ସଂକ୍ରମିତ କରିଥିଲା ।

ଦିନେ ଦୁହେଁ ପରସ୍ପର ଅତି ନିକଟତର ହୋଇଥିଲେ । ଜଣେ ଅନ୍ୟ ଜଣକୁ ଆପଣେଇ ନେଇଥିଲା ଭବିଷ୍ୟତ ଜୀବନର ପ୍ରତୀପ କୋଣକୁ ଆଖି ଆଗରେ ରଖି । କିନ୍ତୁ କେଜାଣି କାହିଁକି; କାକଳିର କଳା କଳା ଆୟତ ଆଖିଯୋଡ଼ିକ ଉଦାସ ହୋଇଆସିଲେ । ସେ ଆଖିରେ ଆକର୍ଷଣ ପରିବର୍ତ୍ତେ ଭରିଗଲା – ସ୍ନିଗ୍ଧତା, ନରମତା । ଆଉ ଓଠରେ ସେଇ ମଧୁର ହସଧାରକ ରକ୍ତଜବାର ରୂପ ଧାରଣ ନ କରି ଧାରଣ କଲା ଗଙ୍ଗଶିଉଳିର ରୂପକୁ; କିନ୍ତୁ ଏମିତି ପରିବର୍ତ୍ତନ କାହିଁକି ?

କାକଳି ଯୋଗ, ଦର୍ଶନ, ଆଧ୍ୟାତ୍ମିକ ପୁସ୍ତକମାନଙ୍କୁ ପଢ଼ିବା ଆରମ୍ଭ କରିଥିଲା । ପଢୁ ପଢୁ ତନ୍ମୟ ହୋଇଯାଉଥିଲା । କାହିଁକି କେଜାଣି ବୌଦ୍ଧ ଦର୍ଶନ ଉପରେ ତା'ର ଥିଲା ଗଭୀର ଅନୁରାଗ । ବୌଦ୍ଧକାହାଣୀ ଭିତରୁ ଦୁଇଟି ଚରିତ୍ରକୁ ସେ ଆପଣାର ମଣୁଥିଲା । ଗୋଟିଏ ନୀଳଲୋହିତ ଅନ୍ୟଟି ଇଚ୍ଛାମତୀ । ବେଳେବେଳେ କଲ୍ଲୋଳକୁ ପ୍ରଶ୍ନ କରୁଥିଲା– ''ତମେ ମୋ ଇଚ୍ଛାମତୀ ମନର ନୀଳଲୋହିତ ହୋଇପାରିବ କଲ୍ଲୋଳ ?''

କଲ୍ଲୋଳ ବୋକାପରି ଚାହୁଁଥିଲା କାକଳିକୁ ।

କାକଳି ନୀଳ ଲୋହିତ ଓ ଇଚ୍ଛାମତୀର କାହାଣୀ ଶୁଣାଉ ଶୁଣାଉ ବିହ୍ୱଳ ହୋଇଯାଉଥିଲା ।

ପ୍ରଥମେ ପ୍ରଥମେ ଏସବୁକୁ କାକଳିର ସୌଖୀନ କାରବାର ବୋଲି ଭାବୁଥିଲା କଲ୍ଲୋଳ; କିନ୍ତୁ ସେଦିନ କଲ୍ଲୋଳର ସେ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା, ଯେଉଁଦିନ କାକଳି ତାକୁ ବୁଦ୍ଧମୂର୍ତ୍ତିଟିଏ କିଣି ଆଣିଦେବାକୁ ଜିଦ୍ କଲା ।

ତଥାପି କଲ୍ଲୋଳ ତା' କଥାକୁ ହସରେ ଉଡ଼ାଇ ଦେଇଥିଲା ।........ ସେ କାକଳିକୁ ବୁଝାଇଦେବାକୁ ଚେଷ୍ଟା କରିଥିଲା । ବର୍ତ୍ତମାନ ଆଉ ବୌଦ୍ଧଦର୍ଶନର କି ମୂଲ୍ୟ ଅଛି କାକଳି ? ଅଢ଼େଇ ହଜାର ବର୍ଷ ତଳର ସେ ଦର୍ଶନ ଭାରତ ଭୂଇଁରୁ ନିର୍ବାସିତ ହୋଇଛି ବରଂ ଆମ ଆଗରେ ଜୀବନ ହିଁ ସବୁଠୁ ମୂଲ୍ୟବାନ୍ । ଜୀବନକୁ ଉପଭୋଗ କରିବା ଆମ୍ଭମାନଙ୍କର ସ୍ୱପ୍ନ ହେବା ଉଚିତ୍ । କାରଣ ତମେ ଭବିଷ୍ୟତ ବ୍ୟାସମାନଙ୍କୁ ଛାଡ଼ିଯିବ ଏ ଧୂଳିମାଟିର ଧରଣୀ ଉପରେ ।

କାକଳି ଆଖି ଛଳଛଳ କରି କହିଲା– ତା'ହେଲେ ମହାପୁରୁଷମାନେ ଯାହା କହିଛନ୍ତି, ସେସବୁ କ'ଣ ମିଛ କଲ୍ଲୋଳ ।

''ମିଛ କାହିଁକି ହେବ ? ସତ, କିନ୍ତୁ ସତ କେବଳ ସେଇମାନଙ୍କ ପାଇଁ । ଜଗତରେ ସମସ୍ତେ ସନ୍ନ୍ୟାସୀ ହୋଇପାରିବେନି କାକଳି ! ମୋ ବିଚାରରେ ଗୃହସ୍ଥଠାରୁ ବଡ଼ ଧର୍ମ କେହି ପାଳନ କରେନାହିଁ ।'' କଲ୍ଲୋଳ ଗାର୍ହସ୍ଥ୍ୟ ଧର୍ମର ଉତ୍କୃଷ୍ଟତା ପ୍ରମାଣ କରିବାକୁ ଚେଷ୍ଟା କରୁଥିଲା ।

କଲ୍ଲୋଳ କଥାଗୁଡ଼ାକ କାକଳିର ଏ କାନରେ ପଶି ସେ କାନରେ ବାହାରିଯାଉଥିଲା । କାକଳି କେମିତି ଅନ୍ୟମନସ୍କ ହୋଇଯାଉଥିଲା । କଲ୍ଲୋଳ ଯେତେଥର କାକଳି ଆଗରେ ସଂସାର ବାନ୍ଧିବାର ପ୍ରସ୍ତାବ ରଖିଛି..... ସେତେଥର କାକଳି କହିଛି..... ''କାହିଁକି ମତେ ଏ ମିଛ ମାୟା ସଂସାରରେ ଘାଣ୍ଟିବାକୁ

ଚେଷ୍ଟା କରୁଛ କଲ୍ଲୋଳ ! ମୁଁ ତ ଘାଣ୍ଟିହେବି, ତମେ ବି ମୋ ସହିତ ଘାଣ୍ଟିହେବ ।''

''କାକଳି ଗାର୍ହସ୍ଥ୍ୟ ଧର୍ମପରି ଦ୍ୱିତୀୟ ଧର୍ମ ଏ ସଂସାରରେ ନାହିଁ । ନିଆଁ ଭିତରେ ରହି ଯିଏ ଦଗ୍ଧ ନ ହେଲା, ସେହି ପ୍ରକୃତିରେ ଧର୍ମ ଆଚରଣ କଲା ବୋଲି ଧରି ନେବାକୁ ହେବ । ସଂସାରରେ ଥାଇ ମଧ୍ୟ ଯେ ନ ଥିଲା ପରି ଆଚରଣ କରେ, ତା'ର ଜୀବନ ସାର୍ଥକ ହୋଇଯାଏ । ଗାର୍ହସ୍ଥ୍ୟ ଜୀବନ ଭିତରେ ରହି ମଣିଷ କ'ଣ ଈଶ୍ୱର ଉପାସନା କରିପାରେ ନାହିଁ ?

କାକଳିର କିନ୍ତୁ ପରିବର୍ତ୍ତନ ହେଲା ନାହିଁ । କଲ୍ଲୋଳ ୩୫ ବର୍ଷର ଯୁବକ । ବିଗତ ଦଶ ବର୍ଷ ହେଲା କାକଳି ସହିତ ତା'ର ସମ୍ପର୍କ । ବହୁବାର ନିଜର ବାହୁ ଭିତରେ ପାଇବାକୁ ଚାହିଁଛି କଲ୍ଲୋଳ । ତା'ର ପୌରୁଷ ବାରମ୍ବାର ଚିତ୍କାର କରିଛି । ଦେହର କ୍ଷୁଧା ତାକୁ ପାଗଳ କରିଛି । କିନ୍ତୁ କାକଳି ? ସେ ତ ଅକର୍ମଶିଳା ପଥର ଖଣ୍ଡେ, ମୁଣ୍ଡାଏ ଥଣ୍ଡା ବରଫ ସିଏ । ସବୁବେଳେ ଦେହବାଦ ବିରୁଦ୍ଧରେ ତା'ର ସୁଦୀର୍ଘ ଭାଷଣ ।...... କଲ୍ଲୋଳର ବେଳେବେଳେ ତା' ଉପରେ ଭୀଷଣ ରାଗ ହେଉଥିଲା । କାକଳିର ତଣ୍ଟିଚିପି ହତ୍ୟାକରି ନିଜକୁ ଶେଷକରି ଦେବାକୁ ଚାହୁଁଥିଲା ସେ । କିନ୍ତୁ କାକଳିର ସେ ଛମ୍ ଛମ୍ ଉଦାସ ଆଖି ଦୁଇଟିକୁ ଚାହିଁ କଲ୍ଲୋଳ କିଛି କରିପାରୁ ନ ଥିଲା । କାରଣ କାକଳିକୁ ନେଇ ତ ତା'ର ସବୁ ସ୍ୱପ୍ନ । ସବୁ ଆକାଂକ୍ଷା..... । କାକଳି ତା' ମନ ଆକାଶର ସପ୍ତରଙ୍ଗୀ ଇନ୍ଦ୍ରଧନୁଟିଏ । କାକଳିର ସବୁ ବିରାଗସତ୍ତ୍ୱେ କଲ୍ଲୋଳ ତାକୁ ଭଲପାଉଥିଲା.....ଖୁବ୍ ଭଲ ପାଉଥିଲା । କ'ଣ ଏହାର ପ୍ରତିକାର ? ଅନେକ ସମୟରେ ଭାବିଛି କଲ୍ଲୋଳ । ଅନିଦ୍ରା ହୋଇ ରାତି ରାତି ଭାବିଛି ସେ । ମୁଣ୍ଡ ଏବଂ ଦେହ ତା'ର ତାତି ଉଠିଛି ଅଜଣା ଉତ୍ତାପରେ । କିନ୍ତୁ ପ୍ରତିକାରର ଉପାୟ କିଛି ଖୋଜିପାଉନାହିଁ ସେ । ବରଂ କାକଳିର ବରାଦ ମୁତାବକ ବହି କିଣିଦେଇଛି ସେ । ନାଲି ପାଟଶାଢ଼ୀ ଏବଂ ସିନ୍ଦୂର ପରିବର୍ତ୍ତେ ଉପାସିକାର ମନ ନେଇ କାକଳି ଚାଲିଛି ତା' ସାଧନା ପଥରେ ।

କିନ୍ତୁ କାକଳି କଲ୍ଲୋଳର ସେବାରେ ତ୍ରୁଟି କରିନାହିଁ କେବେ । ତା'ର ମନ ଜାଣି ଆବଶ୍ୟକବେଳେ ସେବା କ୍ଷେତ୍ରରେ ନିଜକୁ ଉପସ୍ଥିତ କରିଛି ସେ । ଲୁଗାପଟା ସଫା କରିବା ଠାରୁ ଶଯ୍ୟା ତିଆରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କାକଳି ନିଜ ହାତରେ କରିଛି । କିନ୍ତୁ ତା'ର ପିପାସିତ ଦେହ ମନର ଅଭାବକୁ କେବେ ବୁଝିବାକୁ ଇଚ୍ଛା କରିନାହିଁ କାକଳି ।

କଲ୍ଲୋଳ ନିଜର ପୁରୁଷତ୍ୱକୁ ଧିକ୍କାର କରୁଥିଲା ।..... ଅନ୍ୟ କାହା ପାଖରେ ନିଜର ହୃଦୟକୁ ଖୋଲିଦେଇପାରୁ ନ ଥିଲା । ...... ନିଜ ପୌରୁଷର ଚିତ୍କାରକୁ ଶୁଣି ଶୁଣି ବଧିର ହୋଇଯାଉଥିଲା ସେ ।

ଆଜି ପୂର୍ଣ୍ଣିମା !

ଅନେକ କହିବା ପରେ କଲ୍ଲୋଳର ଅନୁରୋଧକୁ ଏଡ଼େଇଦେଇ ପାରି ନ ଥିଲା । ଯାଇଥିଲା କଲ୍ଲୋଳ ସହିତ ସାଗରର ବେଳାଭୂମିକୁ ।

ରାତି ଅଧରୁ କିଛିଟା ବେଶି ହେଲାଣି.... । ଦୁହେଁ ଫେରିଆସିଲେ । କାକଳି ରାତି ଅଧଟାରେ ଗାଧୋଇ ପାଧୋଇ ତା'ର ଉପାସନା ଗୃହକୁ ଚାଲିଗଲା; କିନ୍ତୁ କଲ୍ଲୋଳ ? କଲ୍ଲୋଳ ଆଉ ନିଜ ଘରକୁ ଯାଇପାରିଲାନି । ଆଜି ନିଜକୁ ସେ ଦୃଢ଼ କରିନେଲା ପଥର ଖଣ୍ଡେ ପରି । ତୃଷିତ ପୁରୁଷତ୍ୱ ତା'ର ଚିତ୍କାର କଲା, ହେଣ୍ଟାଳିଲା । ସେ ଛିଡ଼ାହେଲା କାକଳିର ଉପାସନା ଘର ଦୁଆରେ ।

ଜହ୍ନଟା ଧୀରେ ଧୀରେ ଢଳି ଆସୁଥିଲା ପଶ୍ଚିମ ଦିଗକୁ । ଜ୍ୟୋସ୍ନା ବିଛେଇ ହୋଇପଡ଼ିଲା ଘରେ, ଦୁଆରେ, ଅଗଣାରେ । କଲ୍ଲୋଳ ତନ୍ମୟ ହୋଇ ଭାବୁଥିଲା ଦୁଇଟି ଜୀବନର ଘୂର୍ଣ୍ଣନକୁ । ମନସ୍ତାପ ଓ ଦୁଃଖରେ ମ୍ରିୟମାଣ ହୋଇଥିବା କାକଳିର ବାପା ମା'ଙ୍କ କଥା ବି ଚିନ୍ତା କରୁଥିଲା କଲ୍ଲୋଳ । ପାଷାଣୀ କାକଳି ସେମାନଙ୍କର ଏକମାତ୍ର ଶେଷ ଇଚ୍ଛାକୁ ସମ୍ମାନ ଦେଇନି । ସଂସାର ବାନ୍ଧିନି । ବୁଢ଼ା ବାପ ମା' ଦି'ଜଣ ନିଃସଙ୍ଗ କଲ୍ଲୋଳକୁ ଆଦରି ନେଇଥିଲେ । ଭାବିଥିଲେ କାକଳି ନିଜର କାକଳିରେ ଶବ୍ଦାୟିତ କରିଦେବ କଲ୍ଲୋଳର ସଂସାରକୁ । କିନ୍ତୁ କାକଳି ସମସ୍ତଙ୍କୁ ନିରାଶ କରିଛି । ଧୀରେ ଧୀରେ ସେ ସନ୍ନ୍ୟାସିନୀଟିଏ ହୋଇ ଯିବାକୁ ଚାହୁଁଛି ।

ସବୁ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା କଲ୍ଲୋଳ । ନା.... ଆଉ କାକଳିର ପରିବର୍ତ୍ତନ ହେବ ନାହିଁ..... । କାକଳିକୁ ବି ସେ ସେଇମିତି ଛାଡ଼ିଦେଇପାରିବନି । ସବୁ କଥାର ସୀମା ଅଛି । କଲ୍ଲୋଳର ଦଶବର୍ଷର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା ।

କାକଳି ରାତ୍ରିର ନିସ୍ତବ୍ଧ ପ୍ରହରରେ ପଦ୍ମାସନରେ ବସି, ହାତଯୋଡ଼ି ପ୍ରାର୍ଥନା କରୁଥିଲା ମହାପୁରୁଷ ବୁଦ୍ଧଙ୍କୁ । ବିନା ବାକ୍ୟବ୍ୟୟରେ କଲ୍ଲୋଳ ଝଡ଼ ପରି ପଶିଗଲା ପୂଜା ଘରକୁ ଏବଂ କାକଳିର ବାହୁକୁ ଧରି ଭିଡ଼ିଆଣିଲା ଅତି ନିଷ୍ଠୁର ଭାବରେ । କଲ୍ଲୋଳ ହୃଦୟର ପ୍ରତିଟି ତନ୍ତ୍ରୀରେ ଝଡ଼ର ତାଣ୍ଡବ । କଲ୍ଲୋଳ ପାଗଳ ପରି ଟାଣି ନେଉଥିଲା କାକଳିକୁ । କାକଳି ବୋଧହୁଏ କ'ଣ ଘଟିବ ଅନୁମାନ କରିନେଇ ପ୍ରତିରୋଧ କରିବାକୁ ଚେଷ୍ଟା

କରୁଥିଲା । କଲ୍ଲୋଳର କିନ୍ତୁ କେଉଁ କଥାକୁ ଭ୍ରୂକ୍ଷେପ ନଥିଲା । କାରଣ ଲୋକଙ୍କ ଆଖିରେ ଦୁହେଁ ଥିଲେ ଅଧିକୃତ ପତି-ପତ୍ନୀର ବଳୟ ଭିତରେ ।........ କାକଳି କିନ୍ତୁ ହାରିଗଲା ଶେଷରେ ।

ଅନେକ ସମୟ ପରେ ଝଡ଼ର ଅବସାନ ହେଲା । କାକଳି ପୁଣିଥରେ ସ୍ନାନ କରି ପଶିଆସିଥିଲା ପୂଜା ଘର ଭିତରକୁ । ତା'ର କ୍ଷୀଣ କାନ୍ଦଣାର ସ୍ୱର ଶୁଭୁଥିଲା ପାଖ ଘରେ ଶୋଇଥିବା କଲ୍ଲୋଳକୁ । ଅନେକ ବର୍ଷ ପରେ ଆଜି ଟିକିଏ ଶାନ୍ତିରେ ଶୋଇପଡ଼ିଲା କଲ୍ଲୋଳ ।

ସକାଳ ହେଲା ସବୁଦିନ ପରି । ସୂର୍ଯ୍ୟ ଉଇଁଲେ । ଖରା ବେଶ୍ ଟାଣ ହେଲା; କିନ୍ତୁ ପୂଜା ଘରର ଦ୍ୱାର ଫିଟୁନି । କାକଳି ଉଠିନି ଏ ଯାଏଁ ।

''କାକଳି ! କାକଳି !'' ....... କବାଟ ବାଡ଼େଇ ଢେର୍ ସମୟ ପର୍ଯ୍ୟନ୍ତ ଡାକିଲା କଲ୍ଲୋଳ । ଅନେକ ସମୟ ପରେ କବାଟ ଭାଙ୍ଗିବାକୁ ପଡ଼ିଲା କଲ୍ଲୋଳକୁ । କିନ୍ତୁ ଏ କ'ଣ ?

କାକଳି ଲୋଟିପଡ଼ିଛି ଘରର ପକ୍କା ଚଟାଣ ଉପରେ । ହାତରେ ତା'ର ଛୋଟ ବୁଦ୍ଧ ମୂର୍ତ୍ତିଟିଏ । ଅନ୍ୟ ହାତରେ ଗୋଟାଏ ବିଷ ଶିଶି ।

କାକଳି ଆତ୍ମହତ୍ୟା କରିଛି !!!

ଚିତ୍କାର କରି ଉଠିଲା କଲ୍ଲୋଳ । ଧାର ଧାର ହୋଇ ଲୁହ ଗଡ଼ିପଡ଼ିଲା କଲ୍ଲୋଳର ଆଖିରୁ । କାକଳିର ପ୍ରାଣହୀନ ପିଣ୍ଡଟାକୁ କୋଳରେ ଧରି ବାରମ୍ବାର ତା'ର ଶ୍ୱେତ ଗଣ୍ଡଦେଶକୁ ଚୁମ୍ବି ଯାଉଥିଲା କଲ୍ଲୋଳ । ବୁଦ୍ଧଙ୍କର ମୂର୍ତ୍ତି ଉପରେ ଆଖିପଡ଼ିଲା କଲ୍ଲୋଳର । ବୁଦ୍ଧଙ୍କର ମୂର୍ତ୍ତି ଉପରେ ଆଖିପଡ଼ିଲା କଲ୍ଲୋଳର । .... ଧିକ୍କାର କରିବାକୁ ଇଚ୍ଛା ହେଉଥିଲା ବୁଦ୍ଧଙ୍କୁ । କହିବାକୁ ଇଚ୍ଛା ହେଉଥିଲା କ'ଣ ତମେ ପାଇଲ ବୁଦ୍ଧ ? ଏଇ ବିଭାଗର ମନ୍ତ୍ର ତମେ ମଣିଷ କାନରେ ଶୁଣାଇ ଦେଇ କ'ଣ ପାଇଲ ? ଜଗତର ସମସ୍ତ ଦୁଃଖକୁ ତମେ କ'ଣ ଦୂରେଇ ଦେଇପାରିଲ ? ତମେ ଅନ୍ୟାୟ କରିଛ ଭଗବାନ ବୁଦ୍ଧ ! ମୋ' ପରି ଅୟୁତ କଲ୍ଲୋଳଙ୍କ ପ୍ରତି ତମେ ଅନ୍ୟାୟ କରିଛ । ମୁଁ କିନ୍ତୁ ଗୋପା କି ରାହୁଳ ନୁହେଁ, ବୁଦ୍ଧ ! ମୁଁ ତୁମକୁ କ୍ଷମା କରିବି ନାହିଁ..... ନା....... ନା....... । କାନ୍ଦିଉଠିଲା କଲ୍ଲୋଳ ପିଲାଟିଏ ପରି । ତାକୁ ଅଳୀକ ମନେହେଉଥିଲା ସେହି ମହାବାଣୀ.... ଅଳୀକ ମନେହେଉଥିଲା ।

ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ସଂଘ ଶରଣଂ ଗଚ୍ଛାମି ।

*ହଳଦିଗଡ଼ିଆ, କୋରାଇ, ଯାଜପୁର*

# ମିଛ କବଳରେ ସତ

■ ବନମାଳୀ ରଥ

ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ସର୍ବଦା ଧର୍ମ ଓ ସତ୍ୟ ଉପରେ ଆଧାର କରି ତତ୍କାଳୀନ ସମାଜର ଗତିଧାରା ଚାଲିଥିଲା । ବର୍ତ୍ତମାନର କଳିଯୁଗରେ ମିଛ କବଳରେ ସତ ଖାଲି ଛଟପଟ ହୋଇ ବହୁ କଷ୍ଟରେ ସମୟ ବିତାଉଛି ।

ଏକଦା ରାସ୍ତାର ଗୋଟିଏ ପଟେ ମିଛ ଓ ଅନ୍ୟ ଦଗରୁ ସତ ଆସୁଥା'ନ୍ତି । ସାମ୍ନା ସାମ୍ନି ହୋଇଯିବା ସମୟରେ ତୁରନ୍ତ ରାସ୍ତା ଛାଡ଼ିଦେବା ପାଇଁ ମିଛ ସତକୁ କହିଲା । ଆଶ୍ଚର୍ଯ୍ୟ ହୋଇ ସତ ପଚାରିଲା କାହିଁକି ମିଛ ଭାଇ ଏମିତି ବ୍ୟସ୍ତ ହୋଇଯାଉଛ । ମିଛ କହିଲା, ଭାଇ ମୋତେ ଶୀଘ୍ର ଛାଡ଼ିଦିଅ, ବହୁତ ଲୋକ ମୋତେ ଅପେକ୍ଷା କରି ରହିଛନ୍ତି । ସତ୍ୟ ପରୀକ୍ଷା କରିବା ପାଇଁ କହିବାରୁ ଉଭୟେ ସାଥି ହୋଇ ଗୋଟିଏ ବାଟରେ ଗଲେ ।

ବାଟରେ ଯିବା ସମୟରେ ଏକ ଆଖୁଶାଳ ପଡ଼ିଲା । ମିଛ ତ ବହୁତ ଚାଲାକ୍, ସେ ସତକୁ କହିଲା, ସତ ଭାଇ ମୋର ଆଖୁ ଖଣ୍ଡେ ଖାଇବାକୁ ମନ ହେଉଛି ଆଣି ଦିଅନ୍ତି କି ? ସତ ମନ ତ ସବୁବେଳେ ପବିତ୍ର । ସେ ତତ୍କ୍ଷଣାତ୍ ଆଖୁଶାଳ ନିକଟରେ ପହଞ୍ଚିଲା । ଆଖୁ ଖଣ୍ଡେ ଖାଇବାକୁ ବିନମ୍ର ହୋଇ ମାଗିବାରୁ ବହୁ କଟୁ ଭାଷା ଶୁଣିବାକୁ ସତକୁ ପଡ଼ିଲା । ଶାଳ ମାଲିକ କହିଲା, ଆଜି ନୂଆ ଶାଳ ପଡ଼ିଛି ଭାରି ଆଖୁ ଖାଇବାକୁ ମନ । କିଛି ଦିଆଯିବ ନାହିଁ । ଏଠାରୁ ଶୀଘ୍ର ପଳାଅ । ମନ ଦୁଃଖରେ ସତ ଆଖୁଶାଳରୁ ଫେରି ନିଜର ଅସହାୟତା ମିଛ ଆଗରେ ପ୍ରକାଶ ହେଲା ।

ମିଛ ନିଜକୁ ସ୍ଥାନୀୟ ତହସିଲ୍‌ଦାର ରୂପେ ସଜେଇ କରି କୋଟ୍, ପ୍ୟାଣ୍ଟ୍ ବୁଟ୍, ଟାଏ ପିନ୍ଧି ଆଖୁଶାଳ ନିକଟରେ ପହଞ୍ଚିବାରୁ ଶାଳ ମାଲିକ ତୁରନ୍ତ ପାଖକୁ ଆସି ବାବୁଙ୍କୁ ପାଛୋଟି ନେଇ ଶାଳରେ ବସାଇଲେ । ତୁରନ୍ତ ଆଖୁରସ, ଅଦା ଫଦା ପକାଇ ଦୋରୁଅ ତିଆରି କରି ଏକ ଗିଲାସେ ମିଛ ତହସିଲଦାରଙ୍କୁ ଗ୍ରହଣ କରିବାକୁ ଦେଲେ ।

ମିଛ ତହସିଲଦାର କହିଲେ, ଏହି ଜାଗାଟିକୁ ଲିଜ୍‌ରେ ନେବାପାଇଁ ବହୁ ଲୋକ ଦରଖାସ୍ତ କରିଛନ୍ତି । ମୁଁ ଚେକିଂରେ ଆସିଥିଲି । ଦେଖିଲି, ବହୁ ଲୋକ ସରକାରୀ ଜାଗାରେ ଆଖୁଶାଳ ପକାଇ ଜୀବିକା ନିର୍ବାହ କରୁଛନ୍ତି । ତେଣୁ ଏହି ଜାଗାର ଖାତା ଓ ପ୍ଲଟ୍ ନମ୍ବର ଏରିଆ କାହାରିକୁ ଲିଜ୍‌ରେ ଆଜିଠାରୁ ଦିଆଯିବ ନାହିଁ । ସର୍ବସାଧାରଣ ବ୍ୟବହାର ପାଇଁ ଏହି ଜାଗା ରଖାଗଲା ।

ସେତେବେଳକୁ ଏକ ଗୋଛା ବଦ୍ରକାନ୍ତି ଆଖୁ ବାବୁଙ୍କୁ ଦେବାପାଇଁ ଯୋଗାଡ଼ ସରିଥାଏ । କିନ୍ତୁ ମିଛ ତହସିଲଦାର ମୋର ଏଠାରେ ପିଲାପିଲି ନାହାନ୍ତି । ତେଣୁ ମୋର ପିଅନ ଅଛି, ଅଳ୍ପ ଆଖୁ ପଠାଅ ।

ତେଣୁ ଆଖୁଶାଳର ପିଲା ଆଖୁ ଖଣ୍ଡକୁ କାନ୍ଧରେ ପକାଇ ମିଛ ତହସିଲଦାରଙ୍କ ସାଥିରେ ଆସିଲା । ମାଲିକ ବାଟୋଇ ଦେବାକୁ ଆସିଲେ । କିଛିବାଟ ପରେ ସତ ଧରାପଡ଼ିଯିବା ଥିବାରୁ ମିଛ ତହସିଲଦାର ସେମାନଙ୍କୁ ଫେରିଯିବାକୁ କହିଲେ । ମୋର ପିଅନ ଏଠାରୁ ଆଖୁ ନେଇଯିବ ବୋଲି ସୂଚନା ଦେଲେ ।

ପରେ ସତ ଓ ମିଛ ଭେଟାଭେଟି ହେବାରୁ ସତ ନିଜେ ମିଛର ଅଭିନୟକୁ ସ୍ୱୀକାର କଲା । ପରେ ଉଭୟ ନିଜ ନିଜ ବାଟରେ ଗଲେ ।

କିନ୍ତୁ ଯୁଗେ ଯୁଗେ ସତ୍ୟର ଜୟ ନିଶ୍ଚିତ । ଅସ୍ଥାୟୀ ମିଛର କାରନାମା ଧରାପଡ଼ିଥାଏ । ତେଣୁ ମିଛ କବଳରେ ସତ କଳିଯୁଗରେ କବଳିତ ଥିଲେ ମଧ୍ୟ ଆମ୍ଭେ ସର୍ବଦା ସତ୍ୟର ଅନୁଧାବନ ହେବା ଏବଂ ଆତ୍ମସମ୍ମାନ ପାଇବା ।

*ଗରୁଆଳ, ଯାଜପୁର*

# ଅହେତୁକ

■ ଉମାଶଙ୍କର ମିଶ୍ର

ସକାଳ ପାଖାପାଖି ସାତଟା, ସେଦିନ ରବିବାର । କୌଣସି କାମ ଦାମ କରିବାରେ ଆଗ୍ରହ ନ ଥାଏ । ଏହି ସମୟରେ ଫୋନ୍‌ଟାର ଚିତ୍କାର ବଡ଼ ଅସ୍ୱାଭାବିକ ମନେ ହେଲା । ଆଜିକାଲି ଲ୍ୟାଣ୍ଡ୍ ଲାଇନ୍‌ରେ ଫୋନ୍ ଆସିବା ବହୁତ କମ୍ । ରବିବାରରେ ସକାଳରେ ଏମିତି ଯାନ୍ତ୍ରିକ ଆକ୍ରମଣର ଶିକାର ହେବାକୁ ମୋର ମାନସିକ ପ୍ରସ୍ତୁତି ନ ଥିଲା । ରିସିଭର ଉଠାଇ, ନିଃସ୍ପୃହ ଭାବେ ସମ୍ବୋଧନ କଲି, 'ହ୍ୟାଲୋ' । ମୋର ଗଳାରେ ନ ଥିଲା ଆତ୍ମୀୟତା ଆଉ ସ୍ୱାଭାବିକ କୋମଳତା । ସେକଡୁ ଶୁଭିଲା, 'ଭାଇ' । ମୋର ଅବସର ମନସ୍କତା ଉପରେ ଏକ ଶିହରଣ ଖେଳିଗଲା । ମୁଁ ଇତସ୍ତତଃ ହୋଇ କହିଲି, 'ଶିଶିରା' । ତୋର ଗଳା କାହିଁକି ଏମିତି ବିଚଳିତ ଶୁଭୁଛି ? ତୋର ସବୁ ଭଲ ତ ! ସେ କହିଲା, ''ଭାଇ, ତୁ ଭଲ ତ, ମୋ ପାଇଁ ସାରା ଦୁନିଆ ଭଲ । ମତେ ମନେହେଉଛି, ତୁ ବୋଧେ କାଲି ରାତିରେ ଭଲରେ ଶୋଇନୁ । ତୋର ଦେହ ଭଲ ଅଛି ତ ?'' ମୁଁ କହିଲି, ''ଭଉଣୀ, ଆଜିକାଲି ଭଲମନ୍ଦ, ମୋ ପାଇଁ ସବୁ ସମାନ । ଷାଠିଏ ବର୍ଷ ହେଲା, ସରକାରଙ୍କ ଖାତାରେ ଅଳିହା । ସରକାର ଭାବୁଥିବେ, ଯେତେଦିନ ଅଧିକା ବଞ୍ଚିବି, ତାଙ୍କୁ ଅଯଥା ପେନସନ୍ ଦେବାକୁ ପଡୁଥିବ । ହଉ କହ, ଆଜି ଏ ବୁଢ଼ାଟା କେମିତି ତୋର ସକାଳୁ ସକାଳୁ ମନେପଡ଼ିଲା ?'' ସେ କାନ୍ଦ କାନ୍ଦ ହୋଇ କହିଲା, ''ମୋ ଭାଇ କେବେ ବୁଢ଼ା ହେବନି । ତୁ ମତେ, ଏମିତି ଏଣୁତେଣୁ କଥା କହିବୁନି । ମୁଁ ଭାବୁଥିଲି, ଆଜି ତୋ ପାଖକୁ ଆମେ ଯାଇଥାଆନ୍ତୁ । ତୁ ଆଜି ଘରେ ରହୁଛୁ ନା କୁଆଡ଼େ କାମରେ ଯିବୁ ? ଆମେ ଯାଇଥାଆନ୍ତୁ, ଝିଅର ବାହାଘର ସମ୍ବନ୍ଧରେ, ତୋର ପରାମର୍ଶ ନେବାପାଇଁ ।'' ମୁଁ କହିଲି, ''ତୁ ଗୋଟାଏ ମାମଲତ୍‌କାର ଭଳିଆ ଆଜିକାଲି କଥା ହେଲୁଣି । ମୋର ଆଜି, କାମ ଥାଉ ବା ନ ଥାଉ, ତୁ ଆସିବୁ । ଯେତେଶୀଘ୍ର ପାରୁଛୁ ଆସ୍ । ମୁଁ ତୁମ୍ଭମାନଙ୍କୁ ଅପେକ୍ଷା କରୁଛି । ତୋତେ ଦେଖିବା ମୋ ପାଇଁ ଏକ ସୌଭାଗ୍ୟ । ବାପା, ବୋଉ ଗଲେଣି କେତେଦିନୁ । ତତେ ଦେଖିଲେ ସେମାନଙ୍କର କଥା ମନେପଡ଼େ । ଆଉ କେତେ କେତେ କଥା ମନେପଡ଼ିଯାଏ । ମୁଁ ରହିଲି, ଅପେକ୍ଷାରେ । ଫୋନ୍ ରଖିବା ପରେ, ମତେ ଟିକିଏ ଫୂର୍ତ୍ତି ଲାଗିଲା । ମନରେ ସଞ୍ଚିତ ବିଷାଦ, କ୍ରମଶଃ ହ୍ରାସ ପାଇଲା । ମୁଁ ଶ୍ରୀମତୀଙ୍କୁ ଯାଇ ଜଣାଇଲି, ଶିଶିରା ଆଉ ତା'ର ସ୍ୱାମୀ ଆସୁଅଛନ୍ତି । ସେ ସେତେଟା ଉଲ୍ଲସିତ ନ ହେଲେ ବି ପ୍ରସନ୍ନତା ଜାହିର କଲେ । କହିଲେ, ''ବହୁତ ଦିନ ହେବ ସେମାନେ ଆସିନାହାନ୍ତି ।'' ମୁଁ କହିଲି, ''ସେମାନେ, ପାଖାପାଖି ବାରଟା ବେଳକୁ ପହଞ୍ଚିଯିବେ । ଲଞ୍ଚ୍ ଟାଇମ୍ ପୂର୍ବରୁ । ବଜାରରୁ ଯଦି କିଛି ଆସିବାର ଥାଏ ମତେ କହିଲେ ନେଇଆସନ୍ତି ।'' ଶ୍ରୀମତୀ କହିଲେ, ''ବଜାରରୁ ସେମିତି କିଛି ଆସିବାର ନାହିଁ । ଯଦି କିଛି ଦରକାର ହୁଏ, ସେ ବ୍ୟବସ୍ଥା ସେ କରିବେ । ମୋର ସମସ୍ୟା ହେଲା, ସମୟ କିପରି କଟାଇବି ? ନିତ୍ୟକର୍ମ ସାରି, ପ୍ରାତଃଭୋଜନ ଆଦି ଦେବା ପାଇଁ, ସକାଳ ନଅଟା ତିରିଶ ପର୍ଯ୍ୟନ୍ତ ସମୟ କଟିଯିବ । ବାରଟା ପର୍ଯ୍ୟନ୍ତ ଆଉ ଅଢ଼େଇ ଘଣ୍ଟା କିପରି କଟାଇବି ? ମୁଁ ଭାବିଲି, ଟିକେ ଶୋଇଯିବି । ଟିଭି ଦେଖିବି ବା ଖବରକାଗଜ ଆଡ଼ାଇବି ।

ସମୟ କିପରି କଟିଲା, ମୁଁ ଜାଣେନି । ପାଖାପାଖି ୧୨ଟା ୩୦ ମିନିଟ୍ ବେଳକୁ, ଶିଶିରା ଓ ତାର ସ୍ୱାମୀ ଆସି ପହଞ୍ଚିଗଲେ । ସମ୍ବାଦ ଓ ଶ୍ରଦ୍ଧା ବିନିମୟ ପରେ ସେମାନେ ବୈଠକୀ ଘରେ ବସିଲେ । ମୁଁ ସେମାନଙ୍କୁ ଜିଜ୍ଞାସୁ ଆଖିରେ ଚାହିଁଲି । ଶିଶିରା କହିଲା, ''ଭାଇ, ଭାଣିଜୀର ବାହାଘର ପ୍ରସ୍ତାବ ଅନେକ ଆଡୁ ଆସିଛି । କେଉଁଠି ଠିକ୍ କରିବୁ, ଆମ ପାଇଁ ତାହା ଏକ ବିରାଟ ସମସ୍ୟା । ତୁ ପରାମର୍ଶ ଦେଲେ, ଆମେ ସ୍ଥିର କରନ୍ତୁ ।'' ମୁଁ କହିଲି, ''ବର୍ତ୍ତମାନ, ସେ ବିଷୟରେ ଆଲୋଚନା କରିବା ନାହିଁ । ଆଗ ଖିଆପିଆ ସାର, ଟିକିଏ ବିଶ୍ରାମ କର, ୪ଟା ବେଳକୁ ଆରାମରେ ଏ ବିଷୟରେ ଆଲୋଚନା କରିବା । ଭିଣେଇ ମହାଶୟ କହିଲେ, ''ଆମେ ଆଜି ଫେରିଯିବୁ ।'' ମୁଁ କହିଲି, ''ଘରେ ନ ପଶୁଣୁ, ଆପଣ ଯିବା କଥା କହିଲେଣି, କାମ ଆଜି ସରିଲେ ଚାଲିଯିବେ, ନଚେତ୍ କାଲି ଯିବେ । ଏଥିପାଇଁ ତ କିଛି ସମସ୍ୟା ନାହିଁ ? ସେ ମୃଦୁ ହସି ନୀରବ ରହିଲେ ।

ଅପରାହ୍ଣ ଚାରିଟା ବେଳକୁ, ସମସ୍ତେ ବୈଠକୀ ଘରେ ଏକତ୍ରିତ ହେଲୁ । ସାମାନ୍ୟ ଅପେକ୍ଷା କରିବାକୁ ପଡ଼ିଲା କାରଣ ସେ ପର୍ଯ୍ୟନ୍ତ ସ୍ଥିର ହୋଇ ନ ଥାଏ । ପ୍ରଥମେ କିଏ ସମସ୍ୟା ଆଗତ କରିବ । ମୁଁ ଭିଣେଇ ମହାଶୟଙ୍କୁ କହିଲି, ଆପଣ ସମସ୍ୟା ସମ୍ପର୍କୀୟ ସୂଚନା ଦିଅନ୍ତୁ । ସେ କହିଲେ, ''ଆମେ ଝିଅର ବାହାଘର ବିଷୟରେ ଚିନ୍ତା କରୁଥିଲୁ । ଆପଣଙ୍କ ସାଙ୍ଗସାଥୀ ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବମାନଙ୍କୁ ଉପଯୁକ୍ତ ପାତ୍ରରେ ସନ୍ଧାନ ପାଇଁ ଅନୁରୋଧ କରିଥିଲୁ । ଆମ ପାଖକୁ କିଛି କିଛି ପ୍ରସ୍ତାବ ମଝିରେ ମଝିରେ ଆସେ । ଆମର ପସନ୍ଦ ମୁତାବକ ପ୍ରସ୍ତାବ କିଛି ଆସିଛି ମଧ୍ୟ । ଆମର ସମସ୍ୟା ହେଉଛି, ଆମ ପସନ୍ଦର ପାତ୍ର ଠିକ୍ କରିବା ପାଇଁ । ଆମ ପାଖରେ ସୁଯୋଗ ନାହିଁ । ଝିଅ, ତା' ପସନ୍ଦର ଏକ ପାତ୍ର ଠିକ୍ କରିଛି । ଆମ ପାଖକୁ, ଯେତେ ପ୍ରସ୍ତାବ ଆସିଛି । ତା'ଠାରୁ ଏହି ପ୍ରସ୍ତାବ ଯଥେଷ୍ଟ ଭଲ । ବାଛିଲା ଭଳି କିଛି ନାହିଁ;କିନ୍ତୁ ଏଥିରେ ଟିକେ ଅସୁବିଧା ଅଛି ।'' ମୁଁ କହିଲି, ''ସେମିତି ଶତକଡ଼ା ଶହେ ପସନ୍ଦ ହେଲାଭଳି ପ୍ରସ୍ତାବ, ଆମକୁ କେବେ ମିଳିବ ନାହିଁ । ଏଥିରେ ଡେରି କରିବା ଉଚିତ୍ ନୁହେଁ । ଏପରି ରାଜିରୁଜା ପ୍ରସ୍ତାବରେ ଦବା ନବା ଝାମେଲା ନ ଥାଏ । ବରଯାତ୍ରୀଙ୍କୁ ଆୟତ୍ତ କରିବାରେ କିଛି ସମସ୍ୟା ନ ଥାଏ । ଆଜିକାଲି ଦୁନିଆରେ ଏପରି ଚଳଣି ଚାଲିଲାଣି । ଅତୀତରେ ଚଳୁଥିବ । ସ୍ୱୟଂବର ପ୍ରଥାର ଏହା ଏକ ଆଧୁନିକ ଓ ମାର୍ଜିତ ସଂସ୍କରଣ । ମୁଁ ଏଥିରେ ମୋର ଅନୁକୂଳ ମତ ଦେଉଛି ।''

ଭିଣେଇ ମହାଶୟ କହିଲେ, ''ଭାଇ, ଆପଣ ଉଦାର ବୋଲି ମୁଁ ଆଗରୁ ଜାଣି ନ ଥିଲି । ଆମ ବାହାଘର ବେଳେ ଆପଣ ଯଦି ଆମକୁ ଏପରି କୋହଳ ମନୋଭାବ ପୋଷଣ କରିଥାଆନ୍ତେ, ଆମେ ଦିନରାତି ଆପଣଙ୍କ ଗୁଣଗାନ କରୁଥାଆନ୍ତୁ । ଆମର ସମସ୍ୟା ବିଷୟରେ ଆପଣଙ୍କୁ ଆମେ ଏ ପର୍ଯ୍ୟନ୍ତ କହିନାହୁଁ । ଆପଣଙ୍କ ଅନୁମତି ହେଲେ ଆରମ୍ଭ କରିବି ।'' ମୁଁ ତାଙ୍କୁ ବିନା ଶବ୍ଦରେ ଅନୁମତି ଦେଲି ।

ସେ କହିଲେ, ''ପୁଅଝିଅଙ୍କର ବୟସ ତାରତମ୍ୟ ଛଅ ବର୍ଷ । ଆଜିକାର ଚଳଣି ଅନୁସାରେ ଏହା ଦୁଇ / ତିନି ବର୍ଷ ଭିତରେ ରହୁଛି ।

ସେମାନେ ଜାତିରେ ଖଣ୍ଡାୟତ । ତାଙ୍କର କରଣ ଘରୁ ଝିଅ ନେବାରେ ଆପତ୍ତି ନାହିଁ । ଏ ଦୁଇଟି କଥାର ଗୁରୁତ୍ୱ ସେତେ ନାହିଁ । ଅସଲ କଥାଟି ହେଉଛି, ସେ ପୁଅ ଆଗରୁ ବାହା ହୋଇଥିଲା । ତାର ବର୍ଷକର ଝିଅଟିଏ ଅଛି । ତା'ର ସ୍ତ୍ରୀ ରୋଷେଇ ଘରେ ପୋଡ଼ିହୋଇ ମରିଯାଇଛି । ଆମେ ଝିଅର ବାହାଘର ଅନ୍ୟ ଭଲ ଜାଗାରେ କରିବାକୁ ସକ୍ଷମ; କିନ୍ତୁ ଝିଅ ସେଇଠି ବାହା ହେବାପାଇଁ ଜିଦ୍ ଧରିଛି । ଆମେ ଝିଅକୁ ଅନେକ ବୁଝାବୁଝି କଲେ ବି, ସେ ତା' ନିଷ୍ପତ୍ତିରେ ଅଟଳ । ତା'ର ଶେଷ କଥା, ସେଇଠି ବାହା ହେବ । ନଚେତ୍ ବାହା ହେବନାହିଁ । ପୁଅଘର ତରଫରୁ କିଛି ବାଧବାଧକତା ନାହିଁ ବା କୌଣସି ବିପଦର ସୂଚନା ନାହିଁ । ଝିଅ ପିଲାଟିର ଯତ୍ନ ନେବାକୁ ଆଗ୍ରହୀ ନାହିଁ ।''

ମୁଁ ଭିଣେଇଙ୍କ କଥାଶୁଣି ତାଙ୍କୁ କହିଲି, ''ଆଜି ତୁମେ ସବୁ ଏଠି ରହିଯାଅ । ଏ ବିଷୟରେ ଭାବିଚିନ୍ତି, କିଛି ପଦକ୍ଷେପ ନେବା । ମୋ ଜାଣିବାରେ ଜାତି, ବୟସ, ପିଲାର ଦାୟିତ୍ୱ ଏସବୁ ସମସ୍ୟା ନୁହେଁ । ଜଣେ ପୋଡ଼ି ହୋଇ ମରିଛି । ସେଠିକି ଆଉ ଜଣେ ଯିବାର ସାହସ କରିବା କଷ୍ଟ କଥା । ଯଦି ଏହା ପ୍ରକୃତରେ ଏକ ଦୁର୍ଘଟଣା ହୋଇଥାଏ । ଅମର ଏଥିରେ ସମ୍ମତି ଦେବାରେ କିଛି ବାଧା ନାହିଁ ।'' ସେଦିନ ଆଉ ବିଶେଷ ଆଲୋଚନା ନ କରି, ଆମେ ଖୁସି ଗପ କରି ବିଶ୍ରାମ ନେଲୁ । ଭିଣେଇ ମହାଶୟ କାଲି ଶୀଘ୍ର ଫେରିବାର ସୂଚନା ଦେଲେ । ମୁଁ ତାଙ୍କୁ କହିଲି, ''କାଲି କଥା, କାଲି ବୁଝିବା ।''

ସକାଳୁ ନିତ୍ୟକର୍ମ ସାରି ପୁନଶ୍ଚ ବୈଠକୀ ଘରେ ୯ଟା ୪୦ ମିନିଟ୍‌ରେ ଏକତ୍ରିତ ହେଲୁ । କଥା ଆରମ୍ଭ କରିବାକୁ ଯାଇ ମୁଁ କହିଲି, ''ବୟସର ତାରତମ୍ୟ, ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ । ବାପମାନେ ସେସବୁ ଭାବିବା କଥା । ସେମାନଙ୍କର ଆପତ୍ତି ନ ଥିଲେ, ତୁମେ ସେ ବିଷୟରେ ଭାବିବାର ଆବଶ୍ୟକତା ନାହିଁ । କରଣମାନେ କହନ୍ତି, ସେମାନେ ବଡ଼ ଏବଂ ଖଣ୍ଡାୟତ ମାନେ କହନ୍ତି, ସେମାନେ ବଡ଼ । ମୋ ଜାଣିବାରେ ଉଭୟ ବଡ଼ । ସେ ବାବଦରେ ଆଉ ତର୍ଜମା କରିବାର ସମୟ ନାହିଁ । ପିଲାଟିର ସମସ୍ୟା କିଛି ନାହିଁ । ଆମ ବନ୍ଧୁବାନ୍ଧବ ଭିତରୁ କେହି ହେଲେ ସେ ଦାୟିତ୍ୱ ନେଇପାରିବ । ତା'ମୁଁ ବୁଝିଦେବି । ଯିଏ ପିଲାର ଦାୟିତ୍ୱ ନେବ ସେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନେବ । ଏହା ଭିତରେ ତାଙ୍କର ପିଲା ହୋଇଥିଲେ, ସେମାନେ ସ୍ଥିର କରିବେ । ଏଇ ପିଲାର ଦାୟିତ୍ୱ ନେବେ ନା ନାହିଁ । ଯଦି କୌଣସି କାରଣରୁ, ତାଙ୍କର ପିଲା ହୋଇ ନ ଥାଏ, ସେମାନେ ତାଙ୍କ ପିଲାଟିକୁ ନେବାରେ ଆଗ୍ରହ ନିଶ୍ଚୟ ରଖିବେ । ଏହି ସମୟରେ, ପିଲା ସଂପର୍କରେ ଏକ ସ୍ଥାୟୀ ବ୍ୟବସ୍ଥା କରାଯାଇପାରିବ । ଆମର ପ୍ରକୃତ ସମସ୍ୟା ହେଉଛି, ଅପମୃତ୍ୟୁ ବାବଦରେ ଅନୁସନ୍ଧାନ କରିବା । ମୋର ମତ, ସେ ପୁଅ ସହିତ ଏ ବିଷୟରେ ଆଲୋଚନା କରିବା ଏବଂ ତାର ଶ୍ୱଶୁରଘର ଲୋକଙ୍କ ସହିତ ଆଲୋଚନା କରିବା । ସେମାନଙ୍କ ସହିତ ଆଲୋଚନାରୁ ଯେଉଁ ତଥ୍ୟ ମିଳିବ, ତା' ଉପରେ ବିଚାର ବିମର୍ଷ କରି କିଛି ନିଷ୍ପତ୍ତି ନେବା ।'' ମୋ କଥାରେ ସମସ୍ତେ ସନ୍ତୋଷ ପ୍ରକାଶ କଲେ ଏବଂ ଏଥିରେ କିଛି ସଂଶୋଧନ ଅନାବଶ୍ୟକ ମତ ଦେଲେ । ସେମାନେ ଆପ୍ୟାୟିତ ହୋଇ ବିଦାୟ ନେଲେ । ଗଲାବେଳେ ଭଉଣୀ କହିଲା, ''ଭାଇ, ଏ ଜଞ୍ଜାଳରୁ ମତେ ଯେତେ ଶୀଘ୍ର ପାରୁ ମୁକ୍ତି ଦେ ।'' ମୁଁ କହିଲି, ''ଭଉଣୀ ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । ଚେଷ୍ଟା କରିବା ଠିକ୍ ଭାବରେ କାମ କରିବାକୁ, ତେଣିକି ଯାହା ଭାଗ୍ୟରେ ଥିବ ।''

ପରଦିନ ମୁଁ ଭଦ୍ରବ୍ୟକ୍ତିଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କଲି ଏବଂ ତାଙ୍କଠାରୁ ଅନୁମତି ଚାହିଁଲି ସାକ୍ଷାତ କରିବାକୁ । ଉଭୟ ସ୍ଥିର କଲୁ ଚାରିଟା ବେଳକୁ । ମୁଁ ତାଙ୍କ ଘରେ ତାଙ୍କୁ ଦେଖା କରିବି । ଆମର ଯାହା କଥୋପକଥନ ହୋଇଥିଲା, ତା'ର ସାରାଂଶ ଏହିପରି ଥିଲା । ମୁଁ ତାଙ୍କୁ ପଚାରିଲି, ''ଏଇ ଯେଉଁ ଦୁର୍ଘଟଣା ଘଟିଗଲା, ସେଥିପାଇଁ ଆପଣ କାହାକୁ ଦାୟୀ ମନେ କରୁଅଛନ୍ତି ?'' ଅଳ୍ପ କିଛି ସମୟ ମୌନ ରହି ସେ କହିଲେ, ''ଯେତେବେଳେ ଏତେବଡ଼ ଦୁର୍ଘଟଣା ହୋଇଛି, ଆମ ଘରେ ସେଥିପାଇଁ ଅନ୍ୟ କାହାକୁ ଦୋଷ ଦେବା, ଆମର ଉଚିତ୍ ହେବନାହିଁ । ଆମ ଜାଣିବାରେ, ଆମେ କିଛି ଦୋଷ କରିନାହୁଁ, ଆମେ ଧରିନେଇଛୁ ଏହା ଆମର ଅଦୃଷ୍ଟ । ଅନ୍ୟ କେହି ଏଥିପାଇଁ ଦୋଷୀ, ଆମେ ତାହା ଭାବୁନୁ । ମୁଁ ପଚାରିଲି, ଏ ସମ୍ପର୍କରେ ଆପଣଙ୍କ ଶ୍ୱଶୁର ଘର ଲୋକଙ୍କର ମତ କଅଣ ?'' ସେ କହିଲେ, ''ସେମାନଙ୍କର ଆମ ପ୍ରତି କୌଣସି ସନ୍ଦେହ ନାହିଁ । ଆମ ସହିତ ଭଲ ସମ୍ପର୍କ ଏ ପର୍ଯ୍ୟନ୍ତ ଅବ୍ୟାହତ ଅଛି । ବନ୍ଧୁବାନ୍ଧବଙ୍କ ପରାମର୍ଶ ମତେ ସେମାନେ ପୋଲିସରେ ଜଣାଇଥିଲେ । ପୋଲିସ ଅପମୃତ୍ୟୁ କେଶ୍ ଦରଜ କରି ଅନୁସନ୍ଧାନ କରିଛି । ଆମ ପକ୍ଷରୁ ପୋଲିସକୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେଇଛୁ । ପୋଲିସ୍ ଏବଂ ମୋ ଶ୍ୱଶୁର ଘରର ଲୋକମାନେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ଯେ ଏହା ଦୁର୍ଭାଗ୍ୟ ଓ ଦୁର୍ଘଟଣା । ଶ୍ୱଶୁର ମତେ କହିଲେ, ସେ ନାତୁଣୀର ଦାୟିତ୍ୱ ନେବେ ଏବଂ ମୁଁ ପୁନଃବିବାହ କରେ । ମୋ ପକ୍ଷରେ ପୁରୁଣା ସମ୍ପର୍କ ଏତେ ଚଞ୍ଚଳ ଭୁଲିଯିବା ସମ୍ଭବ ନୁହେଁ । ମୁଁ କୌଣସି ନିଷ୍ପତ୍ତି ନେବା ସ୍ଥିତିରେ ନ ଥିଲି । ମୋର ଏହି ଦୁଃସ୍ଥିତି ସମୟରେ, ଆପଣଙ୍କ ଭାଣିଜୀ, ମୋର ନିକଟତର ହୋଇପାରିଛି । ମୁଁ ଦ୍ୱିତୀୟ ବିବାହ ପାଇଁ ଯୋଜନା ରଖି ନ ଥିଲି । ଆପଣଙ୍କ ଭାଣିଜୀ ମୋତେ ବିବାହ କରିବାକୁ ଚାହାଁନ୍ତି, ଏପରି କେବେ କହିନାହାଁନ୍ତି କି, ମୁଁ ତାଙ୍କୁ ସେପରି କିଛି ପଚାରି ନାହିଁ । ଆପଣଙ୍କ ଭିଣେଇ ମହାଶୟ ଆସି ମୋତେ ଝିଅର ଆଗ୍ରହ ବିଷୟରେ ସୂଚନା ଦେଇଥିଲେ । ମୁଁ ତାଙ୍କୁ କହିଥିଲି, ମତେ ଅନ୍ତତଃପକ୍ଷେ ଛଅମାସ ଅପେକ୍ଷା କରିବାକୁ ପଡ଼ିବ । ମୋର ନିଜର ଭାଇ କି ଭଉଣୀ କେହି ନାହିଁ । ମା' ମୀନାକ୍ଷୀର ମୃତ୍ୟୁରେ ଏକ ସକ୍ ଖାଇଯାଇଛି । ତା'ର ମାନସିକ କ୍ଷମତା ନାହିଁ କିଛି ନିର୍ଣ୍ଣୟ ନେବାରେ । ମା'ର ବର୍ତ୍ତମାନ ସମୟ କଟେ କେବଳ କାନ୍ଦିବାରେ । ମୁଁ ତାଙ୍କୁ କହିଥିଲି, ବର୍ତ୍ତମାନ ସ୍ଥିତିରେ ମୋ ଶ୍ୱଶୁର ହେଉଛନ୍ତି ଅଭିଭାବକ । ତାଙ୍କ ସହିତ ଯୋଗାଯୋଗ କରି ଆଗେଇବାକୁ । ସେ ଏ ପର୍ଯ୍ୟନ୍ତ ଶ୍ୱଶୁରଙ୍କ ପାଖକୁ ଯାଇନାହାନ୍ତି । ମୁଁ ତାଙ୍କୁ କହିଲି, ''ମୁଁ ଯଦି ଆପଣଙ୍କ ଶ୍ୱଶୁରଙ୍କୁ ଭେଟି, ଏ ବାବଦରେ କିଛି ଆଲୋଚନା କରେ, ଆପଣ କିଛି ଖରାପ ଭାବିବେ କି ?'' ସେ କହିଲେ, ''ଏଥିରେ ଖରାପ ଭାବିବାର କିଛି ନାହିଁ । ତାଙ୍କର ଅନୁମତି ଓ ପରାମର୍ଶ ନେଇ ମୋର ଦ୍ୱିତୀୟ ବିବାହ କରିବା ଉଚିତ୍ ହେବନାହିଁ ।'' ମୁଁ ଭଦ୍ରବ୍ୟକ୍ତିଙ୍କୁ ଆଶୀର୍ବାଦ କଲି ଏବଂ କହିଲି, ''ଆମ ଝିଅର ଆଗ୍ରହ ଅଛି । ତେଣୁ ଆମେ, ଆପଣଙ୍କ ପାଖକୁ ଆସିଛୁ । ମୁଁ ସତ କହିବି, ଆପଣ ଖରାପ ଭାବିବେନି । ଆମ୍ଭମାନଙ୍କର ବ୍ୟକ୍ତିଗତ ଭାବରେ, ଏ ପ୍ରସ୍ତାବରେ ଆଗ୍ରହ ନାହିଁ । ଝିଅର ଖୁସି ଲାଗି, ଆମେ ଆମର ଇଚ୍ଛାକୁ ଅଣଦେଖା କରୁଛୁ ।'' ମୁଁ ପୁନଶ୍ଚ କହିଲି, ''ମୁଁ ବିଶ୍ୱାସ କରୁଛି, ଆପଣ ମନଦୁଃଖ କରୁ ନଥିବେ କି, ମୋତେ ଖରାପ ଭାବୁ ନ ଥିବେ ।'' ସେ କହିଲେ, ''ଯାହା ସତ, ତାହା ସତ । ମୁଁ ବି ଇଚ୍ଛା କରେ, ଆପଣଙ୍କ ଭାଣିଜୀ, ଭଲ ଜାଗାରେ ବାହା ହୁଅନ୍ତୁ । ମୋର ସ୍ୱାର୍ଥ ଲାଗି, ତାଙ୍କ ଭାଗ୍ୟରେ ମୁଁ ବାଧା ସୃଷ୍ଟି କରିବା ଉଚିତ ହେବନାହିଁ ।'' ମୁଁ ତାଙ୍କ ଠାରୁ ବିଦାୟ ନେଇ, ଭଉଣୀ ଘରକୁ ଗଲି ।

ଭିଣେଇ ଘରେ ନ ଥିଲେ । ଯାହାସବୁ ବୁଝିଥିଲି, ଭଉଣୀକୁ ସଂକ୍ଷେପରେ ସମସ୍ତ ତଥ୍ୟ ଜଣାଇଲି । ସେ ସବୁ ଶୁଣି, ସନ୍ତୋଷ ପ୍ରକାଶ କଲା । ଏ କଥା ବି ସେ କହିଲା, ଝିଅକୁ ଯେତେ ପ୍ରକାରରେ ବୁଝାଇଲେ

ବି କିଛି ଫଳପ୍ରଦ ହୋଇନାହିଁ । ମୁଁ କହିଲି, ''ଭଉଣୀ, ତୁ ଜାଣିଥିବୁ, ଜଣେ ସାଧୁ ଆଉ ଜଣେ ସଇତାନ୍ ଭିତରେ ଦେଖିବାକୁ ବିଶେଷ ପାର୍ଥକ୍ୟ ନ ଥାଏ । ସ୍ଥଳ ବିଶେଷରେ ସାଧୁ ଅପେକ୍ଷା ସଇତାନ୍ ଅଧିକ ଭଲ ଜଣାପଡ଼ିଥାଏ । ମୋର କୌଣସି ସନ୍ଦେହ, ମନରେ ଆସୁ ନ ଥିଲେ ବି, ଶ୍ୱଶୁର ଘର ଲୋକମାନଙ୍କ ସହିତ ଆଲୋଚନା କରିବାର ଆବଶ୍ୟକତା ଅଛି । ହୁଏତ ସେମାନେ ଭାବିଥାଇପାରନ୍ତି, ଝିଅ ତ ଗଲା । ଆଉ କେଶ୍ ବାସ୍‌ରୁ ଆମକୁ କ'ଣ ମିଳିବ ? ସେମାନଙ୍କର ଲୋକବଳ, ଆର୍ଥିକ ବଳ, ନ ଥାଇପାରେ କେଶ୍ କରିବା ପାଇଁ । ସାମାଜିକ ପ୍ରତିଷ୍ଠା ନ ଥିବ, ଏମାନଙ୍କ ସହ ମୁକାବିଲା କରିବା ପାଇଁ ? ଆମେ ଏପରି କଳ୍ପନା ଜଳ୍ପନାରେ ନ ବୁଡ଼ି, ସୁଚିନ୍ତିତ ଉପାୟରେ ଆଗେଇବା ଉଚିତ ।

ଭିଣେଇ ମହାଶୟଙ୍କ ସହିତ ଉପଯୁକ୍ତ ସମୟରେ ଆଲୋଚନା କରି, ସଂଗୃହୀତ ତଥ୍ୟ ଏବଂ ମୋର ଆଶଙ୍କା ତାଙ୍କ ଆଗରେ ବ୍ୟକ୍ତ କଲି । ସେ କହିଲେ, ''ଉକ୍ତ ଭଦ୍ରବ୍ୟକ୍ତିଙ୍କ ଶ୍ୱଶୁରଙ୍କର ଜଣେ ଘନିଷ୍ଠ ବନ୍ଧୁଙ୍କର ସନ୍ଧାନ ସେ ପାଇଅଛନ୍ତି । ଏହି ଭଦ୍ରବ୍ୟକ୍ତି, ଜଣେ ଉଚ୍ଚବର୍ଗର ଲୋକ । ସେ ଜଣେ ଅବସରପ୍ରାପ୍ତ ବିଚାରପତି, ଓଡ଼ିଶା ଉଚ୍ଚନ୍ୟାୟାଳୟର । ତାଙ୍କ ପାଖକୁ ଯିବା ପାଇଁ, ସେ ସାହସ ରଖୁନାହାନ୍ତି । ମୁଁ ଭିଣେଇଙ୍କୁ କହିଲି, ''ଚାଲ ସାଙ୍ଗ ହୋଇ ଯିବା । ତୁମେ କିଛି କହିବା ଦରକାର ନାହିଁ । କିଛି ପଚାରିଲେ ଉତ୍ତର ଦେବ । ନଚେତ୍ ଆମର କଥାବାର୍ତ୍ତା ମନଧ୍ୟାନ ଦେଇ ଶୁଣିବ ।

ଆମେ ଜଜ୍‌ଙ୍କ ବଙ୍ଗଳାରେ ପହଞ୍ଚିଲୁ । ଆଗମନର ଉଦ୍ଦେଶ୍ୟ ଜଣାଇବାକୁ ଯାଇ କହିଲୁ । ଆମେ ତାଙ୍କର ପରାମର୍ଶ ଚାହୁଁ । ଆମର ସମସ୍ୟା ସମାଧାନ ପାଇଁ, ତାଙ୍କୁ ଚୁମ୍ବକରେ ସମସ୍ତ ତଥ୍ୟ ଜଣାଇଲୁ । ସେ କହିଲେ, ''ଆପଣମାନେ ଯାହା ପଚାରୁଛନ୍ତି, ତାହା ଜୀବନ ଓ ମୃତ୍ୟୁ ସମ୍ବନ୍ଧୀୟ । ମୁଁ ଆପଣମାନଙ୍କୁ ପଦେ କଥା କହିବି । ସେଥିରେ ଆପଣଙ୍କର ଉତ୍ତର ଅଛି । ଏହାପରେ ନିର୍ଣ୍ଣୟ ନେବା, ଆପଣଙ୍କର ଇଚ୍ଛାଧୀନ । ମୋର ଯଦି କୌଣସି ଭାଣିଜୀ ବା ନାତୁଣୀ ଥାଆନ୍ତା, ସେଠାରେ ସମ୍ବନ୍ଧ କରିବା ପାଇଁ ପଛାନ୍ତି ନାହିଁ । ମୁଁ ମୋର ବନ୍ଧୁଙ୍କ ଜୋଇଁକୁ, ଭଲଭାବରେ ଜାଣେ । ସେ ଟିକିଏ କ୍ଷଣକୋପୀ । ତାଙ୍କର ପ୍ରଥମ ସ୍ତ୍ରୀ ଟିକେ ଅଭିମାନୀ ଏବଂ ଅଧିକାଂଶ ସମୟ ଅନ୍ୟମନସ୍କ ରହନ୍ତି । ସେ ସଦାବେଳେ କଳ୍ପନା ଜଗତରେ ଥିବା ମନେହୁଏ । ସେ କବିତା ଲେଖେ, ଭଲ ଗୀତ ଗାଏ । ଅପରପକ୍ଷରେ ତା'ର ସ୍ୱାମୀ ବାସ୍ତବବାଦୀ । ହିସାବରେ ସବୁ କାମ ସେ କରିଥାଆନ୍ତି । କୌଣସି କଥାରେ ଭାସିଯିବା ତାଙ୍କର ପ୍ରକୃତି ନୁହେଁ । ଏସବୁ ବିପରୀତାତ୍ମକ ଗୁଣ ପାଇଁ, ସେମାନଙ୍କର ବେଳେ ବେଳେ ମନୋମାଳିନ୍ୟ ହୋଇଥାଏ । ଏହି ମନୋମାଳିନ୍ୟ, ଦାମ୍ପତ୍ୟ କଳହର ସୀମାରେ ଥାଏ ଏବଂ ଘରର ଚାରକାନ୍ଥ ବାହାରକୁ କେବେ ଯାଇନାହିଁ । ମୁଁ ଦୃଢ଼ବିଶ୍ୱାସ କରେ, ଏହି କଳହ, ଦୁର୍ଘଟଣା ବା ମୃତ୍ୟୁର କାରଣ ନୁହେଁ । ଆଉକିଛି କହିଲା ଭଳି ମୋ ପାଖରେ ନାହିଁ । ନିଷ୍ପତ୍ତି ନେବା, ଆପଣଙ୍କର ନିଜସ୍ୱ ଅଧିକାର । ସେ ବାବଦରେ ପରାମର୍ଶ ଆପଣଙ୍କୁ କେହି ଦେଇପାରିବେ ନାହିଁ । ଆମେ ତାଙ୍କୁ ଧନ୍ୟବାଦ ଦେଇ ବିଦାୟ ଦେଲୁ ।

ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଶ୍ୱଶୁର ମହାଶୟଙ୍କୁ ଭେଟିଲୁ । ସେ ଆମକୁ ଆସିବାର ଉଦ୍ଦେଶ୍ୟ ପଚାରିଲେ । ଆମେ ତାଙ୍କୁ ସମସ୍ତ ବିଷୟ ଚୁମ୍ବକରେ ଜଣାଇଲୁ । ଏ କଥା ବି କହିଲୁ । ତାଙ୍କର ପରାମର୍ଶରେ ଆମେ ଏ ସମ୍ବନ୍ଧରେ ଆଗେଇବୁ । ସେ ଏକ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ, ''ମୋ ଝିଅର ସୌଭାଗ୍ୟରେ କେହି ଈର୍ଷାନ୍ୱିତ ହୋଇ କୁ-ଦୃଷ୍ଟି ପକାଇଲା । ମୋ' ଜାଣିବାରେ ତା'ର କିଛି ଦୁଃଖ ନ ଥିଲା । ତା'ର ଏ ଅନ୍ୟମନସ୍କତା ଗୁଣ ତାକୁ ଏମିତି ବିପଦରେ ପକାଇଲା । ମୋ ଜୋଇଁ ବା ତାଙ୍କ ପରିବାରର କୌଣସି ଲୋକର ଏଥିରେ ହାତ ନାହିଁ । ମୋର ଆଉ ଗୋଟିଏ ଝିଅ ଥିଲେ । ସେଠି ଦେବାପାଇଁ ମୁଁ ପଛାନ୍ତିନି । ମୋର ପରାମର୍ଶ ଆପଣ ମନରେ କିଛି ସଂଶୟ ନ ରଖି, ସେଠି ସମ୍ବନ୍ଧ କରନ୍ତୁ । ଭଗବାନଙ୍କ ଇଚ୍ଛାରେ ଆପଣଙ୍କର କିଛି ଅସୁବିଧା ହେବନାହିଁ । ଆମେ ତାଙ୍କଠାରୁ ଆପ୍ୟାୟିତ ହେଇ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରି ବିଦାୟ ନେଲୁ ।

ଭିଣେଇ ମହାଶୟ କହିଲେ, ''ଭାଇ, ସବୁ ଶୁଣି ଆଉ ବୁଝିବି, ମତେ ଡର ଲାଗୁଛି । ମୋର ଡର କୌଣସି ନିର୍ଦ୍ଦିଷ୍ଟ ଜିନିଷଟା ସ୍ଥିତି ପାଇଁ ନାହିଁ ।'' ମୁଁ କହିଲି, ''ଯାହାର ପୁଅକୁ ସାପ କାମୁଡ଼େ, ତା' ମା' ପାଳ ଦଉଡ଼ିକୁ ଦେଖିଲେ ବି ଡରେ । ଭୟ କରିବା ଏ ସ୍ଥିତିରେ ସମ୍ପୂର୍ଣ୍ଣ ସ୍ୱାଭାବିକ । ସେମାନେ ଖରାପ ଲୋକ ହୋଇଥିଲେ ବି ଆଉ ଏପରି ପଦକ୍ଷେପ ନେବାକୁ ସାହସ କରିବେ ନାହିଁ । କାରଣ, ଏହା ଭିତରେ, ସେମାନେ ପୋଲିସ୍, କୋର୍ଟ କଚେରୀ ହୋଇ ବେଶ୍ ଦହଗଞ୍ଜ ହୋଇଥିବେ । ତୁମେ କିଛି ନ ଭାବି ଆଗାଅ । ହୁଏତ ଆମ ଭାଗ୍ୟରେ କିଛି ଭଲ ଅଛି । ଚାଲ ଗୋଟିଏ କାମ କରିବା । ସମସ୍ତେ ଯାଇ ଶ୍ରୀଜୀଉଙ୍କୁ ପୁରୀରେ ଦର୍ଶନ କରିବା । ତାଙ୍କ ନିକଟରେ ଶରଣ ପଶିବା । ତେଣିକି ସେ ଯାହା କରିବେ, ଆମର ସେଇଟା ଭାଗ୍ୟ ଧରିନେବା ।

ଆଜିଠୁ ଦଶ ବର୍ଷ ତଳେ ସେଇଠି ଭାଣିଜୀର ବିବାହ ହୋଇଥିଲା । ଶ୍ରୀଜୀଉଙ୍କ ଇଚ୍ଛାରେ ଏ ପର୍ଯ୍ୟନ୍ତ କିଛି ଅସୁବିଧା ହୋଇନାହିଁ । ଆଗକୁ କିଛି ଅସୁବିଧା ହେବ, ସେପରି ସମ୍ଭାବନା ନାହିଁ । ବାହାଘରର ତିନିବର୍ଷ ଭିତରେ ସେମାନଙ୍କର ପୁଅଟିଏ ହୋଇଛି । ଭାଣିଜୀର ଶାଶୂ, ନାତି ମୁହଁ ଦେଖି ସ୍ୱର୍ଗାରୋହଣ କରିଅଛନ୍ତି । ପୁଅ ଜନ୍ମର ଦୁଇ ବର୍ଷ ପରେ, ସେମାନେ ଅଜା ଆଈଙ୍କଠାରୁ ଝିଅକୁ ନେଇ ଆସିଥିଲେ । ପରିବାର ସେତିକିରେ ସୀମିତ ରଖିଥିଲେ । ଏ ବାବଦରେ, ଆପଣମାନଙ୍କୁ କହିଲା ଭଳି ଆଉ କିଛି ନାହିଁ । ଖାଲି ଗୋଟିଏ କଥା 'ଜୟ ଜଗନ୍ନାଥ' ।

***ନିମଚଉଡ଼ି, କଟକ-୨***

# ଏହା କ'ଣ ସତ

■ ବଂଶୀଧର ଷଡ଼ଙ୍ଗୀ

ଶହ ଶହ ବର୍ଷ ତଳେ ରୀତିଯୁଗର ରାଜୁତି ଓଡ଼ିଶାର ଓଡ଼ିଆ ସାହିତ୍ୟରେ । କବି ସମ୍ରାଟ, କବିସୂର୍ଯ୍ୟ ଭଳି ଜ୍ୱଳନ୍ତ ତାରକା ଓଡ଼ିଆ ସାହିତ୍ୟାକାଶରେ ଝଲକୁ ଥିଲେ । ଅନ୍ତ ହୋଇଥିଲା ବୈଷ୍ଣବ ଯୁଗ । ଆଧୁନିକ ଯୁଗର ଇସାରା ମଧ୍ୟରେ ଏ ରୀତିଯୁଗ । ୧୬୦୦ ଶତାବ୍ଦୀ ପ୍ରବଳ ପ୍ରତାପୀ ଇଂରେଜ ସରକାରଙ୍କ ପ୍ରଜ୍ୱଳନରେ ସୁପ୍ତ ରାଜବଂଶ ତଥାପି ତାଳପତ୍ରରେ, ଲେଖନୀ ମୁନରେ ମାତୃଭାଷାର ଉନ୍ନତି ପାଇଁ ପ୍ରଚେଷ୍ଟା ଚଳାଇଥିଲେ କବିଗଣ ।

ଗଞ୍ଜାମର ଆଠଗଡ଼ ଏବେ ତ ଏତେ ରକ୍ଷ ଦୃଶ୍ୟ । ଆଠଗଡ଼ିଆ ଭାଲୁ ଉପଦ୍ରବ ଅଞ୍ଚଳ । ସେତେବେଳେ କିପରି ନ ଥିବ ଏ ଅଞ୍ଚଳର ଦୃଶ୍ୟ ରୂପ; ତଥାପି ହରିଚନ୍ଦନ ରାଜବଂଶୀ ରାଜାଙ୍କ ପ୍ରଜାବତ୍ସଳତା ତଥା ସାହିତ୍ୟ ସଂସ୍କୃତି ପ୍ରତି ପ୍ରୋତ୍ସାହନ କଥା ଭାବୁଛି ସୌମ୍ୟ ।

କଳାପାହାଡ଼ ଆକ୍ରମଣ ସମୟରେ ଆଠଗଡ଼ ରାଜାମାନେ ଜଗନ୍ନାଥଙ୍କୁ ଆଣି ଏ ଅଞ୍ଚଳର ମାର୍ଦାଠାରେ ରଖିଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ଓଡ଼ିଆମାନଙ୍କୁ ମୁସଲମାନ ବେଶ ଧାରଣ କରାଇ ଜଗନ୍ନାଥଙ୍କୁ ଜଗାଇ ରଖିଥିଲେ । କଳାପାହାଡ଼ ଚାଲିଗଲା ପରେ ଏମାନେ ମୁସଲମାନଭାବେ ରହିଲେ; କିନ୍ତୁ ଓଡ଼ିଆ ଚାଲିଚଳନ ସହ ଏମାନେ ଚଳିଆସିଲେ । ଲକ୍ଷ୍ମୀପୂଜା ଏବେ ବି ସେମାନଙ୍କର ଚାଲିଛି । ମାର୍ଦ୍ରା ଠାରେ ଥିବା ଜଗନ୍ନାଥଙ୍କ ଗୁପ୍ତ କୋଠରୀ ଏକ ମସ୍‌ଜିଦ୍ ସ୍ୱରୂପ ଏବେବି ବିଦ୍ୟମାନ ।

ଗୋଟି ଗୋଟି ସବୁ କଥା ମୁଣ୍ଡକୁ ଛାଏଁ ଛାଏଁ ଆସିଯାଏ ସୌମ୍ୟର ।

ସେଦିନ ଥିଲା ଜ୍ୟେଷ୍ଠ ମାସର ଶୀତଳ ଷଷ୍ଠୀ । ବଳଦେବ । ଭୟଙ୍କର ରୌଦ୍ରତାପ । ତଥାପି ସୌମ୍ୟ ବୁଲୁଛି ଆଠଗଡ଼ରେ । ତା' ପାଟିରେ ବଳଦେବଙ୍କ ସଙ୍ଗୀତ –

ଜଣା ନଥିଲା ମା ଜଣା
  ହେବେ ବୋଲି ଜେମା
  କର କ୍ଷମାରେ ।
ରତି ପ୍ରତିମା, ବାରେ କର କ୍ଷମାରେ ।

ଗୀତଟି ଗାଇ ଗାଇ ସରୋବର କୂଳେ ପହଞ୍ଚିଛି ସୌମ୍ୟ । ଦେଖେ ପୋଖରୀ ତୁଠରେ ଅପରୂପ କନ୍ୟାଟିଏ । ତାକୁ ଦେଖି ସୌମ୍ୟ ମନରେ ଏକ ଆଲୋଡ଼ନ ଖେଳି ଗଲା । ଝିଅଟିକୁ ପାଇବା ଆଶା ତା'ର ବଢ଼ିଚାଲିଲା । ହେଲେ ସତେ କ'ଣ ତା' ଭାଗ୍ୟରେ ଜୁଟିବ । ହଠାତ୍ କବିସୂର୍ଯ୍ୟଙ୍କ ଉକ୍ତ ପଂକ୍ତିଟି ତା' ମନରେ ଗୁଞ୍ଜରଣ କଲା ।

ସୁମଧୁ ମଧୁରସା, ରସାଳ ରସ ମିଶା
    ସର, ଶାକର, ରସାକର
ମହେନ୍ଦ୍ରଜା ଅଧରେ ଧରି ଅନୁରୋଧରେ
    ଧୀରେ ଯେ, ନିବେଦିତ କରେ
    ହେ ପ୍ରାଣପ୍ରିୟ
ବଧୁଲି, ମଧୁଲୀଟପରି, ବଧୂ ଅଧରୁ ମଧୁଝରି
    ପିଏ ସେଇ ତରୁଣ
ରଣ ରଣଙ୍କ ରଣ ରସ ଲହରୀରେ ପହଁରିଲେ
    ଆଠଗଡ଼ ପାଟଣାର ଝିଅ ସୋନାଲି ।

ଗାଁ ସ୍କୁଲ, ହାଇସ୍କୁଲ ଓ କଲେଜରୁ ପାଠପଢ଼ା ସାରି, ଭଞ୍ଜବିହାରରେ ପି.ଜି ସାରିଛି । ପୋଖରୀରୁ ଫେରି ସେ ଯାଇଛି ନାରାୟଣୀ ମନ୍ଦିର । ସୌମ୍ୟ ସହ ତା'ର ମିଳନ ହୋଇଛି । ଦୁହେଁ ପରସ୍ପରକୁ ପରିଚୟ ପାଇଁ ବନ୍ଧୁତା ସୂତ୍ରରେ ଯୋଡ଼ି ହୋଇଗଲେ । ସୋନାଲିର ଅନୁରୋଧରେ ତା'ଘରେ ଆତିଥ୍ୟ ନେଇଛି ସୌମ୍ୟ । ସୋନାଲି ବାପାମା' ତା' ପରିଚୟ ପଚାରିଛନ୍ତି ।

ସୁନ୍ଦର ତକ୍‌ତକିଆ ଚେହେରାର ସୌମ୍ୟ ନିଜ ପରିଚୟ ପ୍ରଦାନ କରୁଛି । ଏକ ଅନାଥ ଆଶ୍ରମର ବାଳକ ସିଏ । ଠିକଣା ତା'ର ଜଣା ନାହିଁ । ନିଜ ଉଦ୍ୟମରେ ପାଠ ପଢ଼ି ମଣିଷଟିଏ ହୋଇଛି । କହିବାକୁ ଗଲେ ଉଷୁନା ଧାନ ସେ ଓଲିଆରୁ ପଡ଼ି ଗଜା ହୋଇଛି । ଏଇ ତା'ର ପରିଚୟ । ଅଧୁନା ଅଧ୍ୟାପକ ଫୁଲବାଣୀ ସ୍ୱୟଂଶାସିତ ସରକାରୀ କଲେଜର ।

ବାପାମା'ଙ୍କ ସ୍ନେହ ଶ୍ରଦ୍ଧାର ଆଦର ପାଇଛି ସୋନାଲି ପରିବାରରୁ ସୌମ୍ୟ । ଦୁହେଁ ଏକତ୍ର ହୋଇ ବୁଲନ୍ତି । ଲୋକ ଚାହିଁଟାପରା କଲେ ବି ଖାତିର୍ ନ କରି ସେମାନେ ଆଳାପରେ ସମୟ ବିତାଇ ଦିଅନ୍ତି ଦିନ ପରେ ଦିନ । ଜାତି, କୁଳ,ଗୋତ୍ର ନଥିବା ପିଲାଟା କହିଲେ ବି ସୌମ୍ୟ ଦିହରେ ଅପୂର୍ବ ସାହସ ଦେଖି ଖୁସି ହୁଅନ୍ତି ସୋନାଲି ବାପା ମା' । ଏକମାତ୍ର ଅଲିଅଳୀ

କନ୍ୟା ସୋନାଲିର ଭବିଷ୍ୟତ ତା’ ଉପରେ ଛାଡ଼ିବାକୁ ସେମାନେ ମନେ ମନେ ସ୍ଥିର କରିଛନ୍ତି । କିନ୍ତୁ ସତେ କ’ଣ ତାଙ୍କ ସ୍ୱପ୍ନ ସତ୍ୟ ହେବ – ସନ୍ଦେହରେ ପଡ଼ନ୍ତି । ଏଣେ ହାତରେ ଟଙ୍କାଟିଏ ନାହିଁ କରିବେ କ’ଣ ? ଠିକ୍ ସେତିକିବେଳେ ସୌମ୍ୟ ଗାଏ–

ବାଧିଲା ଜାଣି ରମା ରମଣ କର କ୍ଷମ

ନ ହେଲେ ଦଣ୍ଡେ ଦିଅ ଟାଳି

ତା’ ଗୀତରେ ସୋନାଲି ପରିବାର ଆଖିରେ ଲୁହ ଭରିଯାଏ । ଦିନେ ପୂର୍ଣ୍ଣିମା ଜହ୍ନ ହସୁଥିଲା ଆଠଗଡ଼ର ପ୍ରକୃତି ଶୋଭାକୁ ନେଇ । ଠିକ୍ ସେଇ ସମୟରେ ଗାଇ ଉଠିଛି ସୌମ୍ୟ–

ଚନ୍ଦ୍ର ନିଶାରେ ଦେଲ ସୁନ୍ଦରୀ ମଣି

ମହେନ୍ଦ୍ରଭୂତି ମୋରେ ।

ଠିକ୍ ଏହି ସମୟରେ ସୋନାଲି ସହ ତା’ର ମିଳନ ହୋଇଛି । ମନ ଖୋଲି ଦୁହେଁ ଆଳାପରେ ସମୟ ବିତାଇଛନ୍ତି । ପରସ୍ପରକୁ ନେଇ ଏକ ନୂଆ ସଂସାର ଗଢ଼ିବା ଓ ଭବିଷ୍ୟତରେ ସାହିତ୍ୟ ଓ ସଂସ୍କୃତିର ଉନ୍ନତିକଳ୍ପେ ଆପ୍ରାଣ ଚେଷ୍ଟା କରିବେ ବୋଲି ଭାବି ନେଇଛନ୍ତି । ସୋନାଲିକୁ ବାହା ହେବାପାଇଁ ପ୍ରସ୍ତାବ ଦେଇଛି ସୌମ୍ୟ । ବାପାମା’ ସୋନାଲିର ନିଜର ଅସମର୍ଥତା ପ୍ରକାର କରିବାରୁ ନିଜେ ସମସ୍ତ ଖର୍ଚ୍ଚ କରିବ ବୋଲି ପ୍ରତିଶ୍ରୁତି ଦିଏ ସୌମ୍ୟରଞ୍ଜନ ।

ସମୟର ସୁଅରେ ମାର୍ଗଶୀର ମାସରେ ସୋନାଲି ସହ ସୌମ୍ୟ ରଞ୍ଜନର ବାହା ଶେଷ ହୋଇଛି । ଘରେ ଜ୍ୱାଇଁ ପୁଅ ନୁହଁ, ଏ ମୋର କୀର୍ତ୍ତି କାରଣ କର୍ତ୍ତା ବୋଲି ସୋନାଲି ବାପାମା’ ସମସ୍ତଙ୍କ ଆଗରେ ପ୍ରକାଶ କରନ୍ତି ।

ଠିକ୍ ସେହି ସମୟରେ ନିର୍ବାଚନ ଆସିଛି । ସୋନାଲି ଲେଡି ବିଧାୟିକା ରୂପେ ନିର୍ବାଚିତ ହୋଇଛି । ଦୁହେଁ ଏବେ ଭୁବନେଶ୍ୱର ରାଜଧାନୀରେ । ରାଜଧାନୀ କଲେଜର ଅଧ୍ୟକ୍ଷ ସୌମ୍ୟରଞ୍ଜନ । ନିଜ ସାହିତ୍ୟ, ସଂସ୍କୃତି ଗବେଷଣାକୁ ଲୋକଙ୍କ ମଙ୍ଗଳ ପାଇଁ ସେ ଗଢ଼ିଛି ପ୍ରତିଷ୍ଠାନଟିଏ । ସୋନାଲିବି ସାହାଯ୍ୟ କରିଛି ।

ସୋନାଲି ବାପାମା’ ଏସବୁ ସେଇ ଠାକୁରଙ୍କ ଇଚ୍ଛାକର ଉପରକୁ ହାତଠାରି ଦେଖାନ୍ତି । ଅନାଥ ଆଶ୍ରମରେ ଏକ ଅସହାୟ ପିଲା ଏ ସ୍ତରରେ ପହଞ୍ଚିଛି ଭାବି ଖୁସି ହେଉଛି ସୌମ୍ୟ ରଞ୍ଜନ । ‘‘ଏବେ ସୌମ୍ୟ କହୁଛି, ସୋନାଲି ତୁମେ ସେଇ ରାଜକନ୍ୟା ଓ ମୁଁ କବିସୂର୍ଯ୍ୟ ବଳଦେବ ରଥ ।’’

***ନୀଳାଦ୍ରି ବିହାର, ଭଞ୍ଜନଗର, ଗଞ୍ଜାମ***



# ପଚାଶ ଟଙ୍କା

■ ରଞ୍ଜନ କୁମାର ସାହୁ

ପପ୍‌ଲୁ ଦୌଡ଼ି ଦୌଡ଼ି ଆସି ସଞ୍ଜୀବନୀ ମେଡିସିନ୍ ଷ୍ଟୋର୍ ପାଖରେ ପହଞ୍ଚେ । ହାତରେ ଖଣ୍ଡିଏ ଡାକ୍ତରଙ୍କ ମେଡିସିନ୍ ଚିଠା । ମା' ଘରେ ଜ୍ୱରରେ କମ୍ପୁଥାନ୍ତି । ବାପାଛେଉଣ୍ଡ ପପ୍‌ଲୁ । ଅଭାବୀ ଘର । ମା'ଟି ରୋଜଗାର କରି ପପ୍‌ଲୁକୁ ପଢ଼ାଉଥାନ୍ତି । ମା' ବେମାର ପଡ଼ିଲା ପରେ ପପ୍‌ଲୁ ପାଖରେ ପଇସାଟିଏ ନ ଥାଏ । ପପ୍‌ଲୁ ମେଡିସିନ୍ ଦୋକାନୀକୁ ଚିଠା ଦେଇ ଔଷଧ ମାଗିଲା । ଚିଠା ମୁତାବକ ଦୋକାନୀ ଔଷଧ ଦେଇ ପପ୍‌ଲୁକୁ ପଇସା ଦେବାପାଇଁ କହିଲା । ପାଖରେ ପଇସା ନ ଥିବାରୁ, ଦୋକାନୀକୁ ପଛରେ ପଇସା ଦେଇଦେବ ବୋଲି ପପ୍‌ଲୁ କହିଲା; କିନ୍ତୁ ଦୋକାନୀ ପପ୍‌ଲୁ କଥାରେ ରାଜି ହେଲାନାହିଁ । ପପ୍‌ଲୁ ବାଧ କରିବାରୁ ଦୋକାନୀ ବିରକ୍ତ ପ୍ରକାଶ କରି ପପ୍‌ଲୁକୁ ଗାଳିଦେଲା । ଶେଷରେ ପପ୍‌ଲୁ ଔଷଧ ଥଳିଟିକୁ ଝାମ୍ପି ନେଇ ଦୌଡ଼ିବାକୁ ଲାଗିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଦୋକାନୀବାଲା ପପ୍‌ଲୁ ପଛରେ ଚୋର ଚୋର କହି ଦୌଡ଼ିବାକୁ ଲାଗିଲା । ଅନ୍ୟ ଲୋକମାନଙ୍କ ସହାୟତାରେ ପପ୍‌ଲୁକୁ କାବୁ କରିନେଲେ ଏବଂ ନିସ୍ତୁକ ମାଡ଼ ମାରିଲେ ।

ଲହୁଲୁହାଣ ହୋଇ ପପ୍‌ଲୁ ପାଖ ବରା ଦୋକାନୀ ପାଖରେ ଠିଆ ହୋଇ କାନ୍ଦୁଥାଏ । ବରା ଦୋକାନୀ ମକରା ପପ୍‌ଲୁକୁ କାନ୍ଦୁଥିବାର ଦେଖି ପଚାରିଲା..... ''ଆରେ ପୁଅ, ତତେ ଲୋକମାନେ କାହିଁକି ମାରିଲେ ?'' ପପ୍‌ଲୁ ନିଜ ଦୁଃଖ କଥା କହିଲା । ମା' ପାଇଁ ଔଷଧ ଦରକାର; କିନ୍ତୁ ପାଖରେ ପଇସା ନାହିଁ । ପପ୍‌ଲୁର କଥାରେ ବରା ଦୋକାନୀର ମନରେ ଦୟା ଆସିଲା ଏବଂ ପପ୍‌ଲୁକୁ ପଚାରିଲା– କେତେ ଟଙ୍କା ଦରକାର ? ପପ୍‌ଲୁ ପଚାଶ ଟଙ୍କା ଦରକାର ବୋଲି କହିଲା । ମକରା ନିଜ ଅଣ୍ଟିରୁ ପଚାଶ ଟଙ୍କା ନୋଟ୍‌ଟିଏ କାଢ଼ି ପପ୍‌ଲୁକୁ ଦେଲା ଏବଂ କହିଲା, ତୁ ଔଷଧ ନେଇ ଯା, ଆଉ ମା'କୁ ଠିକ୍ କର । ପପ୍‌ଲୁ ଖୁସିରେ ସେଇ ଦୋକାନୀକୁ ପଇସା ଦେଇ, ଔଷଧ ଧରି ଘରକୁ ଧାଇଁଲା । ଔଷଧ ଖୁଆଇ ମା'ର ସେବା କଲା ଏବଂ ଶେଷରେ ପପ୍‌ଲୁର ମା' ସୁସ୍ଥ ହୋଇଗଲେ ।

ଏହା ମଧ୍ୟରେ ବହୁବର୍ଷ ବିତିଯାଇଥାଏ । ବରା ଦୋକାନୀ ମକରା, ବରା, ସିଙ୍ଗଡ଼ା ବିକି ବିକି ବୁଢ଼ା ହୋଇଯାଇଥାଏ । ଦିନକର ଘଟଣା ମକରା ବେମାର ପଡ଼ିଗଲା । ତା'ର ପୁଅ ତାକୁ ସହରର ଏକ ଭଲ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କଲା । ବାର୍ଦ୍ଧକ୍ୟତା ହେତୁ ବୁଢ଼ା ମକରା ବହୁଦିନ ଡାକ୍ତରଖାନାରେ ଚିକିତ୍ସା ହେଲା । ଶେଷରେ ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ବୁଢ଼ା ମକରା ଭଲ ହୋଇଗଲା । ଚିକିତ୍ସା ବାବଦ ଡାକ୍ତରଖାନାବାଲା ମକରାକୁ ପଚାଶ ହଜାର ଟଙ୍କା ଦେବାକୁ କହିଲେ । ଏତେ ଟଙ୍କା ଶୁଣି ମକରା ଓ ତା' ପୁଅର ମୁଣ୍ଡ ବୁଲାଇଲା । କ'ଣ କରିବେ ଚିନ୍ତାରେ ପଡ଼ିଗଲେ । ଏତେଗୁଡ଼େ ଟଙ୍କା କେମିତି ପଇଠ କରିବେ ବୋଲି ମକରା କାନ୍ଦିବାକୁ ଲାଗିଲା । କିଛି ସମୟ ପରେ ଡାକ୍ତରବାବୁ ମକରା ପାଖକୁ ଆସି କହିଲେ, ଆପଣଙ୍କ ପଇସା ପଇଠ ହୋଇଯାଇଛି । ଆପଣ ଏବେ ଯାଇପାରିବେ । ଏହାଶୁଣି ମକରା ଆଶ୍ଚର୍ଯ୍ୟ ହୋଇଗଲା । ଏତେଗୁଡ଼ା ଟଙ୍କା କିଏ ଦେଲା ବୋଲି ଡାକ୍ତରବାବୁଙ୍କୁ ପ୍ରଶ୍ନ କଲା ମକରା । ଡାକ୍ତରବାବୁ କହିଲେ– ମୁଁ ଆପଣଙ୍କ ଟଙ୍କା ଜମା କରିଦେଇଛି । ମକରା କହିଲା– ଡାକ୍ତରବାବୁ ଆପଣ ମୋ ପାଇଁ ଏତେଗୁଡ଼ାଏ ଟଙ୍କା କାହିଁକି ଦେଲେ ? ତା'ପରେ ଉତ୍ତର ରଖିଲେ ଡାକ୍ତରବାବୁ... ମଉସା ଆପଣ ବୋଧହୁଏ ମତେ ଚିହ୍ନିପାରୁନାହାନ୍ତି । ମୁଁ ସେହି ପିଲା, ଯାହାକୁ ଆପଣ ପିଲାବେଳେ ମତେ ପଚାଶ ଟଙ୍କା ଦେଇଥିଲେ, ମୋ ମା'ର ଔଷଧ କିଣିବା ପାଇଁ । ସେହି ପଇସାରେ ଔଷଧ କିଣି ମୋ ମା' ସୁସ୍ଥ ହେଲେ, ଆଉ ସେ ମତେ ଡାକ୍ତର କଲେ । ଆପଣଙ୍କ ସାହାଯ୍ୟ ମୁଁ ଏବେ ବି ଭୁଲିନାହିଁ । ମକରା କହିଲା– ଧନ୍ୟରେ ପୁଅ ତୁ ବଡ଼ ମହାନ୍ ।

*ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,*
*ଘର ନଂ-ଏଲ୍/୨୩୮, ଭୁବନେଶ୍ୱର ।*

# ସ୍ୱପ୍ନ ନାୟକ

■ ଗୋପୀନାଥ ମିଶ୍ର

ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ଡିପାର୍ଟମେଣ୍ଟ ଲେକ୍‌ଚରର କମନ୍‌ରୁମ୍ ସମ୍ମୁଖ କାନ୍ଥରେ ଲେଖାଯାଇଥିବା ଲମ୍ବା ନାମ ତାଲିକାରୁ ପ୍ରଥମ ନାମଟି ପଢ଼ିଦେଇ ଆକାଶମାର୍ଗରୁ ସମୁଦ୍ରର ଜଳରାଶି ଉପରେ ଖସି ପଡ଼ିଥିଲା ଅନୁ ଓରଫ ଅନୀତା ଦାଶ । ଛାତି ଭିତରେ ହାତୁଡ଼ିର ଶକ୍ତ ଆବାଜ ତାକୁ ଆକାଶ କୁସୁମ ଓ ଚିଲିକା ମାଛର ସନ୍ଧାନ ଦେଉଥିଲା । ପେଟ ଭିତରେ ଦେବ ଦାନବଙ୍କ ସମୁଦ୍ର ମନ୍ଥନର ଦୃଶ୍ୟ ତା'ର ସମଗ୍ର ଶରୀରକୁ ଉଦ୍‌ବେଳିତ କରି ଦେଇଥିଲା । ପାଦ ତଳର ମାଟି ତଳକୁ ତଳକୁ ଦବିଯିବା ଭଳି ସେ ଅନୁଭବ କରିଥିଲା । ପ୍ରଜ୍ୱଳିତ ଆଶାର ଆଲୋକ ଉପରେ ଅନ୍ଧକାରର ବାଦଲ ଆଚ୍ଛାଦିତ ହୋଇଯାଇଥିଲା । ହଠାତ୍ ଅନ୍ୟମନସ୍କତା ସତ୍ତ୍ୱେ ମଧ୍ୟ କାଣି ଆଙ୍ଗୁଠିରେ ଛେପ ଟିକିଏ ଆଣି ଆଖିପତାରେ ମାଖି ଦେଇଥିଲା ସେ ।

ବହୁ ଭରସା ନେଇ ସେ ସୁଦୂର ପଲ୍ଲୀଗ୍ରାମରୁ ବସ୍‌ର ଭିଡ଼ ଭିତର ଠେଲାପେଲାକୁ ଖାତିର ନ କରି ପ୍ରଥମ ଥର ପାଇଁ କଟକ ଆସିଥିଲା ଏହି ଅଧ୍ୟାପକ ଚାକିରି ଖଣ୍ଡକ ପାଇବା ଆଶାରେ । ସମାଜରେ ପ୍ରକାଶିତ ହୋଇଥିବା ବିଜ୍ଞାପନଟି ପଢ଼ିବା ଦିନଠାରୁ ବହୁ ଦେବଦେବୀଙ୍କୁ ସେ ମାନସିକ ଯାଚିଥିଲା । ପ୍ରତ୍ୟହ ଗାଆଁ ମୁଣ୍ଡରେ ଥିବା ଗ୍ରାମଦେବୀଙ୍କୁ ସକାଳ ସଞ୍ଜେ ଦର୍ଶନ କରି ଘିଅଦୀପଟିଏ ଜାଳିବା ପାଇଁ ମଧ୍ୟ ଭୁଲି ନଥିଲା । କଟକ ଆସିବା ପୂର୍ବରୁ ଦେବୀଙ୍କ ସିନ୍ଦୂର ଓ ଛଡ଼ା ଫୁଲକୁ ସେ ମଥାରେ ଲଗାଇ ନିଜର ଭ୍ୟାନିଟ୍ ଭିତରେ ମଧ୍ୟ ରଖିଥିଲା । ହେଲେ ଲମ୍ବା ତାଲିକାରୁ ସେ ଡିପାର୍ଟମେଣ୍ଟ ମୁଖ୍ୟଙ୍କ ନାମ ଦେଖି ନିଜକୁ ନିଜେ ଭାଙ୍ଗିପଡ଼ିଥିଲା ଏବଂ ନାମଟି ପଢ଼ିଦେଲାପରେ ବିଶ୍ୱା ମଧ୍ୟ କରିପାରୁ ନଥିଲା ଯେ ବିଶ୍ୱକଲ୍ୟାଣ ମିଶ୍ରଙ୍କର ଅଧ୍ୟାପକ ହେବାର ଶିକ୍ଷାଗତ ଯୋଗ୍ୟତା ନ ଥାଇ ସେ କିପରି ଏଠାରେ ଡିପାର୍ଟମେଣ୍ଟ ମୁଖ୍ୟ ହୋଇପାରିଲେ, ତେବେ କ'ଣ କଲେଜ ସାଥୀ ମିନତୀ ତାଙ୍କ ନାଁ'ରେ ମିଛ କହିଥିଲା । ହୋଇପାରେ ସେ ବିଶ୍ୱକଲ୍ୟାଣ ପ୍ରକୃତରେ ଏ ବିଶ୍ୱକଲ୍ୟାଣ ହୋଇ ନ ପାରନ୍ତି । କାହାକୁ ପଚାରିବ ଭାବି ସେ ଅନ୍ୟ ପ୍ରାର୍ଥୀନୀମାନଙ୍କ ନିକଟକୁ ଫେରିଯାଇ ସେମାନଙ୍କ ମେଳରେ ବସିବାର ଉପକ୍ରମ କରୁଥିବା ସମୟରେ ପିଅନ ଅନୀତା ଦାସଙ୍କୁ ଇଣ୍ଟରଭ୍ୟୁ କକ୍ଷକୁ ଯିବାପାଇଁ ଡାକିଥିଲା ।

ଘୂର୍ଣ୍ଣିବଳୟର ଭଉଁରୀ ଭିତରେ ପୋତି ହୋଇପଡୁଥିଲା ଅନୁର ପାଦ ଦୁଇଟି । ଆଗକୁ ଯେତେ ବଢ଼ାଉଥିଲା, ପଛକୁ ସେତିକି ଫେରିଆସିଲା ଭଳି ଅନୁଭବ କରୁଥିଲା ସେ । ଯିବ ନ ଯିବର ବୁଢ଼ିଆଣୀ ଜାଲ ଭିତରୁ ମୁକୁଳି ସେ ପହଞ୍ଚିଯାଇଥିଲା ଜଜ୍‌ମାନଙ୍କ ସମ୍ମୁଖରେ । ସେମାନଙ୍କ ମଧ୍ୟରୁ କେହି ଜଣେ ତାକୁ ବସିବାକୁ କହିବାରୁ ସେ ହାତଯୋଡ଼ି ସମସ୍ତଙ୍କୁ ନମସ୍କାରଟିଏ ପକାଇଦେଇ ପାଖରେ ଥିବା ଶୂନ୍ୟ ଚେୟାରଟିରେ ବସିପଡ଼ିଥିଲା । ବିସ୍ଫାରିତ ନେତ୍ରରେ ସେ ପହଁରିଯାଇଥିଲା ଜଜ୍‌ମାନଙ୍କ ମୁଖମଣ୍ଡଳକୁ । ମାତ୍ର ପୂର୍ବ ପରିଚିତ ତଥା ତା' କର୍ତ୍ତୃକ ଲାଞ୍ଛିତ ବିଶ୍ୱକଲ୍ୟାଣର ସନ୍ଧାନ ନ ପାଇ ସେ ତଳକୁ ମୁହଁପୋତି ଦେଇଥିଲା ।

ପ୍ରଥମ ପ୍ରଶ୍ନ ତା' ସମ୍ମୁଖରେ ଥିଲା, ଜଣେ ଅଧ୍ୟାପକର ଯୋଗ୍ୟତା କ'ଣ ହେବା ଉଚିତ ? କେବଳ ଡିଗ୍ରୀ, ଯାହା ତମେ ହାସଲ କରିପାରିଛ । ପ୍ରଶ୍ନଟି କେଉଁଠୁ ଆସିଥିଲା, ଅନୁମାନ କରିପାରି ନ ଥିଲା ଅନୁ; ମାତ୍ର ହଡ଼ବଡ଼େଇ ନ ଯାଇ ସେ ଉତ୍ତର ଦେଇଥିଲା– ଛାତ୍ରଛାତ୍ରୀଙ୍କର ସବୁଠୁ କମ୍ ସମୟ ବ୍ୟୟ କରି ଯେ ଅଧିକ ଜ୍ଞାନ ବିତରଣ କରିପାରେ ଏବଂ ଖୁବ୍ କମ୍ ଶବ୍ଦ ମଧ୍ୟରେ ଜଟିଳ ପ୍ରଶ୍ନକୁ ସମାଧାନ କରିଦେଇପାରେ, ସେ ହିଁ ପ୍ରକୃତ ଅଧ୍ୟାପକ ପଦବାଚ୍ୟ ।

ଧନ୍ୟବାଦଟିଏ ଗମ୍ଭୀର କଣ୍ଠରେ ଶୁଣିଲା ପରେ ଦ୍ୱିତୀୟ ପ୍ରଶ୍ନ ତା' ସମ୍ମୁଖରେ ଥିଲା– ପ୍ରକୃଷ୍ଟ ଜ୍ଞାନ ଆମେ କେଉଁଠାରୁ ପାଇବା ? ପିତାମାତାଙ୍କଠାରୁ ନା ନିଜର ସୁହୃଦ ବନ୍ଧୁମାନଙ୍କଠାରୁ ? ବିନା ଦ୍ୱିଧାରେ ଅନୁ ଉତ୍ତର ଦେଇଥିଲା– ପୁସ୍ତକଠାରୁ ନିରପେକ୍ଷ ଜ୍ଞାନ ଆହରଣ କରାଯାଇପାରେ । କାରଣ ସେ ସମସ୍ତଙ୍କୁ ସମାନ ଭାବରେ ଜ୍ଞାନ ବିତରଣ କରିପାରେ । ଜ୍ଞାନକୁ ଅର୍ଜ୍ଜନ କରିବାକୁ ହୁଏ, ପୈତୃକ ସମ୍ପତ୍ତି ଭଳି ତାହା କାହାକୁ ମିଳିଯାଏ ନାହିଁ । ଜ୍ଞାନ ହେଉଛି ଦରିଦ୍ରର ସଂପଦ, ଧନୀର ସମ୍ମାନ, ଯୁବକ-ଯୁବତୀଙ୍କର ଭରସା ଓ ବୃଦ୍ଧାବସ୍ଥାର ଶାନ୍ତି ତଥା ସୁଖ ।

ତୃତୀୟ ପ୍ରଶ୍ନ ଅନୁ ସମ୍ମୁଖରେ ଥିଲା– ଆପଣ ଜାଣନ୍ତି ମିଛ ସୁଖ କେବେ ଧରାଦିଏନା, ସତ ଦୁଃଖ ହିଁ ମଣିଷର ବନ୍ଧୁ । ମଣିଷ

ମନର ଈଶ୍ୱର । ସେଭଳି ଈଶ୍ୱରରୂପୀ କୌଣସି ବ୍ୟକ୍ତି ଯଦି ଆପଣଙ୍କର ନିକଟତର ହୁଏ, ତେବେ ଆପଣ ତାକୁ ଦୂରକୁ ଫିଙ୍ଗିଦେବେ ନା ଆପଣେଇନେବେ ? ପ୍ରଶ୍ନଟି କେଉଁ ଅନ୍ତରତମ ପ୍ରକୋଷ୍ଠ ମଧ୍ୟରୁ ଆସିଲାଭଳି ଅନୁଭବ କଲା ଅନୀତା ଓରଫ୍ ଅନୁ । ସାମାନ୍ୟ ମାତ୍ର ମଥା ଟେକି ସେ ଚାରିଆଡ଼କୁ ଚାହିଁଥିଲା ଏବଂ ପୁନଶ୍ଚ ମଥାନତ କରି ସେ ପାଦ ଦ୍ୱାରା ଭୂମିକାରେ ଗାର ଟାଣିବାର ଅଭିନୟ କରିଥିଲା । ଛାତିରେ ଛନକା ପଶିଯାଇଥିଲା । ଆଖି ଛଳଛଳେଇ ଯାଇଥିଲା କେତେ ବୁନ୍ଦା ଉତ୍ତପ୍ତ ଲୁହର ଆକ୍ରମଣରେ । ମଥାରେ ସ୍ୱେଦ ବିନ୍ଦୁଗୁଡ଼ିକ ଚିକ୍ ଚିକ୍ କରି ଉଠିଥିଲା । ସାହସ ସଞ୍ଚୟ କରି ଅନୁ ଉତ୍ତର ଦେଇଥିଲା– ଏ ପ୍ରଶ୍ନର ସମାଧାନ କରିବା ପାଇଁ ଗୋଟାଏ ନାରୀ ପକ୍ଷରେ କିଛି ମାତ୍ର ସମୟର ଆବଶ୍ୟକତା ଅନିବାର୍ଯ୍ୟ । ତେବେ ମୋ ମତରେ ଧରା ଦେଉ ନ ଥିବା ମିଛ ସୁଖକୁ ଯେ ଆପଣେଇ ନିଏ, ତାକୁ ସାରା ଜୀବନ ଅନୁତାପ ବା ପଶ୍ଚାତ୍ତାପ କରିବାକୁ ହିଁ ପଡ଼ିଥାଏ । ଏଣୁ ସତ ଦୁଃଖକୁ ହିଁ ଗଳାର ମାଳ ରୂପେ ଗ୍ରହଣ କରିନେବା ଉଚିତ । ବହୁତ ବହୁତ ଧନ୍ୟବାଦ କହି ଜଜ୍‌ମାନେ ତାକୁ ବିଦାୟ ଦେଇଥିଲେ ଏବଂ ଖୁବ୍ ଶୀଘ୍ର ଫଳାଫଳ ତମ ଆଡ୍ରେସ୍‌ରେ ପହଞ୍ଚିବ ବୋଲି ଜଣାଇ ଦିଆଯାଇଥିଲା । ଚେୟାରରେ ଭରା ଦେଇ ବଡ଼ କଷ୍ଟରେ ଠିଆ ହୋଇଥିଲା ଅନୁ ଏବଂ ପୁନଶ୍ଚ ସେମାନଙ୍କ ଆଡ଼େ ଦୃଷ୍ଟି ନିକ୍ଷେପ କରି ପ୍ରଣାମ ଜଣାଇ ବାହାରକୁ ବାହାରି ଆସିଥିଲା ।

ସବୁ ଇତିହାସ ତ କେବେ ସ୍ମୃତି ହୋଇପାରେ ନାହିଁ ଏବଂ ସବୁ ସ୍ମୃତି ବି କେବେ ଇତିହାସ ହୋଇପାରେନି । ଯେଉଁ କଥା ଅମର ହୋଇ ରହେ– ଯେଉଁ କଥାରେ କିଛି ରହସ୍ୟ ଲୁକ୍‌କାୟିତ ହୋଇ ରହିଥାଏ, ତାହାହିଁ ସ୍ମୃତି । ତେବେ କଣ ବିଶୁଭାଇ ଅତି ନିକଟରେ ଥାଇ ମଧ୍ୟ ଏବେବି ତାଙ୍କ ଉପରେ ଅଭିମାନ କରିଛନ୍ତି । ଏବେବି ତାଙ୍କ ସହ ଛାଇ ଆଲୁଅର ଖେଳରେ ମାତି ରହିଛନ୍ତି । ଇତିହାସର ପୃଷ୍ଠାକୁ ଏବେବି ରୋମନ୍ଥନ କରୁଛନ୍ତି । ସେଦିନ କଲେଜରେ ଯଦି ମିନତୀ ତାଙ୍କ ନାଁ'ରେ ଗୁଡ଼ାଏ ମିଛସତ ବଖାଣି ନ ଥାନ୍ତା, ଗୋଟାଏ ଶିକ୍ଷାଦୀକ୍ଷାହୀନ ନିପଟ ମୂର୍ଖର ପରିଚୟ ଦେଇ ନ ଥା'ନ୍ତା ବା ଗୋଟାଏ ଛତରା ବା ଲୋଫର୍‌ର ବିଶେଷଣରେ ଭୂଷିତ କରି ନଥାନ୍ତା, ତେବେ ସେ କ'ଣ ତାଙ୍କୁ ଅପମାନିତ କରିଥା'ନ୍ତା ନା ଗୁଡ଼ାଏ ଆଜେବାଜେ ଗାଳିଗୁଲଜ କରି ତାଙ୍କଆଡୁ ମୁହଁ ଫେରାଇ ନେଇଥାନ୍ତା । ତାଙ୍କ ଗାଁ ପିଲା ଭାବରେ ମିନତୀ ତାଙ୍କର ଯେତିକି ନିକଟତର ଥିଲା, ତାଙ୍କୁ ଯେତିକି ଜାଣିଥିଲା, ସେତିକି କ'ଣ ସେ ଚିହ୍ନିପାରିଥିଲା ତାଙ୍କର ସ୍ୱଭାବ ଚରିତ୍ରକୁ । ଜଣେ ସଚ୍ଚା ପ୍ରେମିକା କ'ଣ କେବେ ବରଦାସ୍ତ କରିପାରେ ତା'ପ୍ରେମିକାର ଚରିତ୍ର ସ୍ଖଳନକୁ । ଯେଉଁଦିନ ମିନତି କହିଥିଲା ଯେ ସେଭଳି ପୁରୁଷଙ୍କ ନାମରେ, ବିଭିନ୍ନ ଯୌନ ନିର୍ଯାତନାର କଳଙ୍କିତ ଛିଟା ଲାଗିଛି । ତାଙ୍କରି ଯୋଗୁଁ ଗାଁର ଝିଅବୋହୂମାନେ ନଦୀକୁ ଗାଧୋଇ ଯିବାପାଇଁ ପ୍ରମାଦ ଗଣିଲେଣି । ବଜାର ହାଟକୁ ତ ବାହାରିପାରୁ ନାହାନ୍ତି । ସେଦିନଠୁଁ ଅନୁ ହରାଇବସିଥିଲା ନିଜର ଭାରସାମ୍ୟ । ସବୁଦିନ ପାଇଁ ଦୂରେଇ ଯିବାର ସିଦ୍ଧାନ୍ତରେ ପହଞ୍ଚି ଦୀର୍ଘ ଚିଠିରେ ସମସ୍ତ ଅପମାନ ଓ ଲାଞ୍ଛନାକୁ ଢାଳି ଦେଇ ଆଉ ସାକ୍ଷାତ୍ ହେବନାହିଁ ବୋଲି ପ୍ରତିଜ୍ଞା କରିନେଇଥିଲା । ଆଉ ଆଜି ସେହି ବିଶ୍ୱକଲ୍ୟାଣ କ'ଣ ଏ କଲେଜରେ ଡିପାର୍ଟମେଣ୍ଟ ମୁଖ୍ୟ ହୋଇପାରେ, ଏ ବିଶ୍ୱାସ ତା'ର ହେଉ ନଥିଲା । ତେବେ ମିନତି କ'ଣ ସେଦିନ ତା'ର ହୃଦୟେଶ୍ୱର ବିଶୁଭାଇଙ୍କ ନାଁ'ରେ ମିଥ୍ୟା ରଚନା କରିଥିଲା । କେଉଁ ସ୍ୱାର୍ଥ ତା'ର ଏଥିରେ ନିହିତ ଥିଲା । ମିନତି କ'ଣ ତାଙ୍କୁ.... ନା, ଏହା ସଂପୂର୍ଣ୍ଣ ଅସମ୍ଭବ । ବିଶୁଭାଇ ଥିଲା ତା'ର ଏକାନ୍ତ ନିଜର, ସଂପୂର୍ଣ୍ଣ ଆପଣାର ।

ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲା ଅନୁ । ମଥା ତା'ର ବାତଚକ୍ର ଭଳି ଘୂରି ଯାଉଥିଲା । ପାଦକୁ ପାଦ ଛନ୍ଦି ହୋଇ ସେ ପଡ଼ିଯିବା ଭଳି ଅନୁଭବ କରି ବାହାର କରିଡରରେ ପଡ଼ିଥିବା ଚେୟାର ଉପରେ ଲଥ୍ କରି ବସିପଡ଼ିଥିଲା । ପିଅନକୁ କହି ପାଣି ଗ୍ଲାସେ ଆଣି ପିଇଥିଲା । ଭାବୁଥିଲା, ବିଶ୍ୱକଲ୍ୟାଣଙ୍କ ସଂପର୍କରେ କିଛି ପିଅନକୁ ପଚାରିବ; କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା ତା'ର ବ୍ୟସ୍ତତା ଯୋଗୁଁ । କିଛି ସମୟ ବସିଲା ପରେ ତା'ର ଦୂରସଂପର୍କୀୟ ମଉସା ଆସି ତାକୁ ସ୍କୁଟରରେ ନେଇଯାଇଥିଲେ ଶେଖବଜାରରସ୍ଥ ନିଜ ଭଡ଼ା ଘରକୁ, ଯାହାକି ପୂର୍ବ ନିର୍ଦ୍ଧାରିତ ଥିଲା । ମାଉସୀଙ୍କର ବିଭିନ୍ନ ବାକ୍ୟବାଣରେ ଅତିଷ୍ଠ ହୋଇ ଉଠିଥିଲା ଅନୁ । ଘରଠାରୁ ଆରମ୍ଭ କରି ପରୀକ୍ଷା କେମିତି ହେଲା, କ'ଣ ପଚାରିଲେ ଆଦି ସମସ୍ତ ପ୍ରଶ୍ନର ବାଧ୍ୟ ଛାତ୍ରୀଟିଏ ଭଳି ଉତ୍ତର ଦେଇ ଥକିପଡ଼ିଥିଲା ଅନୁ । ଭାବିଥିଲା ଡିପାର୍ଟମେଣ୍ଟ ହେଡ୍‌ଙ୍କ ସମ୍ବନ୍ଧରେ ମଉସାଙ୍କୁ କିଛି ପଚାରି ବୁଝିବ ବୋଲି; ମାତ୍ର ମାଉସୀଙ୍କ ବକରବକର ହେତୁ ତାହା ବି ସମ୍ଭବ ହୋଇପାରି ନ ଥିଲା ।

ମାଉସୀଙ୍କ ଅନୁମତି ନେଇ ସେ ଶୋଇବାଘରକୁ ଚାଲିଯାଇଥିଲା ସତ; ହେଲେ ନିଦ ଆସି ନ ଥିଲା । ଖଟଟାରେ ପଡ଼ି ଖାଲି ଏପଟସେପଟ ହେଉଥିଲା । ମାଉସୀ ହାଇଟିଏ ମାରି ମଉସାଙ୍କୁ କହୁଥିଲେ, ଦେଖ ତମର ପରା କଲେଜରେ କିଏ ଜଣାଶୁଣା ଅଛନ୍ତି ବୋଲି କହୁଥିଲ, ତାଙ୍କୁ ଟିକିଏ କହି ପିଲାଟିର ଚାକିରିଟା କରାଇଦେଉନ । ବିଚାରୀ ଦୁଃଖିନୀଟିଏ । ପିଲାବେଳେ ଚୁଲ୍‌ବୁଲୀଟିଏ ଥିଲା । କିନ୍ତୁ ଯେଉଁଦିନଠୁ ତା'ର ବାହାଘର ଭାଙ୍ଗିଗଲା । ବାଉଁଅ ପାଣିରେ ଗାଧୋଇ ସାରିଲା ପରେ ବର

ବାହାବେଦୀ ନିକଟକୁ ନ ଆସି କେଉଁ ଛତିରୀ ଟୋକୀକୁ ନେଇ ପଳାଇଗଲା, ସେହିଦିନଠୁ ସେ ଏକପ୍ରକାର ଅର୍ଦ୍ଧ ପାଗଳୀ । ସେହି ଦୁଃଖରେ ତା' ବାପା ପରପାରିକୁ ଚାଲିଗଲା । ଭାଇମାନେ ଥାଇ ବି ନ ଥିଲା ପରି । ତାକୁ ଯିଏ ଯେତେ ବୁଝାଇଲେ ବି ତା'ର ଏକା ଜିଦ୍ ଯେ ସେ ଆଉ ବିବାହ କରିବନି । କଲେଜରେ ପଢ଼ିଲା ବେଳେ ଥରେ କୋଉ ଟୋକାକୁ ମନ ଦେଇଥିଲା ଯେ, ସେ ଲଫଙ୍ଗା ତାକୁ ପର କରିଦେଇ କୁଆଡ଼େ ନିରୁଦ୍ଦିଷ୍ଟ ହୋଇଗଲା । ଆଉଥରେ ଜୀବନରେ ଅବଗୁଣ୍ଠନବତୀ ସାଜି ବେଦୀ ମୁହଁ ଦେଖିବା ପୂର୍ବରୁ ମଙ୍ଗୁଳି ହୋଇ କନ୍ୟାକୁମାରୀ ସାଜି ରହିଗଲା; ମାତ୍ର ବରବେଶୀ ମହାଦେବ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ସମସ୍ତଙ୍କ ନଜରରେ ଅପବିତ୍ରା କୁଳଟା ପାଲଟିଗଲା । ସେହିଦିନଠୁ ତାକୁ ଯିଏ ଯେତେପ୍ରକାର ବୁଝାଇଲେ ବି ତା'ର ଗୋଟିଏ କଥା ପର ଘରେ କାମ କରି ସେ ନିଜ ପେଟ ପୋଷିବ ପଛକେ ଆଉ ସେ ପୋଡ଼ା ବେଦୀ ମୁହଁ ଚାହିଁବନି କି କାହାର ବିଭାଘରରେ ମଧ୍ୟ ସେ ବରକନ୍ୟାଙ୍କୁ ନିଜର ଅଲାଜୁକୀ, ଅମଙ୍ଗଳୀ, ଅପବିତ୍ରା, ଅଭିଶପ୍ତା ମୁହଁ ଦେଖାଇବନି । ବିଚାରୀ ସେବେଠୁ ସେ ସମୁଦ୍ର ହୋଇ ବହିଚାଲିଛି ନିରବଧି, ନା କୂଳରେ ଲାଗିପାରୁଛି ନା ଅକୂଳରେ କାହାର ଆଶ୍ରିତା ହୋଇପାରୁଛି ।

ସବୁ ଶୁଣି ନ ଶୁଣିଲା ପରି ମଉସା ଘର ଭିତରକୁ ଚାଲିଯାଇଥିଲେ ଏବଂ କିଛି ନ ଶୁଣି ବହୁତ କିଛି ଶୁଣିଲା ପରି ବକ୍ଷଭିଜା ଗଙ୍ଗା ଯମୁନାର ଧାରା ଗଡ଼ି ଚାଲିଥିଲା ଅନୁର ଚକ୍ଷୁଦ୍ୱୟରୁ । ଯାହା ସେ ଭାବିଛି ବା ଯେଉଁ ଭୀଷ୍ମ ପ୍ରତିଜ୍ଞାରେ ସେ ପ୍ରତିବଦ୍ଧ, ତାହା କ'ଣ ଭୁଲ୍ ନିଷ୍ପତ୍ତି । ଜଣକୁ ହାତ ମୁଠାରେ ପାଇ ସେ ହରାଇ ବସିଛି, ଆଉ ଜଣକୁ ପାଇବା ଆଶାରେ ସେ ନିରାଶା ହୋଇଛି, ତା' ହୃଦୟରେ ଶେଳବିଦ୍ଧ କରି ସେ ତାକୁ ନର୍କ କୁଣ୍ଡରେ ଫିଙ୍ଗିଦେଇ ଚାଲିଯାଇଛି, ତେବେ ସେ କେତେଦିନ ପର୍ଯ୍ୟନ୍ତ ଯୌବନର ନିଆଁରେ ଏମିତି ନିଜକୁ ଆହୁତି ଦେଇ ଚାଲିଥିବ, କେତେଦିନ ପର୍ଯ୍ୟନ୍ତ ଚାଞ୍ଚଲ୍ୟକର ଯୌବନର ଜୁଇରୁ ନିଜକୁ ମୁକୁଳାଇ ରଖିପାରିବ । କେତେଦିନ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତର କଠିନତାକୁ ସମ୍ମୁଖୀନ ହେବ । ନା, ଆଉ ପାରିବନି । ଦୁନିଆ ଦୁଆରେ ସେ ସବୁବେଳେ ଏହିଭଳି ପରାଜୟ ହିଁ ପରାଜୟ ବରଣ କରି ଚାଲିଛି ।

ଏ ସମାଜରେ ତ ରୂପର ମୂଲ୍ୟ ଖୁବ୍ ଶୀଘ୍ର କମିଯିବ, ଆଉ ଗୁଣର ମୂଲ୍ୟ ଖୁବ୍ କମ୍ ଲୋକ ଦେଇଜାଣନ୍ତି । ଅର୍ଥସର୍ବସ୍ୱ ସମାଜରେ ଶୂନ୍ୟ ହସ୍ତ, ଭଗ୍ନମନ ନେଇ କାହା ଦ୍ୱାରରେ କେତେଦିନ ପର୍ଯ୍ୟନ୍ତ ଏହିଭଳି ଭିକାରୁଣୀଟିଏ ହୋଇ ପଡ଼ିରହିବ ? ବହୁ ଚେଷ୍ଟା କରି ସେ ଆଦୌ ଶୋଇପାରି ନ ଥିଲା । ଗୁଡ଼ାଏ ଦୁଃଖର ପସରା ତା'ଠାରୁ ନିଦ୍ରାଦେବୀଙ୍କୁ ଦୂରେଇ ଦେଇଥିଲା । ଯେଉଁମାନେ ଅନ୍ୟର ଦୁଃଖକୁ ନିଜର ଭାବନ୍ତି, ସେମାନେ ଜୀବନସାରା ଶୋଇପାରନ୍ତିନି । ସେମାନେ ନ ଶୋଇ ସର୍ବଦା ଉଦ୍ୟମରେ ରହିଥା'ନ୍ତି; ମାତ୍ର ସେ ନିଜର ଦୁଃଖକୁ କାହା ଆଗରେ ବାଣ୍ଟି ନ ପାରି ଶୋଇପାରୁନି । ନିଜ ଶରୀରରେ ଘଟି ଚାଲିଥିବା ମହାଭାରତର ରକ୍ତ ସଂଘର୍ଷକୁ ସେ ଲିଭାଇପାରୁନି । ନା, ଆଉ ସେ ଭାବିବନି । ଏଣିକି ସନ୍ନ୍ୟାସିନୀଟିଏ ସାଜି କେଉଁ ମଠ କି ମନ୍ଦିରରେ ମୀରାବାଈ ପାଲଟିଯିବ । ରାତି ପାହିଲେ ସେ ଗାଁ'କୁ ଫେରିଯିବ ।

ସପ୍ତାହକ ପରେ ସେ ଆଗାମୀ ୧୦ ତାରିଖରେ କଲେଜରେ ଜଏନ୍ କରିବା ପାଇଁ ଆପଏଣ୍ଟମେଣ୍ଟ ଲେଟର ପାଇ ସଙ୍ଗେ ସଙ୍ଗେ ଗାଁ'ମୁଣ୍ଡ ମନ୍ଦିରକୁ ଧାଇଁ ଯାଇଥିଲା ନିଜ ସୁଖରେ ସମଭାଗୀ କରିବା ପାଇଁ ପ୍ରତ୍ୟକ୍ଷ ଦେବୀଙ୍କୁ । ପୂଜାରୀଙ୍କଠାରୁ ଛଡ଼ାଫୁଲ ଆଣି ସେ ମଥା ଓ ହୃଦୟରେ ଲଗାଇଥିଲା । ସମସ୍ତ ଦୁଃଖ କଳାରାତିର ଆବରଣ ପରିତ୍ୟାଗ କରି ସେ ପୁନଶ୍ଚ କଟକ ଯିବା ପାଇଁ ପ୍ରସ୍ତୁତ ହୋଇଥିଲା । କଲେଜରେ ପହଞ୍ଚି ପ୍ରିନ୍‌ସପାଲଙ୍କୁ ସାକ୍ଷାତ୍ କରି ସେ ଡିପାର୍ଟମେଣ୍ଟ ହେଡ୍ ବିଶ୍ୱକଲ୍ୟାଣବାବୁଙ୍କ ନିକଟକୁ ଯାଇଥିଲା ସାକ୍ଷାତ୍ ଉଦ୍ଦେଶ୍ୟରେ । ଅଥଚ ସେ କଲେଜରେ ନ ଥିଲେ । ପିଅନ ଆସି ତାଙ୍କୁ ନମସ୍କାରଟିଏ ପକାଇ କହିଥିଲା– ''ମାଡାମ୍ ବିଶ୍ୱକଲ୍ୟାଣ ସାର୍ ତିନିଦିନ ପାଇଁ ଅସୁସ୍ଥତା ହେତୁ ଛୁଟିରେ ଅଛନ୍ତି । ଆପଣ ମୋ ସହିତ ଆସନ୍ତୁ, ତାଙ୍କ କ୍ୱାର୍ଟରରେ ମୁଁ ଆପଣଙ୍କୁ ସାକ୍ଷାତ୍ କରାଇଦେବି, ଆପଣଙ୍କ ଡିଉଟି ଚାର୍ଟ ନେଇଆସିବେ ।

ମଥାରେ ଚଡ଼କଟିଏ ପଡ଼ିଲା ଭଳି ଅନୁଭବ କରିଥିଲା ଅନୁ । ଛାତି ଭିତରଟା ନିଶ୍ୱାସ ପ୍ରଶ୍ୱାସର ସଂଘର୍ଷରେ କୋରି ହୋଇଯାଇଥିଲା ତାର । କି ପ୍ରକାର ବ୍ୟବହାର ସେ ଦେଖାଇବେ ଏବଂ କ'ଣ କହି ତାଙ୍କୁ ସମ୍ବୋଧନ କରିବେ ସିଦ୍ଧାନ୍ତରେ ପହଞ୍ଚି ପାରି ନ ଥିଲା ସେ । ପିଅନ କଲିଂବେଲ୍ ଟିପି ଦେଇ ଅନୁକୁ ଡ୍ରଇଁରୁମ୍‌ରେ ବସାଇ ପଙ୍ଖା ଚାଲୁ କରିଦେଇ ଚାଲିଆସିଥିଲା । ଡ୍ରଇଁ ରୁମ୍‌ରେ ଅସଜଡ଼ା, ଅବିନ୍ୟସ୍ତ ହୋଇପଡ଼ିଥିବା ମିନି ଲାଇବ୍ରେରୀଟିକୁ ଦେଖି ସେ ବୀତସ୍ପୃହ ହୋଇଯାଇଥିଲା । ସବୁଠୁ ବେଶି ବିସ୍ମିତ ଓ ସ୍ତମ୍ଭୀଭୂତ ହୋଇଯାଇଥିଲା କାନ୍ଥରେ ଝୁଲୁଥିବା ସୁଦୃଶ୍ୟ କାଚ ବନ୍ଧାଇ ହାତବୁଣା ଧଳା ରୁମାଲଟିକୁ ଦେଖି, ଯେଉଁଥିରେ କେବଳ ଲେଖାଥିଲା, 'with love,A', ଯାହା ଏକ ବିଶେଷ ମୁହୂର୍ତ୍ତରେ ସେ ତାଙ୍କୁ ଉପହାର ଦେଇଥିଲା । ସନ୍ଦେହର ସୂତ୍ର ଛିନ୍ନ ହୋଇଥିଲା ଯେ ଏ ବିଶ୍ୱକଲ୍ୟାଣ ମିଶ୍ର ପ୍ରକୃତରେ କିଏ ? ଅତୀତର ଛିନ୍ନ ପୃଷ୍ଠାଗୁଡ଼ିକ ଆପଣାଛାଏଁ ଯୋଡ଼ି ହୋଇଯାଇ ପୁଣି ଛିଡ଼ିଯାଉଥିଲା । ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା ଅନୁର । ସେହି ରୁମାଲ ଉପରେ ଦୃଷ୍ଟି ନିବଦ୍ଧ ହୋଇ ରହିଯାଇଥିଲା । ମନେ ମନେ ମିନତୀକୁ ଖୁବ୍ ଧିକ୍‌କାର କରିଥିଲା । ଜଣେ

ମହାମାନବ ମହାପୁରୁଷଙ୍କୁ ସେ ନୀଚଧର୍ମୀ କାଳପୁରୁଷରେ ସଜାଇଦେଲା କେଉଁ ଉଦ୍ଦେଶ୍ୟରେ । ତେବେ ସେ କ'ଣ... ତାଙ୍କର ଭାବନାର ଅନ୍ତ ଘଟାଇ ଭିତର ଘରୁ ଚାରି ପାଞ୍ଚବର୍ଷର ଶିଶୁଟିଏ ମମି ମମି ଡାକି ଆସି ତାକୁ କୁଣ୍ଢାଇ ପକାଇଥିଲା । ଚୁମା ପରେ ଚୁମା ବର୍ଷି ଯାଇଥିଲା ତା'ର ଗଣ୍ଡଦେଶରେ । ଗୁଲୁରୁ ଗୁଲୁରୁ କଥାରେ କହିଥିଲା, ତମେ ଏତେଦିନ କୁଆଡ଼େ ଯାଇଥିଲ ମମି ।

ଅନୁ ତାକୁ କୋଳେଇ ନେଇ ପଚାରିଥିଲା, ''ତମ ନାଁ କ'ଣ ? ଶିଶୁଟି କିଛିକ୍ଷଣ ଅନୁର ମୁହଁକୁ ଚାହିଁ କୋଳରୁ ବାହାରିଆସି କହିଥିଲା, ତମେ କ'ଣ ମୋ ମମି ନୁହଁ ? ଏତେଦିନ ବାହାରେ ରହି ମୋ ନାଁ ବି ଭୁଲିଗଲଣି ? ନା, ତମେ ମୋ ମମି ହୋଇ ନ ପାର । ତମେ ମୋ.... କହି ପୁଣି ଭିତରକୁ ଦଉଡ଼ି ଚାଲିଯାଇଥିଲା । ଜଣେ ପ୍ରୌଢ଼ା ତାକୁ କୋଳେଇ ନେଇ ଡ୍ରଇଁରୁମ୍‌କୁ ଆସିଥିଲେ । ଅନୁ ତାଙ୍କୁ ପ୍ରଣାମ ଜଣାଇ ପଚାରିଥିଲା, ଇଏ କ'ଣ ବିଶ୍ୱକଲ୍ୟାଣ ସାର୍‌ଙ୍କ ପୁଅ ? ହଁ ରେ ମା, ଇଏ ମୋ ବିଶୁର ପୁଅ । ତମକୁ ଯଦି କିଛି ଦୁଃଖ ଦେଇଥାଏ, ତେବେ.... ନାଇଁ ମା, ସେ କାହିଁକି ମୋତେ କିଛି ଦୁଃଖ ଦେବ ? ଛୋଟ ପିଲାଟିଏ, କ'ଣ ବା ସେ ଜାଣିଛି ? ଆଚ୍ଛା, ସାର୍ ନାହାନ୍ତି କି ? ଚଟାପଟ୍ ଶିଶୁଟି ଜେଜୀମା କୋଳରୁ ଡେଇଁପଡ଼ି ଭିତରକୁ ଡାଡି ଡାଡି ଡାକି ଧାଇଁ ଯାଇଥିଲା । ଇତ୍ୟବସରରେ ଅନୁ ପଚାରିଥିଲା– ମାଆ ! ତା'ମମି କ'ଣ ଏଠାରେ ରହୁନାହାନ୍ତି କି ?

ନାଇଁରେ ମା', ତା' ମମି କୌଣସିଠାରେ ବି ନାହିଁ । ସବୁବେଳେ ତାକୁ ଝୁରି ଝୁରି ପିଲାଟା କଣ୍ଟା ହେଲାଣି । ଆମେ ତାକୁ ଖାଲି ଗୁଡ଼ାଏ ମିଛ କହୁଛୁ, ଯେ ସେ ବାହାରେ ଚାକିରି କରୁଛି, ତା'ର ଛୁଟି ନାହିଁ । ଏଣୁ ସେ ଏଠାକୁ ଆସିପାରୁନାହିଁ । ତାକୁ ଛୁଟି ମିଳିଲେ ସେ ଆସି ତାକୁ ପାଖକୁ ନେଇଯିବ – ନିଜ ପଣତକାନିରେ ଛଳଛଳ ହୋଇଆସିଥିବା ଲୁହକୁ ପୋଛିନେଇ କହିଥିଲେ ବିଶୁର ମା' ।

ନିଜର ଉଦ୍‌ଗତ ଲୁହକୁ ପୋଛି ନେଇ ଅନୁ ପଚାରିଥିଲା, ତେବେ ସେ କ'ଣ କୁଆଡ଼େ.... ଛଅମାସ ହେବ ସେ ଆମମାନଙ୍କୁ ପର କରି ଏ ଦୁନିଆରୁ ବିଦାୟ ନେଇଯାଇଛି । ତା' ଅନୁପସ୍ଥିତିରେ ଏ ଘର ଆଉ ଘର ହୋଇନାହିଁ । ବିଶୁଟା ପାଗଳ ଭଳି ସବୁବେଳେ ଗୁମ୍ ମାରି ବସି ରହୁଛି । ଘରର ଆସବାବ ସବୁ ତା' ଅନୁପସ୍ଥିତିରେ ଖୁବ୍ ବିଶୃଙ୍ଖଳିତ ହୋଇପଡ଼ିଛନ୍ତି । ଏଇ ଦେଖୁନ୍ତୁ, ଏଠାରେ ବହିଗୁଡ଼ିକ କେମିତି ଛିନ୍ନଭିନ୍ନ ହୋଇପଡ଼ିଛନ୍ତି । ମୁଁ ତ ବୁଢ଼ୀଲୋକ, ଦିଇଟା ରୋଷେଇ କରି ଦେବାର କ୍ଷମତା ନାହିଁ, ଯାକୁ ସବୁ ସଜାଡ଼ି ରଖିବି କେତେବେଳେ । ସେଥିରେ ପିଲାଟା ମମି ମମି ବୋଲି ଚିତ୍କାର କରି ବେଳେବେଳେ ଏମିତି କାନ୍ଦୁଛି ଯେ, ତାକୁ ବୁଝାଇବା ବଡ଼ କଷ୍ଟକର ହୋଇପଡୁଛି । ମତେ ଯାହା ଯମ ନ ନେଉଛି, ଏ ଦୁଃଖ ଦେଖିବାକୁ ଖାଲିପଡ଼ି ରହିଛି । ଏ ପରିଣତ ବୟସରେ ଏଭଳି ଦୁଃଖ ପାଇବି ବୋଲି ମୁଁ କେବେ ଭାବି ବି ପାରି ନ ଥିଲି । ଏହି ସମୟରେ ପିଲାଟିର କାନ୍ଦଣା ଖୁବ୍ ଜୋର୍‌ରେ ଶୁଭିଥିଲା । ବୁଢ଼ା ଚିତ୍କାର କରି ଡାକିଥିଲେ– ପ୍ରେମ, ଦେଖିବୁ ଆସ କିଏ ଆସିଛନ୍ତି । କିନ୍ତୁ ପ୍ରେମର କାନ୍ଦର ଲହରୀ ଆହୁରି ତରଙ୍ଗାୟିତ ହୋଇ ଉଠିଥିଲା । ମା' କହିଥିଲେ– ନା, ସେ ଆଉ ଚୁପ୍ ହେବନି । ବିଚରା ବିଶୁର ଦେହ ଖରାପ, ଶାନ୍ତିରେ ଟିକେ ସେ ଶୋଇପାରିବନି । ଆ, ମା' ଘର ଭିତରକୁ ଆ, ତାକୁ ଟିକେ ନ ବୁଝେଇଲେ ଏଇନେ ସେ ବହୁତ ହଇରାଣ କରିବ କହି ଝପଟି ଚାଲିଯାଇଥିଲେ ଭିତରକୁ ।

ପାଦ ଚିପି ଚିପି ଭିତରକୁ ପ୍ରବେଶ କରିଥିଲା ଅନୁ । ଦେଖିଲା ପଲଙ୍କ ଉପରେ ବିଶୁବାବୁ ଗୋଟାଏ ଚଦର ଘୋଡ଼ି ହୋଇ ଶୋଇଛନ୍ତି ଏବଂ ଚଟାଣରେ ବସି ପିଲାଟି ରାହା ଧରି କାନ୍ଦିଚାଲିଛି । ଅନନ୍ୟୋପାୟ ହୋଇ ଅନୁ ଡାକିଥିଲା– ପ୍ରେମ, ଆ' ମୋ ପାଖକୁ ଆ । ତୋର ଯାହା ଦରକାର ମୁଁ ଦେବି କହି ହାତ ବଢ଼ାଇ ଦେଇଥିଲା ଅନୁ ଏବଂ ବିନା ଦ୍ୱିଧାରେ ପ୍ରେମ ତା' କୋଳକୁ ଡେଇଁପଡ଼ି ମୁହଁ ଗୁଞ୍ଜି ଦେଇଥିଲା ତା'ର ଛାତିରେ । ଅନୁ ତା' ଗଣ୍ଡଦେଶରେ ଚୁମା ପରେ ଚୁମା ଆଙ୍କିଦେଇଥିଲା ।

ତତ୍‌କ୍ଷଣାତ୍ ଜ୍ୱଳନ୍ତ ଅଗ୍ନିରେ ଥଣ୍ଡା ଜଳଗୁଡ଼ାଏ ସିଞ୍ଚିଦେଲା ପରି ପ୍ରେମର ଆଖିରୁ ଯେତିକି ଲୁହ ନ ବହିବା କଥା ତା'ଠୁ ଅଧିକ ଲୁହ ବହିଯାଇ ହସର ସୀମା ସରହଦ ଭିତରକୁ ପ୍ରବେଶ କରିଯାଇଥିଲା । ନାକ ଆଖିରୁ ବହି ଚାଲିଥିବା ଜଳଧାର ଅନୁର ଶାଢ଼ୀ କାନିରେ ଭିଜିଯାଇଥିଲା । ଆଉ ତାକୁ କୋଳରୁ ନ ଓହ୍ଲାଇବାର ଉପକ୍ରମ କରି ସେ ଯାଇଥିଲା ବିଶୁଭାଇଙ୍କ ନିକଟକୁ । ଶ୍ମଶ୍ରୁଯୁକ୍ତ ମୁଖମଣ୍ଡଳକୁ ଦେଖି ଦୁଃଖଭାରରେ ନଇଁପଡ଼ିଥିଲା ତାଙ୍କ ନିକଟରେ । ମଥାରେ ହାତ ମାରି ଜାଣିଥିଲା ଯେ ତାଙ୍କୁ ବହୁତ ଜ୍ୱର । ପାଣି ପଟିଟିଏ କରି ତାଙ୍କ ମଥାରେ ପକାଇ ଦେଇଥିଲା । ଆଖି ଖୋଲି ନିଦୁଆ ଆଖିରେ ଥରେ ଚାହିଁ ଦେଇଥିଲା ବିଶ୍ୱ କଲ୍ୟାଣ ଅନୁର ଦରଦୀ ମୁହଁକୁ ଏବଂ ତା'ର ହାତକୁ ନିଜର ପାପୁଲିରେ ମୁଠାଇ ଧରିଥିଲା । ସମସ୍ତ ଦୁଃଖକଷ୍ଟ ଯେମିତି କୁଆଡ଼େ ଉଭେଇ ଯାଇଥିଲା ବିଶ୍ୱକଲ୍ୟାଣର ଉଷୁମ ହାତର ପାପୁଲି ଭିତରେ ଅନୁର ଶୀତଳ ନରମ ପାପୁଲି ଦ୍ୱୟର ସଂସ୍ପର୍ଶରେ ।

***ଉଦୟପୁର, ଦଶରଥପୁର, ଯାଜପୁର***

# ଶ୍ରଦ୍ଧାର ସହ ସେବା

■ ଡଃ. ବିଜୟଚନ୍ଦ୍ର ମହାରଣା

ଗୁରୁ ସଦାନନ୍ଦ । ତାଙ୍କ ପାଖରେ ଅନେକ ଶିଷ୍ୟ ଥିଲେ । ଗୁରୁଙ୍କ ସବୁଠାରୁ ପ୍ରିୟ ଶିଷ୍ୟ ଥିଲେ ପୁଷ୍କର । ସେ ସର୍ବଦା ଗୁରୁଙ୍କ ପାଖରେ ଛାଇ ଭଳି ରହୁଥିଲେ । ନିଜର ସୁଖଦୁଃଖକୁ ଭୁଲି ଗୁରୁଙ୍କୁ ସେବା କରି ଆସୁଥିଲେ । ଅନ୍ୟ ଶିଷ୍ୟମାନେ ଭାବୁଥିଲେ, ଗୁରୁଙ୍କ ଅନ୍ତେ ପୁଷ୍କର ହିଁ ଆଶ୍ରମର ଦାୟିତ୍ୱ ବହନ କରିବେ ।

ଗୁରୁ ସଦାନନ୍ଦ ଶେଷ ସମୟରେ ଉପନୀତ ହୋଇଗଲେ । ଗୁରୁ ପରବର୍ତ୍ତୀ ତତ୍ତ୍ୱାବଧାରକଙ୍କ ନାମ ଖୋଜିବାକୁ ଲାଗିଲେ । ଗୁରୁ ଜାଣିଥିଲେ ଯେ ଅନେକ ଶିଷ୍ୟ ତାଙ୍କ ପରେ ତତ୍ତ୍ୱାବଧାରକ ହେବାପାଇଁ ଆଗ୍ରହୀ । ଯଦି ଗୁରୁ ଜଣେ କାହାକୁ ଚୟନ ନ କରି ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ପରେ ଆଶ୍ରମରେ ବହୁତ ରାସ୍ତାରୋକ ହେବ। ତେଣୁ ସେ ଦିନେ ସନ୍ଧ୍ୟାରେ ଜଣେ ଶିଷ୍ୟକୁ ଆଶ୍ରମର ତତ୍ତ୍ୱାବଧାରକ ଭାବେ ଘୋଷଣା କଲେ । ଏଥିରେ ଅନେକ ଶିଷ୍ୟ ମନେ ମନେ ଅସନ୍ତୁଷ୍ଟ ଥିଲେ । ଶିଷ୍ୟମାନେ ପୁଷ୍କରଙ୍କ ନିକଟକୁ ଆସି କହିଲେ– ''ଦେଖ ! ଗୁରୁ ତୁମ ସହିତ ସବୁଠାରୁ ଅଧିକ ଅନ୍ୟାୟ କଲେ । ତୁମେ ତାଙ୍କ ପାଇଁ କ'ଣ ନ କରିଛ ବା ନ କରୁଛ ? ହେଲେ ତା' ପ୍ରତିବଦଳରେ ତୁମେ ପାଇଲ କ'ଣ ? ତୁମେ ତାଙ୍କ ଲାଗି ସବୁଠାରୁ ଅଧିକ ତ୍ୟାଗ କରିଛ । କିନ୍ତୁ ଲାଭ କ'ଣ ହେଲା ? ଆଶ୍ରମର ଯିଏ ତତ୍ତ୍ୱାବଧାରକ ହେବ ତୁମେ ତା'ର ବି ବୋଲହାକ କରି ଦିନ କାଟିବ ।''

ଏହାଶୁଣି ପୁଷ୍କର କହିଲେ– ''ଆପଣମାନଙ୍କ ଭଳି କ୍ଷୁଦ୍ରମନା ମୁଁ କେବେ ବି ଦେଖିନାହିଁ । ମୁଁ ଗୁରୁଙ୍କ ସେବା କରୁଛି କେବଳ ମନରେ ଶ୍ରଦ୍ଧା ଭାବ ଥିବା ହେତୁ, ଯେଉଁଠି ଶ୍ରଦ୍ଧାର ସହିତ କିଛି କରାଯାଏ, ସେଠି ତୁମେ କ'ଣ ତ୍ୟାଗ କଲ ବା କ'ଣ ହରାଇଲ ବା କ'ଣ ପାଇବା କଥା ପାଇଲ ନାହିଁ । ଏସବୁର ହିସାବ ରଖାଯାଏନା । ତେଣୁ ମୁଁ ବି ସେ ହିସାବ ରଖିନାହିଁ । ଗୁରୁ ଯାହାକୁ ତତ୍ତ୍ୱାବଧାରକ ନିଯୁକ୍ତ କରିଛନ୍ତି ସେ ହେବ ଆଶ୍ରମର ମୁଖ୍ୟ । ତେଣୁ ତାଙ୍କ ବୋଲ ମାନିବାରେ ମୋର କୌଣସି ସମସ୍ୟା ନାହିଁ । ଆପଣମାନଙ୍କ ପାଖରେ ଶ୍ରଦ୍ଧା ନାହିଁ ବୋଲି ଆପଣ ଏତେ ହିସାବ-ନିକାଶ କରୁଛନ୍ତି । ଥରେ ମନରେ ଶ୍ରଦ୍ଧା ଭାବ ଆସିଗଲେ ହିସାବ-ନିକାଶ କରିବାର ଅବକାଶ ରହିବ ନାହିଁ ।''

ଆଶ୍ରମର ଶିଷ୍ୟମାନେ ପୁଷ୍କରଙ୍କ କଥାଶୁଣି ଚୁପ୍ ରହି, ତାଙ୍କୁ ହିଁ ପରବର୍ତ୍ତୀ ତତ୍ତ୍ୱାବଧାରକ ଭାବରେ ମାନିନେଲେ ।

***ବାଲିପଦର, ଗଞ୍ଜାମ***

# ଆ ଲୋ କ

■ ଜୟଶ୍ରୀ ଦାସ

ବାରମ୍ବାର ସସ୍ମିତାଙ୍କ କର୍ଣ୍ଣରେ 'ମାଧବ ହେ ମାଧବ' ଗୀତଟି ପ୍ରତିଧ୍ୱନିତ ହେଉଥିଲା । ମନ ଓ ପ୍ରାଣକୁ ମଧ୍ୟ ଦୋହଲାଇ ଦେଇଥିଲା । କିଛି ସମୟ ସେ ସ୍ତବ୍ଧ ହୋଇଥିଲେ ନୀରବ ହୋଇଯାଇଥିଲେ । ସଙ୍ଗୀତ ଉତ୍ସବରେ ସେ ବସିଥାନ୍ତି ବିରାଟ ହଲ୍‌ରେ । ଚାହିଁ ଦେଖିଲେ ହଲ୍‌ରେ ପଡ଼ିଥିବା ସିଟ୍ ପୂର୍ଣ୍ଣ । ଏତେମାତ୍ରାରେ ଲୋକ ଭର୍ତ୍ତି ସଙ୍ଗୀତ ଶୁଣିବାକୁ । ସମସ୍ତେ ଭାବବିହ୍ୱଳ ସଙ୍ଗୀତ ଶୁଣୁ ଶୁଣୁ । ସଙ୍ଗୀତ ପ୍ରତି କାହାର ଦୁର୍ବଳତା ନାହିଁ ଯେ ! ସଙ୍ଗୀତରୁ ତ ସବୁ ସୃଷ୍ଟି । ମଣିଷ ଚିନ୍ତାରେ ବୁଡ଼ିଥିବାବେଳେ ସଙ୍ଗୀତ ହିଁ ତାକୁ ଆନନ୍ଦ ଦିଏ । ସେ ମଧ୍ୟ ସଂସାରର ଜଞ୍ଜାଳରୁ ମୁକ୍ତ ବୋଲି ସେଦିନ ଉତ୍ସବକୁ ଯାଇଥିଲେ ଓ ପିଲାଟିର ଗୀତକୁ ମନଦେଇ ଶୁଣୁଥିଲେ । ଗୀତଟି ଏତେ ମୁଗ୍ଧ କରିଥିଲା ତାଙ୍କୁ, ସେଦିନ ସେ ସଂସାରର ବିଭିନ୍ନ ଜଞ୍ଜାଳ ଓ ଦୁଃଖକୁ ସେଇ ଗୀତଟି ଶୁଣୁ ଶୁଣୁ ଭୁଲିଯାଇଥିଲେ ନିଜକୁ । ଏତେବଡ଼ ମଞ୍ଚରେ ବସିଛନ୍ତି ସଙ୍ଗୀତ ଓ ସାହିତ୍ୟର ଉତ୍ସବ, ଯେଉଁଥିରେ କି ତାଙ୍କୁ ସମ୍ମାନିତ କରିବାକୁ ଡାକିଛନ୍ତି । ହେଲେ ପାଖରେ ତାଙ୍କର କେହି ନାହିଁ । ଏକା ଆସିଛନ୍ତି, ପିଲାଟିକୁ ଦେଖି ନିଜର ବୋଲି ଭାବୁଥିଲେ ।

ପିଲାଦିନେ ସଙ୍ଗୀତ ଶିଖୁଥିଲେ । ଅଧାରୁ ବନ୍ଦ ହୋଇଥିଲା । ତଥାପି ସଙ୍ଗୀତ ପ୍ରତି ଦୁର୍ବଳତା ତାଙ୍କର ରହିଛି ଓ ରହିଥିବ । କଲେଜ ବେଳର ସ୍ମୃତି ନାଚି ଉଠିଲା ତାଙ୍କର । ପାଠ ପଢ଼ିଲାବେଳେ ରେଡିଓରୁ ଗୀତ ଶୁଣୁଥିଲେ । ମନରେ ତାଙ୍କର ଗୀତ ଛାଇ ପରି ରହିଛି ଓ ରହିଥିବ । ଏଇ ସଙ୍ଗୀତ ବଦଳରେ ସୃଷ୍ଟି କରିଛନ୍ତି କବିତା ଓ ଗଳ୍ପ । ଯାହା ପାଇଁ ସେ ବସିଛନ୍ତି ଏ ଉତ୍ସବରେ ।

ସଙ୍ଗୀତ ଶୁଣିଲେ ଭାଙ୍ଗିଯାଇଥିବା ମନ ବୃକ୍ଷରେ ପୁଣି ଫୁଟିଉଠେ ଫୁଲ । ମୁହଁରେ ଫୁଟିଉଠେ ହସ, ଯାହା ଦେଇଥାଏ ଆନନ୍ଦ । କୋଇଲିର କୁହୁକୁହୁ ସ୍ୱର ଫଟାଇଦିଏ ଚତୁର୍ଦ୍ଦିଗ । ଆମ୍ବ ବଉଳର ବାସ୍ନା ମନେପକାଇ ଦିଏ ଅତୀତ । ଯେଉଁ ଅତୀତ ଆଜି ବି ରହିଛି କିମ୍ବଦନ୍ତୀ ହୋଇ ତା' ହୃଦୟରେ । ଯାହା ଚାହିଁଲେ ବି ଭୁଲିପାରେନି । ଭୁଲିପାରେନି ବୋଲି ତ ହାତରେ ଧରିଛି କଲମ ।

ଏଇ ସଙ୍ଗୀତରୁ ତ ଆରମ୍ଭ ହୋଇଥିଲା ତାଙ୍କ ଅତୀତର ପ୍ରେମ । ଯେଉଁଦିନ ସେ ବିକାଶଠାରୁ ସଙ୍ଗୀତ ଶୁଣିଲା, ତା' ସଙ୍ଗୀତରେ ସେ ଟାଣି ହୋଇଯାଇଥିଲା ଓ ତା' ଆଖିରେ ବସାବାନ୍ଧି ରହିଯାଇଥିଲା । ତା' ମନଦର୍ପଣରେ ଜଳଜଳ ଦିଶୁଥିଲା ତା' ଛବି, ଯାହାକୁ ନେଇ ସେ ଦେଖୁଥିଲା ପ୍ରଥମ ପ୍ରେମର ସ୍ୱପ୍ନ । ହେଲେ ସଙ୍ଗୀତରେ ମନମୋହି ବେଶ୍ ଚାଲିଯାଇଥିଲା ତାଙ୍କୁ ଭାବନାରେ ପକାଇ । ଯେଉଁ ପ୍ରଶ୍ନର ଉତ୍ତରକୁ ଖୋଜୁଥିଲା ଓ ପ୍ରେମର ଅର୍ଥକୁ ଖୋଜୁଥିଲା । ହେଲେ ପାଉ ନ ଥିଲା । ପିଲାଳିଆ ମନ ତା'ର ଉଡୁଥିଲା ସେତେବେଳେ ପ୍ରଜାପତିଟିକୁ ଦେଖି ଧାଉଁଥିଲା ଧରିବାକୁ ଯେମିତି ଧରା ଦେଉ ନ ଥିଲା । ରାତି ପାହାନ୍ତାରୁ ଖସିଯାଇଥିଲା ତା' ପ୍ରେମ ପରି । କହନ୍ତି ପ୍ରଥମ ପ୍ରେମ ରହିଯାଏ ମନରେ ଭୁଲିହୁଏନା । ସଂସାରରେ ପାଦ ଦେଲାପରେ ଏମିତି ଜୀବନରେ ଝଡ଼ ଆସିଲା ଓ ଦୁଃଖଯନ୍ତ୍ରଣା ଭିତରେ ଦିନ କାଟିଲା । ସେତେବେଳେ ଦେଖାଦେଲା ବିକାଶ ତାକୁ ସ୍ୱପ୍ନରେ । ସାଜିଲା ତା' ପାଇଁ ସ୍ୱପ୍ନ ନାୟକ । ଅନେକ ଥର ଭାବେ କହିବ, ମୁଁ ତୁମକୁ ଭଲପାଏ ସସ୍ମିତା; ହେଲେ କହିପାରେନି । କେବଳ ତା' ଚାହାଣିରେ ହୋଇଥିଲା ବଶୀଭୂତ ଯାହା ଭିତରେ ଅନେକ ଦିନ, ବରଷ ପରେ ବରଷ ବିତିଯାଇଛି; କିନ୍ତୁ ସ୍ମୃତି ମନ ଓ ହୃଦୟରେ ଘର କରି ରହିଥାଏ, ଯେଉଁଠି ଥାନ୍ତି ପ୍ରେମିକ ଓ ପ୍ରେମିକା । ତଥାପି ସେ ଥକିଯାଇନି, ଧରିଛି ହାତରେ କଲମ । ଯିଏ ଦେଇଛି ତାକୁ ନୂଆ ଜୀବନ । କ୍ଷତରେ ବୋଳିଦେଇଛି ଚନ୍ଦନ ।

କିନ୍ତୁ ଆଜିର ଏଇ ଉତ୍ସବରେ ଗୀତ ବୋଲୁଥିବା ଛୋଟ ପିଲାଟି କିଏ ? ଯାହାର ସଙ୍ଗୀତ ତାଙ୍କ ହୃଦୟକୁ ବାରବାର ମନ୍ଥି ପକାଉଥିଲା । ପାଟିରୁ ତାଙ୍କର ବାହାରୁଥିଲା ବାଃ ବାଃ । ଅନାଥ ଓ ଭିନ୍ନକ୍ଷମ ପିଲାମାନଙ୍କ ମେଳରେ ବସିଥିବାରୁ ନିଜକୁ ଗର୍ବ ଅନୁଭବ କରୁଥିଲା । ତାଙ୍କୁ ଦେଖି ଦୁଃଖ ଆସୁଥିଲା ମନରେ । ଦୁଃଖୀ ତ ଅନେକ ଅଛନ୍ତି । ହେଲେ ପରଦୁଃଖରେ ସମବେଦନା ଜ୍ଞାପନ କରିବା ଜରୁରୀ ।

ପିଲାଟି ଏତେ ସୁନ୍ଦର ଗାଉଛି ଓ ତା'ର କଣ୍ଠ ଏତେ ମଧୁର; କିନ୍ତୁ ବିଧିର ବିଧାନ ବଡ଼ ବିଚିତ୍ର । ପିଲାଟି ଅନ୍ଧ । ଦେଖିପାରୁ ନ ଥିଲା । ସଙ୍ଗୀତରେ ଥିଲା ଯାଦୁ ! ଅନେକ ପିଲାଙ୍କ ମେଳରେ

ତା’ ଗୀତ ବାରିହୋଇପଡୁଥିଲା, ଯାହାକି ସେ ଆଖିରୁ ଲୁହ ନ ଗଡ଼ାଇ ରହି ପାରୁ ନ ଥିଲା । ତାଳିମାଡ଼ରେ କମ୍ପି ଉଠୁଥିଲା ବିରାଟ ହଲ୍ । ସସ୍ମିତା ରହି ନ ପାରି ସିଟ୍‌ରୁ ଉଠି ତାକୁ ମଞ୍ଚ ଉପରେ ଯାଇ କୁଣ୍ଢାଇ ଧରିଥିଲେ । ନିଜ ଛାତକୁ ଆଣି ଆଉଜି ଧରିଥିଲେ ଓ ଲୁହ ଗଡ଼ାଉଥିଲେ । ମନ୍ତ୍ରମୁଗ୍ଧ ସ୍ୱର ତୋର ମୋତେ ଉଠାଇ ଆଣିଲୁ ସିଟ୍‌ରୁ । ଈଶ୍ୱର ତୋର ମଙ୍ଗଳ କରନ୍ତୁ । ତୋ’ ବାପାଙ୍କ ନାମ କ’ଣ ? ହଠାତ୍ ବାପା ତା’ର ଆସି ଠିଆହେଲେ ଓ ସସ୍ମିତା ତାଙ୍କୁ ଦେଖି ଆହୁରି ଆଶ୍ଚର୍ଯ୍ୟ ହୋଇଯାଇଥିଲା । ବିକାଶ ମଧ୍ୟ ତାକୁ ଦେଖି ଚାହିଁଥିଲା ଅନେକ ଦିନ ପରେ । ସସ୍ମିତା କହିଲା, ପୁଅ ତୁମ କଳା ଆଣିଛି । ତୁମକୁ ଦେଖି ଭାବି ନ ଥିଲି ଏମିତି ଏକ ଅଭୁଲା ମୁହୂର୍ତ୍ତରେ ଦେଖା ହେବ ତୁମ ପୁଅର ଗୀତ ଶୁଣି ଅତୀତର ସେଇ ତୁମେ ଗାଉଥିବା ଗୀତଟି ମୋତେ ମନେପକାଇ ଦେଇଛି । ପ୍ରେମରେ ଅଭୁଲା ସ୍ମୃତିକୁ ବି ସ୍ମରଣ କରୁଛି; ଯଦିଓ ଆଉ କିଛି କହିବାକୁ ଚାହୁଁନି । ତୁମ ପୁଅ ଆଉ ଏ ଉତ୍ସବ ଆମକୁ ମିଳନ କରାଇଛି; ଯଦିଓ ତଥାପି ଛାଡ଼ିଯିବାକୁ ହେବ ନିଜର ସଂସାରକୁ । ତୁମ ପୁଅ ଗୀତ ଆଜି ଏଠାରେ ଉପସ୍ଥିତ ଥିବା ଲୋକଙ୍କୁ ତଥା ଦୁନିଆକୁ ନୂଆ ଆଲୋକ ଦେଖାଇଛି । ଛୋଟ ପିଲାଟିଏ ହେଲେ କ’ଣ ହେବ, ନିଜେ ନ ଦେଖି ନ ପାରିଲେ ବି ଅନ୍ୟକୁ ନୂଆ ଆଲୋକର ସନ୍ଧାନ ଦେଇଛି । ଆଖି ଥାଇ ବି ମଣିଷ କୁକର୍ମରେ ଲିପ୍ତ ହେଉଛି ଓ ଖରାପ କରୁଛି ଅନ୍ୟର କ୍ଷତି କରୁଛି ନିଜର ସୁଖ ପାଇଁ; କିନ୍ତୁ ସେ ନିଜେ ଜଳି ଜୁଳୁଜୁଳିଆ ପୋକ ପରି କ୍ଷୁଦ୍ର ହେଲେ ହେଁ ଦେଖାଉଛି ଏକ ବିରାଟ ପ୍ରତିଭା ! ଯାହା ଅଭୁଲା ହୋଇ ରହିବ । ଭୀମଭୋଇ ବି ଅନ୍ଧ ହେଲେ ବି ଯେମିତି କହିଛନ୍ତି ନିଜ ଜୀବନ ନର୍କରେ ପଡୁ ପଛେ ଜଗତ ଉଦ୍ଧାର ହେଉ । ବାସ୍ତବିକ ଶିକ୍ଷଣୀୟ ସମାଜ ପାଇଁ । ଉତ୍ସବ ସରିଲା ପରେ ଫେରିଆସିଥିଲେ ଘରକୁ ନିଜ ସଂସାରକୁ । କିନ୍ତୁ ଭୁଲିପାରୁ ନ ଥିଲେ ସେଇ ଛୋଟ ପିଲାର ଗୀତକୁ । ପ୍ରେମରେ ବା ପ୍ରେମକୁ ଖୋଜି ଖୋଜି ପାଇଥିବା ଈଶ୍ୱରଙ୍କୁ, ଯାହା ପାଖରେ ସେ ଆଜୀବନ ସମର୍ପିତା ।

*ପ୍ଲଟ୍ ନଂ-୧୮୧ - ୨୧୯୬,*
*କେଦାରଗୌରୀ ବିହାର, ଭୁବନେଶ୍ୱର ।*

# ତିମିର, ତୃଷ୍ଣା

■ କବିତା ନନ୍ଦ

ପୂର୍ଣ୍ଣମୀର ଏକ ଶୁଭ ସନ୍ଧ୍ୟା । ରୂପା ଥାଳିଆଟି ପରି ଜହ୍ନଟା ଝାଉଁଗଛର ଆଢୁଆଳରେ ଯେପରି ଉଙ୍କିମାରୁଛି । ଆକାଶରେ ଅସଂଖ୍ୟ ତାରାଗୁଡ଼ିକ ମିଟି ମିଟି କରି ଅନାଇ ରହିଛନ୍ତି । ଶାରଦୀୟ ସୁଲୁସୁଲିଆ ବତାସ ଝାଉଁଗଛ ଗୁଡ଼ିକୁ ଦୋହଲାଇ ପକାଉଥାଏ । ସମୁଦ୍ରର ଅକାଳ ଢେଉଗୁଡ଼ାକ ଭୟଙ୍କର ଗର୍ଜନ କରି ବାଲୁକା ରାଶିରେ ଆସି ମଥା ପିଟୁଥା'ନ୍ତି । ଏହି ଦୃଶ୍ୟକୁ ଅପଲକ ନେତ୍ରରେ ଅନାଇ ରହିଥାଏ ରୋଜାଲିନ୍ । ଅତୀତର କଥାକୁ ନେଇ ତା' ମନରେ ଭାବାନ୍ତର ସୃଷ୍ଟି ହେଲା । ନିଜର ଅଜ୍ଞାତସାରରେ ରୋଜାଲିନ୍ ଟାଣି ହୋଇଯାଏ ସେଇ ଅତୀତ ମଧ୍ୟକୁ ।

ଏହି ସେହି ସମୁଦ୍ରର ତଟ ବାଲୁକା ରାଶି ନିର୍ବିକାର ଭାବରେ ପଡ଼ି ରହିଛି । କିନ୍ତୁ ରୋଜାଲିନ୍ ହରାଇ ବସିଛି ସବୁକିଛି । ହରାଇ ଦେଇଛି ତା'ର ଅତି ଆପଣାର ଦୀପକରଙ୍କୁ । ରୋଜାଲିନ୍ ଆସିଥିଲା ଏକ ସୁଦୂର ମଫସଲରୁ ସହରରେ ରହି ପାଠ ପଢ଼ିବାକୁ । ସେ ଥିଲା ଏକ ଛୋଟ ଫ୍ୟାକ୍ଟ୍ରିରେ କାମ କରୁଥିବା ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତିର ଝିଅ । ସହରର ଏକ ମେସ୍‌ରେ ରହି ରୋଜାଲିନ୍ ପଢୁଥିଲା କଲେଜରେ । ସେହି ମେସ୍‌କୁ ଲାଗି ରହିଥିଲା ଦୀପକରଙ୍କ ଦ୍ୱିତଳ ପ୍ରାସାଦ । ରୋଜାଲିନ୍ ଦୀପଙ୍କରଙ୍କ ସହପାଠିନୀ ଥିଲା । ରୋଜାଲିନ୍ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବାରୁ ଦୀପଙ୍କର ତାକୁ ଶୁଭେଚ୍ଛା ଜଣାଏ । ରୋଜାଲିନ୍ ଧନ୍ୟବାଦ୍ କହି ହସିଦେଇ ଚାଲିଆସେ ।

କିଛିଦିନ ପରେ ତା' ପ୍ରତି ଦୀପଙ୍କରର ଦୁର୍ବଳତା ରୋଜାଲିନ୍ ଲକ୍ଷ୍ୟ କରିଛି । କାହିଁକି କେଜାଣି ଦୀପଙ୍କର ସହିତ ଚାରି ଚକ୍ଷୁର ମିଳନ ହୋଇଗଲେ ରୋଜାଲିନ୍ ନତମସ୍ତକ ହୋଇପଡ଼େ । ଧୀରେ ଧୀରେ ରୋଜାଲିନ୍ ସହିତ ଦୀପଙ୍କରର ସଂପର୍କ ଅତି ଘନିଷ୍ଠ ହୋଇପଡ଼େ । ପରସ୍ପର ପରସ୍ପରଙ୍କୁ ଭଲପାଇ ବସନ୍ତି । କଲେଜରେ ଛୁଟି ହେବାରୁ ରୋଜାଲିନ୍ ଘରକୁ ଯାଇ ତା'ର ପିତାମାତାଙ୍କୁ ଦୀପଙ୍କର ସହିତ ନିଜର ସଂପର୍କ ବିଷୟରେ ଜଣାଇବାରୁ ସେମାନେ ଏଥିରେ ରାଜି ହୋଇଗଲେ । ରୋଜାଲିନ୍ ଖୁସିରେ ସୁଖର ସ୍ୱପ୍ନ ଦେଖେ । ଅଦୃଷ୍ଟ ଭବିଷ୍ୟତ; କିନ୍ତୁ ସେତେବେଳକୁ ତାକୁ ପରିହାସ କରୁଥିଲା । ଦୀପଙ୍କରଠାରୁ ସ୍ନେହ, ପ୍ରେମ ସବୁ କିଛି ପାଇଛି, ପ୍ରତି ବଦଳରେ ନାରୀର ଅମୂଲ୍ୟ ସମ୍ପଦ ମଧ୍ୟ ତାକୁ ଦେଇଛି ରୋଜାଲିନ୍ । ଦୀପଙ୍କର ଯେ କେବେ ତାକୁ ଭୁଲିପାରିବନି ତାର ସେହି ଦୃଢ଼ ବିଶ୍ୱାସ ଥିଲା; କିନ୍ତୁ ଏ ବିଶ୍ୱାସ ଥିଲା ଏକ ସ୍ୱଚ୍ଛ ସ୍ଫଟିକ ଭଳି ।

ସୁଅ ମୁହଁରେ ପତର ଭାସିଯିବା ଭଳି ରୋଜାଲିନ୍ ଆଜି ଭାବନା ସ୍ରୋତରେ ଭାସି ଚାଲିଛି । ଆଜି ତା'ର ଅତି ଆପଣାର ପ୍ରିୟତମର ଅସ୍ତିତ୍ୱକୁ ସେ ଆବିଷ୍କାର କରିବ ଅତୀତର ଦଗ୍ଧ ସ୍ମୃତି ସ୍ତୂପ ମଧ୍ୟରୁ । ସେହି ଅତୀତଦିନର କଥା ମନେପଡ଼େ । ଦିନେ ଦୀପଙ୍କରର ସମ୍ମୁଖରେ ରୋଜାଲିନ୍ ବିବାହ ପ୍ରସ୍ତାବ ରଖିଥିଲା । ଆଶା କରିଥିଲା ଦୀପଙ୍କର ରୋଜାଲିନ୍‌ର ପ୍ରସ୍ତାବକୁ ସମ୍ମାନ ଦେଇ ନିଶ୍ଚୟ ପୂରଣ କରିବ; କିନ୍ତୁ ହେଲା କ'ଣ ? ପ୍ରସ୍ତାବ ଶୁଣି ଦୀପଙ୍କର ଦାର୍ଶନିକପୂର୍ଣ୍ଣ ବିଦ୍ରୂପ କଣ୍ଠରେ କହିଲା..... ପ୍ରେମର ଅର୍ଥ ନୁହେଁ ଯେ ବିବାହ ବନ୍ଧନରେ ଆବଦ୍ଧ ହେବା । ବିବାହରେ ପ୍ରେମର ମୃତ୍ୟୁ ହୁଏ ରୋଜାଲିନ୍ । ଆଉ ତୁମକୁ ବିବାହ କରି ପାଇବି କ'ଣ ? ତେଣୁ ମୁଁ ମୋର ପିତାମାତାଙ୍କ କଥା ରକ୍ଷାକରି ବିବାହ କରୁଛି, ଏ ସହରର ବିଶିଷ୍ଟ ବ୍ୟବସାୟୀଙ୍କ କନ୍ୟା ବନ୍ଦିତା ଦାସକୁ, ତେଣୁ ତୁମେ ମୋତେ ଭୁଲିଯାଇପାର । ଏହାଶୁଣି ରୋଜାଲିନ୍ ସ୍ତମ୍ଭୀଭୂତ ହୋଇଯାଇଥିଲା । ରୋଜାଲିନ୍‌ର ଦୁଇ ନୟନରୁ ଅଦିନିଆ ବର୍ଷା ପରି ଝରି ପଡୁଥାଏ ତତଲା ଲୁହଗୁଡ଼ାକ...... । ଆଖି ଲୁହରେ କ୍ରମଶଃ ଅଦୃଶ୍ୟ ହୋଇଯାଉଥାନ୍ତି, ତା'ର ସେହି ପ୍ରାଣପ୍ରିୟା ଦୀପଙ୍କର ମହାପାତ୍ର ।

ରୋଜାଲିନ୍ ଚାହିଁ ରହିଥିଲା ସେହି ଅସରନ୍ତି ନୀଳସାଗରମାଳା ସମୁଦ୍ର ବକ୍ଷକୁ, ଯେଉଁଠୁ ଗୋଟିଏ ପରେ ଗୋଟିଏ ଜୁଆର ଆସି ତା'ର ପାଦ ଦେଶରୁ ଫେରିଯାଉଥାନ୍ତି ।

ସତରେ ପୁରୁଷର ଟିକିଏ ମିଠା କଥା, ଟିକିଏ ପ୍ରଶଂସା, ମନଭୁଲା କଥାରେ ମନରେ ଡେଣା ଲାଗିଯାଏ । ସବୁ ବାଧାବନ୍ଧନକୁ ପଛକୁ ପକାଇ ନାରୀ ନଦୀ ହୋଇ ବୋହି ଯିବାକୁ ଚାହେଁ; କିନ୍ତୁ ପ୍ରେମିକ ପୁରୁଷ ସାଗର ତା'ର ବୁକୁରେ ଅନେକ ନଦୀଙ୍କର ଆଖି ଲୁହର ଲବଣାକ୍ତ ଜଳ, ଯେଉଁ ଜଳରେ ହୃଦୟର ତୃଷ୍ଣା ମେଣ୍ଟେ ନାହିଁ ।

ରୋଜାଲିନ୍ ଆଜି ଚିନ୍ତାମଗ୍ନ । ସମୁଦ୍ରର ନୀଳ ଜଳରାଶିରେ ଆଖି ବୁଲାଇ ସେ ଖୋଜୁଛି ସେଇ ଅତୀତ ନୀଳ-ପାରବାରକୁ ଅତୀତର ନାୟକ ଦୀପଙ୍କରଙ୍କୁ ।

ଏକ ଦୀର୍ଘଶ୍ୱାସ ମଧ୍ୟରେ ରୋଜାଲିନ୍ ନିଜର ସତ୍ତାକୁ ଅନୁଭବ କରେ । ସେତେବେଳେ ରୂପା ଥାଳିଆ ଭଳି ଜହ୍ନଟା ଅଦିନର କଳା ବଉଦ ମଧ୍ୟରେ ଲୁଚିଯାଇଛି । ଅସରାଏ ବର୍ଷା ହୋଇ ରୋଜାଲିନ୍‌କୁ ଓଦା କରିଦେଇସାରିଲଣି । ରାତ୍ରି ଅନେକ ହେଲାଣି । ସାଗରର ଶାନ୍ତ ଜଳରାଶି ଆଉ ଦୃଷ୍ଟିଗୋଚର ହେଉନାହିଁ । ତାକୁ ଅନେକ ପଥ ଅତିକ୍ରମ କରିବାକୁ ହେବ । ରୋଜାଲିନ୍‌ର ଆଖିରୁ ଝରିପଡୁଥାଏ ଦୁଇଟୋପା ଉଷ୍ମ ଅଶ୍ରୁ...... ।

*ଲାଲବଜାର ତଳସାହି, ୱାର୍ଡ ନଂ-୧୦,*
*ବାରିପଦା, ମୟୂରଭଞ୍ଜ ।*



# ଜୀଅନ୍ତା ଶବର ବିଜ୍ଞାପନ

■ ଉପେନ୍ଦ୍ର କୁମାର ବସ୍ତିଆ

ସଞ୍ଜ ହେଲେ ନାତିନାତୁଣୀମାନେ ଗପ ଶୁଣିବାକୁ ଘେରି ବସିଯାଆନ୍ତି ବୁଢ଼ୀ ମାଆ ଚାରିପଟେ । ସତୁରି ବୟସର ବୁଢ଼ୀ ମା' (ରାଧୀ) ତନମନ ଯେତେ କ୍ଲାନ୍ତ ଥିଲେ ବି ଗପ କହିବାକୁ ବାଧ୍ୟ ହୁଅନ୍ତି । ଜାଣନ୍ତି ଗପ ନ ଶୁଣିବା ପର୍ଯ୍ୟନ୍ତ ପିଲେ ଛାଡ଼ିବେ ନାହିଁ । ଗପ କହିବା ଆଗରୁ ପାଟିରୁ ବାହାରିପଡ଼େ ସୁଖ କହିବି ନା ଦୁଃଖ କହିବି, ଅଙ୍ଗେ ଯା' ଲିଭାଇଛି ତାହା କହିବି । ଏ କଥାଟା ଗପ ଶୁଣାଇବା ପୂର୍ବରୁ ପାଟିରୁ ବାହାରିପଡ଼େ । ପିଲାମାନେ ବି ବେଶି ହସ ଖୁସି ଗପ ଶୁଣିବାକୁ ଭଲପାଆନ୍ତି । କାହିଁକି କେଜାଣି ସେଦିନ ଅଙ୍ଗେ ଲିଭାଇବା କଥାଟି ଶୁଣିବାକୁ ଜିଦ୍ କଲେ । ବୁଢ଼ୀ ମା' ରାଧୀର ଚାରା ନାହିଁ । ଯେତେ ଭୁଲାଇଲେ ବି ପିଲାମାନେ ନଛୋଡ଼ ବନ୍ଧା । ଶେଷରେ ବୁଢ଼ୀ ମାଆ ଶୁଣାଇବାକୁ ବାଧ୍ୟ ହେଲେ । କହିଲେ, ପିଲେ ତେବେ ଶୁଣ, ମୋ'ଗପର ନାଁ 'ଜୀଅନ୍ତା ଶବର ବିଜ୍ଞାପନ' ।

'ଜୀଅନ୍ତା ଶବର ବିଜ୍ଞାପନ' ଶୁଣି ପିଲାମାନେ ସବୁ ତଟସ୍ଥ ହୋଇଗଲେ । ବୁଢ଼ୀ ମା'ର ମୁହଁକୁ ବଲବଲ କରି ଚାହିଁରହିଲେ । କହିଲେ, ବୁଢ଼ୀ ମାଆ ତୁମେ ଆମକୁ ଠକଉଛ । ଯଦି ନ କହିବ ତ ନାହିଁ, କହିବ ଯଦି ବୁଝିଲା ଭଳି ଗପଟି କୁହ । ଜୀଅନ୍ତା ଶବ କହିଲେ କ'ଣ ? ମରିବା ଲୋକଙ୍କୁ ସିନା ଶବ କୁହନ୍ତି ଆଉ ଜୀଅନ୍ତା ଲୋକଙ୍କୁ କ'ଣ ଶବ କୁହନ୍ତି ? ହଁ, ରେ ପିଲେ ହଁ, ମୁଁ ସତ କହୁଛି । କାଣି କଉଡ଼ିଟିଏ ଏଥିରେ ମିଛ ନାହିଁ । ଯାହାକୁ କୁହନ୍ତି ନିରାଟ ସତ୍ୟ କଥା । ଅଙ୍ଗେ ଲିଭାଇବା କଥା । ତୁମେ ସବୁ ମନ ଦେଇ ଶୁଣ । ପାଟିତୁଣ୍ଡ କରିବ ନାହିଁ । ଗପ କହିବା ସମୟରେ କେହି ଉଠିକି ଯିବ ନାହିଁ । ତେବେ ମୁଁ କହିବି । କ'ଣ କହୁଛ ? ପିଲାମାନେ ପ୍ରତିଶ୍ରୁତି ଦେଲେ ହଁ ହଁ ହଁ ବୁଢ଼ୀମାଆ । ଗପ ନ ସରିବା ପର୍ଯ୍ୟନ୍ତ ଆମେ କେହି ଉଠିବୁ ନାହିଁ । ବୁଢ଼ୀ ମାଆ ଗପ ଆରମ୍ଭ କଲେ ।

କହିଲେ ଆରେ ପିଲେ– ଦୁଃଖରେ ଯିଏ ବଞ୍ଚିପାରେନା କିମ୍ବା ସୁଖରେ ଯିଏ ମରିପାରେନା ତାକୁ ଜୀଅନ୍ତା ଶବ କୁହନ୍ତି । ବଞ୍ଚି ଥାଉ ଥାଉ ସେ ମରିଥାଏ । ବଞ୍ଚିବାଟା ମରିବା ସହିତ ସମାନ । ଜୀବନ ତାକୁ ପରିତ୍ୟାଗ କରିଛି ସତ; ମୃତ୍ୟୁ ତାକୁ ସହଜରେ ଗ୍ରହଣ କରିପାରେନା । ସିଏ ଏକ ଅଜଗର ସାପ । ଗୋଟିଏ ଜାଗାରେ ପଡ଼ିରହିଥାଏ । ସେତିକି ନୁହେଁ ସେ ଏକ ଘରର କୋଣ ଠେଲା ଅଲୋଡ଼ା ପଦାର୍ଥ । ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଅନେକ ସ୍ୱପ୍ନ ସେ ଦେଖିଥାଏ । ଯିଏ ରକ୍ତକୁ ପାଣି କରି ପେଟକୁ ପିଠିରେ ଲଗାଇ, ରାତିଦିନ ନଇ ପହଁରେ ? ଦୁଃଖକୁ ଦୁଃଖ ଓ ସୁଖକୁ ସୁଖ ନ ମଣି ସଜାଡୁଥିଲା ଘର, ଯିଏ ଆଖିରେ ଆଖିଏ ଲୁହ ମାରି ଫୁଟାଉଥିଲା ହସ ସଭିଙ୍କ ଓଠରେ ଖାଇବାକୁ ଦାନା, ପିନ୍ଧିବାକୁ କନା, ହସିବାକୁ ମନ ସବୁଥିରେ । ରାତିପାହିଲେ ସକାଳ ପୁଣି ସକାଳ ହେଲେ ରାତି ଏଇ ଗୋଲକ ଧନ୍ଦାରେ ଲାଗି ରହିଥାଏ; ହେଲେ କେହି ଦିନେ ବୁଝିଲେନି ତା' ଜୀବନର ସତ୍ୟ ଉଦ୍ଦେଶ୍ୟ କ'ଣ ?

ନିମିଷକେ ବଦଳୁଥିବା ସମୟକୁ ସେ ଅପେକ୍ଷା କରେନା । ସିଏ ହାତ ବଢ଼ାଉଥିଲା ସ୍ୱର୍ଗକୁ । ରାତି ପାହିଲେ ବଦଳିଯାଏ ଆକାଶ । ବଦଳି ଯାଏ ପୃଥିବୀ ଆଉ ଏ ସ୍ୱାର୍ଥପର ମଣିଷ କଥା ଛାଡ଼ । ଆଜିର ମଣିଷ ହରାଇ ଦେଇଛି ତା'ର ମଣିଷପଣିଆ । ବୁଢ଼ା ବାପମାଆଙ୍କୁ ଆଡ଼ ଆଖିରେ ଚାହେଁନା । ବୁଢ଼ା ବାପାଟା ତା'ର ଅଦିନେ ଝଡ଼ିପଡ଼ିଲା । ବୁଢ଼ୀ ମାଆର ଉପାୟ କ'ଣ ? ବେଙ୍ଗ କୁହେ ବେଙ୍ଗୁଲୀଲୋ ପୃଥିବୀ କ୍ଷଣକ୍ଷଣକେ ଆନ । ବାହୁରେ ବଳ, ଅଣ୍ଟିରେ ପଇସା ସରିଗଲେ କେହି ପଚାରନ୍ତି ନାହିଁରେ ପିଲେ ।

ଦେହ ମନର ସ୍ଥିରତା ଆସିଗଲେ କେବଳ ବସି ରହେ ଘରର ଅଗଣାରେ ଦାଣ୍ଡ କିମ୍ବା ବାରି ପିଣ୍ଡାରେ । ସତେଯେମିତି ଗାଁ ମୁଣ୍ଡ ବରଗଛ ମୂଳେ କାହିଁ କେତେ ଯୁଗରୁ ଗୋଟେ ଅଚଳନ୍ତି ମୂର୍ତ୍ତି । ତା' ପାଇଁ ଆକାଶ ସବୁବେଳେ ଧୂଆଁଳିଆ । ଚାରିଆଡ଼େ ଖାଲି ମଞ୍ଜି ମିଞ୍ଜି ଆଲୁଅ ଦେଖାଯାଏ । ସେ ନିଜକୁ ମଣେ ସତେଯେମିତି ଟାଣି ଦେଇଥିବା ସିଗାରେଟ୍‌ର ଖାଲି ପ୍ୟାକେଟ୍ ଟେବୁଲ ଉପରେ ଥୁଆ ହୋଇଛି । ବହୁଦିନର ଚଳପ୍ରଚଳ ଘରଟି ତା' ପାଇଁ ଲମ୍ୱିଯାଇଥାଏ ଗାଁ ଦାଣ୍ଡ ଶେଷପର୍ଯ୍ୟନ୍ତ । ସମୟକୁ ଧନ୍ୟବାଦ୍ ଦେଇ ରହିପାରୁନି ପିଲେ । ବିସ୍ତାର ବିଛେଇଥିବା ବରଗଛଟି କାହିଁକି କେଜାଣି

ମଉଳିଯାଇଛି ସମୟ ଓ ଶୂନ୍ୟତାର ଅଦିନ ସ୍ନେହରେ । ସେଦିନର ଗାଁ ଦାଣ୍ଡ ଆଜି ମୂଷା ଲାଞ୍ଜ ପରି ଛିଣ୍ଡିଛିଣ୍ଡି ଯାଉଛି ।

ହାତ ଟେକାରେ ତା'ର ଜୀବନ । ଭାବିବାର ବେଳ ତା'ର ଆସିଯାଇଛି । ଆଖିର ଲୁହ ଆଉ ହୃଦୟର କୋହକୁ ଚାପିରଖି ମୃତ୍ୟୁକୁ ସେ ଆହ୍ୱାନ କରେ ଥରେ ଅଧେ ନୁହେଁ ବାରମ୍ବାର । ବୋହିଯାଉଥିବା ପାଣି, ଫୁଟିଯାଇଥିବା ଫୁଲ, ପାଟିରୁ ବାହାରିଯାଇଥିବା କଥାଗୁଡ଼ିକ ପିଲେ ସରିଯାଇଥାଏ । ବଞ୍ଚି ଥାଉ ଥାଉ ସେ ଶବ ପାଲଟିଯାଏ । ଆଣ୍ଠୁ ଦୁଇ ମଝିରେ ମୁହଁ ଶୁଖାଇ ବସିଥାଏ ସକାଳରୁ ସଞ୍ଜ । ଆଖି ଆଗରେ ସବୁ କିଛି ସର୍ଜନା ହୁଏ । ଆକାଶରେ ମେଘ ଜନ୍ମେ, ସୂର୍ଯ୍ୟ ଉଏଁ, ଆଉ ଚନ୍ଦ୍ରମା ଆଖି ଠାର ମାରେ, ସମୁଦ୍ର କୂଳ ଛୁଇଁ ଫେରେ । ଘରର କାନ୍ଥକୁ ଆଉଜି ବସି କେବଳ ଜୀବନ ସ୍ମୃତିକୁ ସାଉଁଟି ଚାଲିଥାଏ । କାହାକୁ ସେ ଖୋଜୁଛି । କାହାକୁ ସେ ଅପେକ୍ଷା କରିଛି । ନିଜକୁ ନିଜେ ପ୍ରଶ୍ନ କରିନି । ସାରାଜୀବନ ଏ ରାସ୍ତାରେ ଚାଲି ଚାଲି କ୍ଲାନ୍ତ ହେଲେ ବି ଲୋଡ଼ିନି ବିଶ୍ରାମ । ସାରାଜୀବନ ବାଣ୍ଟି ଚାଲିଛି ସବୁ ନଥାଏ କିଛି କି, ମରୁ ନ ଥାଏ ମନ, ବୁଝି ନେଇଛି ସେ ଅକର୍ମଣ୍ୟ ।

ଅନ୍ଧାର ରାତିରେ କେହି ତାକୁ ଦେଖୁ ନ ଥିଲେ ବି ସେ ସମସ୍ତଙ୍କୁ ଦେଖୁଥାଏ । ତା'ଠାରୁ ସବୁ କିଛି ନେଲାପରେ ଆଉ କ'ଣ ଅଛି ତା' ପାଖରେ । ମୃତ୍ୟୁ ସହିତ ଲଢ଼େଇ କରି କରି କେବଳ ଦୁଃଖରେ ଦୋହଲୁଥିବା ଗଛର ପତ୍ର ପରି ଜୀବନଟା । କେବଳ ବଞ୍ଚିଛି ଆଖିରେ ଆଖିଏ ସ୍ମୃତି ନେଇ ଅସରନ୍ତି ଭାବନାରେ । ସେ ନିଜେ ନିଜକୁ ଅଚିହ୍ନା ହୋଇଯାଇଛି ନିଜ ପାଖରେ । କହିବାର ଇଚ୍ଛାଥିଲେ ବି, ଥୁଣ୍ଟା ବରଗଛ ଭଳି ଚାହିଁରହିଛି ନିରବତାରେ ।

ଆଖିରୁ ଝରୁଛି ଲୁହ ଅନ୍ତରୁ ଉଠୁଛି କୋହ
କହିବାକୁ ଖୋଲୁନାହିଁ ତାର ମୁହଁ,
ସୁଖବେଳ ଗଲା ଚାଲି ଏବେ ଦୁଃଖ ମରୁବାଲି
କାହା ଆଗେ କହିବ କିଏ ବା ବୁଝିବ
ଆହା ଟିକେ ଦେବ ବୋଲି ।

ତା'ର ଭାଇ, ବନ୍ଧୁ, ପୁଅ ରାଜନୀତି କଲେ, ତା' ସାମ୍ନାରେ ସବୁ ଦେଖିବାର ଇଚ୍ଛା ନ ଥାଇ ସେ ଦେଖୁଥିଲା । ସହିବାର ଶକ୍ତି ନ ଥାଇ ସେ ସହୁଥିଲା । ସବୁ ହରେଇ ଦେଇଛି ତା'ର ଫେରନ୍ତା ରାସ୍ତାରେ । ଅପେକ୍ଷାରତ କେବଳ ଅଫେରା ରାସ୍ତା । ଯେଉଁଦିନ ସେ ସେହି ରାସ୍ତାର ଯାତ୍ରୀ ହେବ ସେଦିନ ସେ ତା'ର ସମସ୍ତ ଦୁଃଖସୁଖ ଭୁଲିଯାଇ ସଂସାରରୁ ମୁକ୍ତି ପାଇଯିବ ପିଲେ ମୁକ୍ତି । ପିଲାମାନେ ମୁକ୍ତି କ'ଣ ବୁଝିବାକୁ ଚାହିଁଲେ– ବୁଢ଼ୀ ମାଆ ଆଖି ଛଳଛଳ କରି ଗଦ୍‌ଗଦ କଣ୍ଠରେ କହିଲେ, ଆରେ, ମୋ ସୁନା ନାତିନାତୁଣୀମାନେ ମୁକ୍ତି କହିଲେ ତା' ପାଇଁ ସଂସାର ଜଞ୍ଜାଳ ନ ଥିବ । କାହାର ହାତ ଟେକା ଅନ୍ନକୁ ଆଶ୍ରା ନ ଥିବ, କାହା ରାସ୍ତାରେ କଣ୍ଟା ହୋଇ ନ ଥିବ ତା'ର ଦୁଃଖ କିମ୍ବା ସୁଖ ନ ଥିବ । ସେ କଥା ସବୁ ଛାଡ଼, ଅତୀତ ଆଉ ବର୍ତ୍ତମାନକୁ ଫେରିଆସିବ ନାହିଁ । ମୁଁ ଗୋଟିଏ ତୁମକୁ ଭଲ ଶିକ୍ଷାଟିଏ ଦେବି, ମୋ କଥକୁ ମାନିବ କି ନାହିଁ । ଏକ ସଙ୍ଗରେ ପିଲେ ହଁ ମାଇଲେ । ବୁଢ଼ୀ ମା' (ରାଧୀ) କହିଲେ, ମୁଁ ଯାହା କହିବି ତାହା ଅକ୍ଷରେ ଅକ୍ଷରେ ପାଳନ କରିବ । ତୁମର ଭବିଷ୍ୟତ ଉଜ୍ଜ୍ୱଳ ହେବ । ଦିନେ ନା ଦିନେ ତୁମେ ଗୋଟିଏ ଗୋଟିଏ ଭଲ ମଣିଷ ହୋଇଉଠିବ । ମୋର କହିବାର କଥା ବାପାମାଆଙ୍କୁ ଅଣଦେଖା କେବେ କରିବ ନାହିଁ, ସବୁ ବାପାମାଆ ପିଲାମାନଙ୍କର ମଙ୍ଗଳ ଚାହାଁନ୍ତି, ଜନ୍ମ ଦେଇ ଲାଳନପାଳନ କରି ଛୋଟରୁ ବଡ଼ କରନ୍ତି । ଦେହ ମୁଣ୍ଡ ହେଲେ ପାଖରେ ଜଗି ବସନ୍ତି, ପଥ୍ୟ ଯୋଗାଇ ରୋଗମୁକ୍ତ କରାନ୍ତି, ପାଠଶାଠ ପଢ଼ାଇ ବଡ଼ ମଣିଷ ଭଳି ତିଆରି କରନ୍ତି । କହିଲ ଦେଖି, ଏତେସବୁ କରିବା ପରେ ବାପାମାଆ ବୁଢ଼ାହେଲେ ତାକୁ କ'ଣ ଅଣଦେଖା କରିବ ? ନା'ରେ ପିଲେ, ତାଙ୍କ ମନରେ କେବେ ଦୁଃଖ ଦେବନି । ତାଙ୍କ ଆଶୀର୍ବାଦ ସଦାସର୍ବଦା ପିଲାମାନଙ୍କ ପାଖରେ ଥାଏ । କହିଲ ଦେଖି, ମୁଁ କ'ଣ ଖରାପ କଥା କହୁଛି ? ପିଲାମାନେ ଜୋର୍‌ରେ କହିଉଠିଲେ, ବୁଢ଼ୀ ମା' ବୁଢ଼ୀ ମା' ଆମେ କେବେ ଅଣହେଳା କରିବୁ ନାହିଁ । ତୁମ ଅଙ୍ଗଲିଭା କାହାଣୀ ଆମେ ସବୁ ବୁଝିପାରୁଛୁ । ଜେଜେବାପା ଥିଲାବେଳେ ମଧ୍ୟ ଏମିତି ଦୁଃଖ ଗଳ୍ପ କହନ୍ତି । ମୋତେ କଥା ଦିଅ ପିଲେ– ବାପାମାଆଙ୍କ କଥା ମାନିବ କି ନାହିଁ ? ବାପାମାଆ ତଥା ଗୁରୁଜନମାନଙ୍କୁ ଭକ୍ତି କରିବ କି ନାହିଁ ? ହଁ ହଁ ବୁଢ଼ୀ ମାଆ ! ଆମେ ତୁମ କଥା ନିଶ୍ଚୟ ମନେରଖିବୁ । ଆମ ବାପାମାଆଙ୍କ ଭଳି ଭୁଲ୍ କେବେ କରିବୁ ନାହିଁ । ତୁମେ ଯେଉଁ ଜୀଅନ୍ତା ଶବର କାହାଣୀ କହିଲ, ଆମେସବୁ ବୁଝିପାରିଛୁ ବୁଢ଼ୀ ମାଆ । ସେଥିପାଇଁ ଆମେ ଦୁଃଖିତ ଆଉ ଅନୁତପ୍ତ କରୁଛୁ । ଥରକ ପାଇଁ ଆମ ବାପାମାଆଙ୍କୁ କ୍ଷମା କରିଦିଅ ବୁଢ଼ୀ ମାଆ । ତାଙ୍କ ପାଇଁ ଆମେ କ୍ଷମା ମାଗୁଛୁ । ଆରେ ପିଲେ– ତୁମେ କହିବା ଆଗରୁ ତୁମ ବାପାମାଆଙ୍କୁ କ୍ଷମା କରିସାରିଛି । ସେଇଥିପାଇଁ ଆଜି ତାଙ୍କ ପାଖରେ ପଡ଼ିରହିଛି । ଆଉ ଯିବି କୁଆଡ଼େ ମୋ ସୁନା ନାତିନାତୁଣୀମାନଙ୍କୁ ଛାଡ଼ି । ବୁଢ଼ୀ ମାଆ କଥାରେ ପିଲାମାନେ ବହୁତ ଖୁସି ହେଲେ ।

*ଇ/୧୦୯, ସେକ୍ଟର-୯, ରାଉରକେଲା*


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
“ଜାଗରେ ନବୀନ ତରୁଣ” ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି ‘ପ୍ରାଚୀ’ ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ’ ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି ‘ପ୍ରାଚୀ’

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ